# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୭/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, October 27/2023 | Page 16 | ₹ 7.00

୪୯ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 331 | ମୂଲ୍ୟ ₹୭/-



DSPL-308

ODISHA
INDIA'S BEST KEPT SECRET

ଆମ ଓଡ଼ିଶା ନବୀନ ଓଡ଼ିଶା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା
ଓଡ଼ିଶା ସରକାର



# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା

## ୨୦୨୩-୨୪ରେ ଦେଶର ବିଭିନ୍ନ ପ୍ରମୁଖ ତୀର୍ଥସ୍ଥାନ ଦର୍ଶନ ପାଇଁ ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଆବଶ୍ୟକୀୟ ସୂଚନା

ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବସବାସ କରୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ ସୁବିଧା ନିମନ୍ତେ ଓଡ଼ିଶା ସରକାର "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା" ୧ ଫେବୃଆରୀ ୨୦୧୬ରୁ ଶୁଭାରମ୍ଭ କରିଛନ୍ତି । ଏହା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଇଣ୍ଡିଆନ ରେଲଓ୍ୱେ କ୍ୟାଟରିଙ୍ଗ ଏବଂ ଟୁରିଜିମ କର୍ପୋରେସନ (IRCTC)ର ସହଯୋଗିତାରେ କାର୍ଯ୍ୟକାରୀ ହେଉଛି । ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ଓ୍ୱେବସାଇଟ dot.odisha.gov.in ରେ ଉପଲବ୍ଧ । ଏହି ଯୋଜନାର ସୁବିଧା ପାଇବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"ରେ ଯାତ୍ରା କରିବାର ସୁଯୋଗ ପାଇବେ ।

### ୧. ଯୋଗ୍ୟତା :

(କ) ଇଚ୍ଛୁକ ତୀର୍ଥଯାତ୍ରୀମାନେ ୬୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ୭୫ବର୍ଷରୁ କମ୍ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
(ଖ) ଆର୍ଥିକ ଦୁର୍ବଳ ଶ୍ରେଣୀ/ ଦାରିଦ୍ର୍ୟ ସୀମାରେଖାର ତଳେ ରହୁଥିବା ବରିଷ୍ଠ ନାଗରିକ ମାନଙ୍କୁ ଗସ୍ତ ଖର୍ଚ୍ଚର ସମ୍ପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଛି ।
(ଗ) ୭୦ ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ । ସହାୟକ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ସହାୟକଙ୍କ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବାକୁ ହେବ ।
(ଘ) ଆୟକର ଦେଉଥିବା ବରିଷ୍ଠ ନାଗରିକ ମାନେ ଏହି ଯୋଜନାର ପରିସରଭୁକ୍ତ ହେବେ ନାହିଁ ।
(ଙ) ଇଚ୍ଛୁକ ବରିଷ୍ଠ ନାଗରିକ ନିର୍ଦ୍ଧାରିତ ଫର୍ମ ଫଟୋଗ୍ରାଫ, ସ୍ଥାୟୀ ଠିକଣାର ପ୍ରମାଣପତ୍ର, ଆଧାର କାର୍ଡ୍, ବୟସ ପ୍ରମାଣପତ୍ରର ନକଲ ତଥା ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣପତ୍ର ସହ ନିଜ ଜିଲ୍ଲାର ପର୍ଯ୍ୟଟନ ଅଧିକାରୀ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।
(ଚ) ଇଚ୍ଛୁକ ତୀର୍ଥ ଯାତ୍ରୀ ଦୂରଯାତ୍ରା ପାଇଁ ଶାରିରୀକ ଏବଂ ମାନସିକ ସ୍ତରରେ ସୁସ୍ଥ ହୋଇଥିବେ । ସେ କୌଣସି ସଂକ୍ରାମକ ରୋଗ ଯଥା- ଯକ୍ଷ୍ମା, କୁଷ୍ଠ, ଶ୍ୱାସଜନିତ ରୋଗ ଓ ହୃଦରୋଗ ଇତ୍ୟାଦି ଦ୍ୱାରା ଆକ୍ରାନ୍ତ ହୋଇନଥିବେ ।

### ୨. ଆବେଦନ ପ୍ରଣାଳୀ :

(କ) ଆବେଦନ ଫର୍ମ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଓ ବ୍ଲକ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗ ଓ୍ୱେବସାଇଟ dot.odisha.gov.in ରେ ମିଳୁଅଛି ।
(ଖ) ଆବେଦନକାରୀ ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୦ ନଭେମ୍ବର ୨୦୨୩ ତାରିଖ ସନ୍ଧ୍ୟା ୫.୩୦ ସୁଦ୍ଧା ବ୍ୟକ୍ତିଗତ ଭାବେ କିମ୍ବା ଡ଼ାକଯୋଗେ ଦାଖଲ କରିବେ ।
(ଗ) ଚଳିତ ବର୍ଷ ଆବେଦନକାରୀ ୧ ନଭେମ୍ବର ୨୦୨୩ ସକାଳ ୧୦ ଘଟିକା ଠାରୁ ୧୦ ନଭେମ୍ବର ୨୦୨୩ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଅନଲାଇନ୍ ଲିଙ୍କ yatra.odisha.gov.in ମାଧ୍ୟମରେ ମଧ୍ୟ ଆବେଦନ କରିପାରିବେ ।

### ୩. ଚୟନ ପ୍ରଣାଳୀ :

(କ) ଦରଖାସ୍ତକାରୀଙ୍କ ଠାରୁ ଦରଖାସ୍ତ ଗ୍ରହଣ କଲା ପରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦରଖାସ୍ତ ଗୁଡ଼ିକୁ ତନଖି କରି ସେଥିରେ ଜିଲ୍ଲା କୋଡ୍ ଏବଂ କ୍ରମିକ ସଂଖ୍ୟା ପ୍ରଦାନ କରିବେ । ପ୍ରତ୍ୟେକ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତୀର୍ଥଯାତ୍ରୀଙ୍କର ସଂଖ୍ୟା ଠାରୁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେଲେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯାଇ ବଛା ଯାଇଥିବା ତୀର୍ଥ ଯାତ୍ରୀଙ୍କୁ ସେମାନଙ୍କ ଠିକଣାରେ ଜଣାଇ ଦିଆଯିବ ।
(ଖ) ଚଳିତ ଆର୍ଥିକ ବର୍ଷରେ ନିମ୍ନଲିଖିତ ସ୍ଥାନମାନଙ୍କରୁ ୯ ଟି ଟ୍ରେନ ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିବ ।

| କ୍ର. ସଂ | ପ୍ରାରମ୍ଭ ଷ୍ଟେସନ | ଜିଲ୍ଲା | ଯାତ୍ରା ବିବରଣୀ | ଯାତ୍ରା ଅବଧି | ଜଣପିଛା ଯାତ୍ରାଖର୍ଚ୍ଚ | ଯାତ୍ରାର ତାରିଖ |
|---|---|---|---|---|---|---|
| ୧ | ଭୁବନେଶ୍ୱର | କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଢେଙ୍କାନାଳ | ୧. ହରିଦ୍ୱାର-ଋଷିକେଶ | ୬ ଦିନ | ୧୬୮୦୦ | ୨୩.୧୧.୨୦୨୩ ରୁ ୨୮.୧୧.୨୦୨୩ |
| | | | ୨. ତିରୁପତି-ଭେଲ୍ଲୋର | ୬ ଦିନ | ୧୬୮୦୦ | ୦୮.୦୨.୨୦୨୪ ରୁ ୧୩.୦୨.୨୦୨୪ |
| ୨ | ସମ୍ବଲପୁର | ସମ୍ବଲପୁର, ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ | ୧. କୋଲକତା-କାମାକ୍ଷା | ୬ ଦିନ | ୧୬୮୦୦ | ୦୬.୧୨.୨୦୨୩ ରୁ ୧୧.୧୨.୨୦୨୩ |
| | | | ୨. ଆଜମିର-ପୁଷ୍କର | ୬ ଦିନ | ୧୬୮୦୦ | ୧୯.୦୨.୨୦୨୪ ରୁ ୨୪.୦୨.୨୦୨୪ |
| ୩ | ରାୟଗଡା | କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନାଗିରି, କଳାହାଣ୍ଡି ଓ ନୂଆପଡା | ୧. ଶିରିଡି-ନାସିକ | ୬ ଦିନ | ୧୬୮୦୦ | ୧୯.୧୨.୨୦୨୩ ରୁ ୨୪.୧୨.୨୦୨୩ |
| | | | ୨. ଗୟା-ବାରଣାସୀ | ୬ ଦିନ | ୧୬୮୦୦ | ୨୮.୦୧.୨୦୨୪ ରୁ ୦୨.୦୨.୨୦୨୪ |
| ୪ | ବାଲେଶ୍ୱର | ଯାଜପୁର, ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ଓ କେନ୍ଦୁଝର | ୧. ଉଜ୍ଜୟନୀ-ଓମ୍‌କାରେଶ୍ୱର | ୬ ଦିନ | ୧୬୮୦୦ | ୦୫.୦୧.୨୦୨୪ ରୁ ୧୦.୦୧.୨୦୨୪ |
| | | | ୨. ଆଗ୍ରା-ମଥୁରା | ୬ ଦିନ | ୧୬୮୦୦ | ୦୨.୦୩.୨୦୨୪ ରୁ ୦୭.୦୩.୨୦୨୪ |
| ୫ | ବ୍ରହ୍ମପୁର | ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ | ବାରଣାସୀ-ପ୍ରୟାଗରାଜ | ୬ ଦିନ | ୧୬୮୦୦ | ୧୭.୦୧.୨୦୨୪ ରୁ ୨୨.୦୧.୨୦୨୪ |

ବି.ଦ୍ର:
୧ ଆବେଦନକାରୀ ବରିଷ୍ଠ ନାଗରିକମାନେ କେବଳ ନିଜ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତୀର୍ଥସ୍ଥାନକୁ ଯାତ୍ରା କରିପାରିବେ ।
୨ (କ) ଚୟନ କରାଯାଇଥିବା ତୀର୍ଥଯାତ୍ରୀଙ୍କୁ ନିଜ ବାସସ୍ଥାନରୁ ଷ୍ଟେସନ୍ ଏବଂ ତୀର୍ଥଯାତ୍ରା ପରେ ନିଜ ବାସସ୍ଥାନକୁ ଫେରିବା ବାବଦ ଗସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।
(ଖ) ଯାତ୍ରୀମାନେ କେବଳ ୨ୟ ଶୟନ ଶ୍ରେଣୀରେ (2nd Class Sleeper) ଯାତ୍ରା କରିପାରିବେ ।
୩ ଯାତ୍ରୀମାନଙ୍କୁ ଯାତ୍ରାକାଳୀନ ସୁବିଧା:
(କ) ଯାତ୍ରୀମାନଙ୍କୁ ସରକାରଙ୍କ ତରଫରୁ ଏକ ସତନ୍ତ୍ର ଟ୍ରାଭେଲ କିଟ୍ (ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ) ଏବଂ ପରିଚୟ ପତ୍ର ଯୋଗାଇ ଦିଆଯିବ ।
(ଖ) ଟ୍ରେନ୍ ଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କୁ ସକାଳ ଏବଂ ସନ୍ଧ୍ୟାରେ ଜଳଖିଆ, ନିରାମିଷ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରି ଭୋଜନର ବ୍ୟବସ୍ଥା ସହିତ ରେଳ ଷ୍ଟେସନ୍‌ରୁ ତୀର୍ଥସ୍ଥାନକୁ ନେବା ଓ ଆଣିବାପାଇଁ ପରିବହନ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ଦ୍ୱାରା କରାଯିବ ।

ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ

---

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପାଇଁ ଆବେଦନ ଫର୍ମ

କ. ଏକକ ଆବେଦନକାରୀଙ୍କ ନିମନ୍ତେ :

| | | | | | | |
|---|---|---|---|---|---|---|
| ୧. | ନାମ* : | | | | | ଆବେଦନକାରୀଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ : | | | | | |
| ୩. | ଠିକଣା* : | | | | | |
| ୪. | ଆଧାର ନମ୍ବର* : | | | | | |
| ୫. | ଫୋନ, ମୋବାଇଲ ନଂ/ ଇ ମେଲ : | | | | | |
| ୬. | ଜନ୍ମ ତାରିଖ * : | ୭. | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୮. | ପରିବାରର ଶ୍ରେଣୀ*: | ଆର୍ଥିକ ଦୁର୍ବଳ ଶ୍ରେଣୀ | | ୯. | ବ୍ଲଡ଼ଗ୍ରୁପ୍ | |

ଖ. ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକତ୍ର ଯାତ୍ରା ପାଇଁ ଇଚ୍ଛୁକ ଥିଲେ ନିମ୍ନଲିଖିତ ସୂଚନା ଆବଶ୍ୟକ (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ):

| | | | | |
|---|---|---|---|---|
| ୧. | ସ୍ତ୍ରୀଙ୍କ ନାମ* : | | | ସ୍ତ୍ରୀଙ୍କ ଫଟୋ |
| ୨. | ଜନ୍ମ ତାରିଖ *: | | | |
| ୩. | ଆଧାର ନମ୍ବର *: | ୪. ବ୍ଲଡ଼ଗ୍ରୁପ୍ | | |

ଗ. କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସହ ଯାଉଥିବା ସହାୟକଙ୍କ ନିମନ୍ତେ ନିମ୍ନଲିଖିତ ସୂଚନା ଆବଶ୍ୟକ । (ଅନ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ)

| | | | | | | |
|---|---|---|---|---|---|---|
| ୧. | ନାମ*: | | | | | ସହାୟକଙ୍କ ଫଟୋ |
| ୨. | ପିତା / ସ୍ୱାମୀଙ୍କ ନାମ : | | | | | |
| ୩. | ଠିକଣା* : | | | | | |
| ୪. | ଫୋନ, ମୋବାଇଲ ନଂ/ ଇ ମେଲ୍ : | | | | | |
| ୫. | ଜନ୍ମ ତାରିଖ * : | ୬ | ଲିଙ୍ଗ | ପୁରୁଷ | ମହିଳା | ଅନ୍ୟାନ୍ୟ |
| ୭. | ଆଧାର ନମ୍ବର : | ୮ | ବ୍ଲଡ଼ଗ୍ରୁପ୍ | | | |

ଘ. ସହାୟକଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟର ସମ୍ପୂର୍ଣ୍ଣ ବିବରଣୀ:

| ବ୍ୟାଙ୍କର ନାମ | ବ୍ୟାଙ୍କ ଡ୍ରାଫ୍ଟ ନମ୍ବର | ତାରିଖ | ପରିମାଣ |
|---|---|---|---|
| | | | |

ମୁଁ ଶ୍ରୀ/ଶ୍ରୀମତୀ.................................... ପିତା/ସ୍ୱାମୀ .................................... ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ଜଣେ ଆୟକର ଦାତା ନୁହେଁ । ମୁଁ ଏହି ତୀର୍ଥଯାତ୍ରା କରିବା ପାଇଁ ଶାରିରୀକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବିବରଣୀ ମୋର ଜ୍ଞାନ ଓ ବିଶ୍ୱାସ ମତେ ସତ୍ୟ ଅଟେ । ଉପରୋକ୍ତ ଫର୍ମରେ ଦେଇଥିବା କୌଣସି ବିବରଣୀ ଅସତ୍ୟ ହୋଇଥିଲେ ଏଥିପାଇଁ ମୁଁ ଦାୟୀ ରହିବି ଏବଂ ଯାତ୍ରା ପାଇଁ ଅଯୋଗ୍ୟ ବିବେଚିତ ହେବି । ଯାତ୍ରା ସମୟରେ ଦୁର୍ଘଟଣା କିମ୍ବା ଅଘଟଣ ନିମନ୍ତେ ରାଜ୍ୟ ସରକାର ଦାୟୀ ରହିବେ ନାହିଁ ।

ତାରିଖ:
ସ୍ଥାନ: ଆବେଦନକାରୀଙ୍କ ସ୍ୱାକ୍ଷର

---

ପ୍ରାପ୍ତି ସ୍ୱୀକାର ପତ୍ର
ଶ୍ରୀ/ଶ୍ରୀମତୀ .................................... ପିତା/ସ୍ୱାମୀ ....................................
ଠିକଣା ........................................................................ ଙ୍କ ଠାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବା ନିମନ୍ତେ ଆବେଦନ ପତ୍ର ତଥା ଏଥି ସହ ସଂଲଗ୍ନ ନିମ୍ନଲିଖିତ ପ୍ରମାଣପତ୍ର ଏବଂ ବ୍ୟାଙ୍କ ଡ୍ରାଫ୍ଟର ପ୍ରାପ୍ତି ସ୍ୱୀକାର କରାଗଲା ।

ତାରିଖ: ଗ୍ରହଣକାରୀଙ୍କ ସ୍ୱାକ୍ଷର

ବି.ଦ୍ର.:
୧. ଆବେଦନକାରୀ ନିଜ ଦ୍ୱାରା ସଠିକ ଭାବେ ପୂରଣ କରାଯାଇଥିବା ଫର୍ମ ସହିତ ପରିଚୟପତ୍ର, ଆଧାର କାର୍ଡ, ବୟସ ଓ ଠିକଣା ସମ୍ବନ୍ଧୀୟ ପ୍ରମାଣପତ୍ର, ଆର୍ଥିକ ଦୁର୍ବଳ ଶ୍ରେଣୀ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ଓ ଦୁଇଗୋଟି ପାସ୍‌ପୋର୍ଟ୍ ଫଟୋ ଦରଖାସ୍ତ ସହ ସଂଲଗ୍ନ କରିବେ ।
୨. ଆବେଦନକାରୀ ନିଜର ପରିଚୟ, ବୟସ, ଠିକଣା ଇତ୍ୟାଦିର ପ୍ରମାଣପତ୍ର ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦରଖାସ୍ତ ସହ ଦାଖଲ କରିବେ । ଏତଦ୍‌ବ୍ୟତୀତ ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍ କାର୍ଡ / ଅନ୍ତୋଦୟ / ଅନ୍ନପୂର୍ଣ୍ଣା କାର୍ଡ / ବାର୍ଦ୍ଧକ୍ୟ ଭତ୍ତା / ବିଧବା ଭତ୍ତା / ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଖାଉଟି କାର୍ଡ ଇତ୍ୟାଦି ଯେଉଁଥିରେ କି ସେମାନଙ୍କର ନାମ ଓ ବୟସର ବିବରଣୀ ଥିବ ସେଥିରୁ ଯେକୌଣସି ଗୋଟିଏ ଆର୍ଥିକ ଦୁର୍ବଳ ଶ୍ରେଣୀ ଅର୍ନ୍ତଗତ ପ୍ରମାଣପତ୍ର ଭାବରେ ଦରଖାସ୍ତ ସହ ସଂଲଗ୍ନ କରିବେ ।
୩. ସହାୟକ ବାବଦ ବ୍ୟାଙ୍କ ଡ୍ରାଫ୍ଟ, ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ କରାଯାଇ ଦାଖଲ କରାଯିବ । (Bank Draft in the Name of Director, Tourism & Payable at Bhubaneswar.
୪. ଅଧିକ ବିବରଣୀ ପାଇଁ ଟେଲିଫୋନ ନଂ: ୦୬୭୪-୨୪୩୨୧୭୭, ମୋ: ୯୪୩୮୩୮ ୨୭୫୩ରେ ସମ୍ପର୍କ କରନ୍ତୁ ।

OIPR-37001/13/0026/2324



ପର୍ଯ୍ୟଟନ ବିଭାଗ ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍, ଭୁବନେଶ୍ୱର

www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial



प्रवेश नि:शुल्क
झारखण्ड
महिला एशियन चैंपियंस ट्रॉफी 2023
आज से शुभारंभ
27 अक्टूबर 2023 | सायं 4:00 बजे से
आज के मैच
समय: सायं 4:00 बजे से
जापान VS मलेशिया
समय: सायं 6:15 बजे से
चीन VS कोरिया
समय: सायं 8:30 बजे से
भारत VS थाईलैंड
स्टेडियम में प्रवेश (दर्शकों के लिए) अपराह्न 2:00 बजे से
JUHI
स्थान : मरङ गोमके जयपाल सिंह मुण्डा एस्ट्रोटर्फ हॉकी स्टेडियम, रांची
WATCH LIVE ON
Title Sponsor
Host Partner
AHF Partners
Official Partner
Official Suppliers
सूचना एवं जनसंपर्क विभाग, झारखण्ड सरकार
PR-309932 (IPRD) 2023-24

DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୭/୨୦୨୩ | Bhubaneswar, Friday, October 27/2023 | ପୃଷ୍ଠା-୧



## ଲାହିରୁ କୁମାରା ପ୍ଲେୟର ଅଫ୍ ଦି ମ୍ୟାଚ୍

ଇଂଲଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଶ୍ରୀଲଙ୍କାର ଲାହିରୁ କୁମାରା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୩ | ୦୮

## ବିବାହ କରିବେ କଙ୍ଗନା

ଆସନ୍ତା ୫ ବର୍ଷ ମଧ୍ୟରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ବିବାହ କରିବେ ବୋଲି ଏକ ସାକ୍ଷାତ୍କାରରେ କହିଛନ୍ତି।





ବିଦାୟୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଗୁରୁବାର ରାଜଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଅଛନ୍ତି। (ରିପୋର୍ଟ: ପୃଷ୍ଠା-୫)

# ପସନ୍ଦର ବିବାହକୁ ବାଧା ଦେଇପାରିବନି ପରିବାର

## ଦିଲ୍ଲୀ ହାଇକୋର୍ଟଙ୍କ ରାୟ

ନୂଆଦିଲ୍ଲୀ,୨୬।୧୦(ପି.ଟି.)

ଜଣେ ନିଜ ପସନ୍ଦର ବ୍ୟକ୍ତିଙ୍କୁ ବିବାହ କରିବା ତାଙ୍କର ଏକାଧିକାର ଓ ସାମ୍ବିଧାନିକ ଭାବେ ସୁରକ୍ଷିତ। ଏଭଳି ବିବାହରେ ପରିବାର ସଦସ୍ୟ ବାଧକ ହୋଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ଏକ ଦମ୍ପତି ବିବାହ ପରେ ନିଜ ପରିବାରରୁ ବିପଦର ସମ୍ମୁଖୀନ ହୋଇଥିବାରୁ ହାଇକୋର୍ଟ ସେମାନଙ୍କୁ ପୋଲିସ ସୁରକ୍ଷା ମଞ୍ଜୁର କରିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ନାଗରିକଙ୍କୁ ସୁରକ୍ଷା ଯୋଗାଇବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ। ହାଇକୋର୍ଟ ଏକ ସାମ୍ବିଧାନିକ ଅଦାଲତ ଭାବେ ଦମ୍ପତିଙ୍କୁ ସାମ୍ବିଧାନିକ ଅଧିକାର ମିଳିବା ଆଶା କରେ ବୋଲି ଜଷ୍ଟିସ୍ ତୁଷାର ରାଓ ଗେଡେଲା କହିଛନ୍ତି। ଆବେଦନକାରୀ ତାଙ୍କ ପିଟିଶନରେ ଦର୍ଶାଇଥିଲେ ଯେ ସେମାନେ ପରିବାରର ଇଚ୍ଛା ବିରୋଧରେ ଗତ ଏପ୍ରିଲରେ ପରସ୍ପରକୁ ବିବାହ କରିଥିଲେ। ସେବେଠାରୁ ସେମାନେ ଏକାଠି ଖୁସିରେ ରହିଆସୁଛନ୍ତି। ତେବେ ପରିବାର ସଦସ୍ୟ, ବିଶେଷ କରି ଝିଅର ମାଆଙ୍କଠାରୁ ଧମକ ଦିଆଯାଉଥିବା ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ଦମ୍ପତିଙ୍କର ଯେପରି କୌଣସି କ୍ଷତି ନ ଘଟେ, ସେଥିପାଇଁ ପୋଲିସ ସୁରକ୍ଷା ଯୋଗାଇଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ଆଣ୍ଟିବାୟୋଟିକ୍ ଅଭାବ**

# ୨୨ ଜଣଙ୍କୁ ଗୁଳିକରି ହତ୍ୟା

ଲେୱିଷ୍ଟନ୍/ୱାଶିଂଟନ୍,୨୬।୧୦

ଆମେରିକାର ମେନ୍ ରାଜ୍ୟସ୍ଥିତ ଲେୱିଷ୍ଟନ୍‌ର ଏକ ରେଷ୍ଟୁରାଣ୍ଟ ଓ ବୋଲିଂ ଏଲିରେ ବୁଧବାର ରାତି ୭ଟାରେ ଗୁଳିକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ଆଖିବୁଜା ଗୁଳି ଚଳାଇବାରୁ ସେଠାରେ ଥିବା ଅନ୍ୟୂନ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ଏହା ହେଉଛି ଚଳିତବର୍ଷ ଆମେରିକାରେ ଘଟିଥିବା ସବୁଠୁ ଘାତକ ଗୁଳିକାଣ୍ଡ। ଏହି ଜଘନ୍ୟ ଗଣହତ୍ୟା ପରେ ବନ୍ଧୁକଧାରୀ ରବର୍ଟ କାର୍ଡଙ୍କୁ ଶତାଧିକ ପୋଲିସ ଅଧିକାରୀ ଖୋଜୁଛନ୍ତି। ମେନ୍‌ର ଜନ ସୁରକ୍ଷା ଅଧିକାରୀ ମାଇକ୍ ସଉସ୍‌ଚୁକ୍ କହିଛନ୍ତି, ଆମେରିକୀୟ ☞ପୃଷ୍ଠା-୨

### ରବର୍ଟ କାର୍ଡ କିଏ



ରବର୍ଟ କାର୍ଡ

୪୦ ବର୍ଷୀୟ ରବର୍ଟ କାର୍ଡ ସେନା ଦ୍ୱାରା ତାଲିମପ୍ରାପ୍ତ ଜଣେ ବନ୍ଧୁକ ପ୍ରଶିକ୍ଷକ। ପୂର୍ବରୁ ସେ ସାକୋ ନ୍ୟାଶନାଲ ଗାର୍ଡ ବେସ୍‌ରେ ଆକ୍ରମଣ କରିବା ନେଇ ଧମକ ଦେଇଥିଲେ। ଏକ ଆମେରିକୀୟ ଗୋଇନ୍ଦା ଦସ୍ତାବିଜ ଅନୁସାରେ ପୋଲିସ କାର୍ଡଙ୍କୁ 'ସଶସ୍ତ୍ର ଓ ବିପଜ୍ଜନକ' ବୋଲି ଅଭିହିତ କରିଥିଲା। ତେବେ ବୁଧବାରର ଶୁଟିଂ ପରେ ଆଇନ ପ୍ରବର୍ତ୍ତନକାରୀ ଅଧିକାରୀମାନେ ତାଙ୍କ ସମ୍ପର୍କିତ ଏକ ବୁଲେଟିନ୍ ଜାରି କରିଛନ୍ତି। କାର୍ଡ ନିକଟରେ ଏକ ମାନସିକ ସ୍ୱାସ୍ଥ୍ୟ ହସ୍ପିଟାଲରେ ୨ ସପ୍ତାହ ପାଇଁ ଚିକିତ୍ସାଧୀନ ଥିଲେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# କାତାରରେ ୮ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡାଦେଶ

## ନୌସେନାରୁ ଅବସର ପରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ

ଦୋହା/ନୂଆଦିଲ୍ଲୀ,୨୬।୧୦

ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗୁରୁବାର କାତାରସ୍ଥିତ ଏକ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଭାରତ ଏହାକୁ ଅତ୍ୟନ୍ତ ଆଚମ୍ବିତ କରିଦେବା ଭଳି ରାୟ ଭାବେ ଅଭିହିତ କରିଛି। ସେମାନଙ୍କୁ ମୁକ୍ତ କରିବା ପାଇଁ ସବୁ ପ୍ରକାର ଆଇନଗତ ବିକଳ୍ପର ସନ୍ଧାନ ଚାଲିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

କ୍ୟାପ୍ଟେନ ନଭତେଜ ସିଂ ଗିଲ୍, କ୍ୟାପ୍ଟେନ ବୀରେନ୍ଦ୍ର କୁମାର ବର୍ମା, କ୍ୟାପ୍ଟେନ ସୌରଭ ବଶିଷ୍ଠ, କମାଣ୍ଡର ଅମିତ ନାଗପାଲ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କମାଣ୍ଡର ସୁଗୁଣାକର ପାକଲା, କମାଣ୍ଡର ସଞ୍ଜୀବ ଗୁପ୍ତା ଓ ନାବିକ ରାଗେଶ ଭାରତୀୟ ନୌସେନାର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଥିଲେ। ପୂର୍ଣ୍ଣେନ୍ଦୁ ଭାରତରେ ଥିବାବେଳେ ନିଜ କ୍ୟାରିୟରରେ ଅନେକ ଯୁଦ୍ଧଜାହାଜରେ ସେବା ପ୍ରଦାନ କରିଥିଲେ। ଏହି ଅଧିକାରୀମାନେ ଚାକିରିରୁ ଅବସର ନେବା ପରେ କାତାରରେ ଥିବା 'ଏଆଇ ଦହରା ଗ୍ଲୋବାଲ ଟେକ୍ନୋଲୋଜି ଆଣ୍ଡ କନ୍‌ସଲ୍‌ଟାନ୍ସି ସର୍ଭିସେସ୍' ନାମକ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପୂର୍ଣ୍ଣେନ୍ଦୁ ଉକ୍ତ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ପଦରେ ଅବସ୍ଥାପିତ ଥିଲେ। କାତାର ସଶସ୍ତ୍ର ବଳ ଓ ସୁରକ୍ଷା ଏଜେନ୍ସିଗୁଡ଼ିକର କର୍ମଚାରୀମାନଙ୍କୁ ତାଙ୍କ ସହ ଅନ୍ୟମାନେ ତାଲିମ ଦେଉଥିଲେ। ୨୦୨୨ ଅଗଷ୍ଟ ୩୦ରେ ଦୋହାରେ କାତାରୀ ଇଣ୍ଟେଲିଜେନ୍ସ ସର୍ଭିସ୍ ପକ୍ଷରୁ ସେମାନଙ୍କୁ ଗିରଫ କରାଯାଇଥିଲା। ଏହି ଭାରତୀୟ ☞ପୃଷ୍ଠା-୨






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୭ ଅକ୍ଟୋବର, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କିରାଣୀ କି ଦେଇ ମୁଣ୍ଡ ତୋର**
**ପାହୁରାଣୀ କି କିଆଁ ତେବେ ଡର?**

ବିପଦଠାରୁ ନିଜକୁ ଦୂରେଇ ରଖିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ତେବେ ଜାଣିଶୁଣି ବିପଦକୁ ବରଣ କରୁଥିବା ବ୍ୟକ୍ତି ତାହାର ଫଳକୁ ନେଇ ଭୟଭୀତ ହେବା ଅନୁଚିତ ଅର୍ଥରେ ଏଭଳି ସମାଲୋଚନା କରାଯାଇଛି।

ଢମଣା ଗାତରେ ପଶିଚି ମୂଷା
ସିଂହ କୋରଡ଼ରେ ପଶିଚି ଶଶା।

ସାଧାରଣତଃ ଢମଣା ଗାତରେ ମୂଷା ପଶିଲେ ବା ସିଂହ ଗୁମ୍ଫାରେ ଠେକୁଆ ପଶିଲେ ସେଠାରୁ ଅକ୍ଷତ ଅବସ୍ଥାରେ ଉଦ୍ଧାର ପାଇବା ନିହାତି ଅସମ୍ଭବ ହୋଇଥାଏ। ତେଣୁ ଯେତେ ସରଳ ଓ ନିଷ୍କପଟ ହୋଇଥିଲେ ମଧ୍ୟ ଭୟଙ୍କର ସ୍ଥାନରେ ପ୍ରବେଶ କଲେ ସେଠାରୁ ରକ୍ଷା ପାଇବା ଅତ୍ୟନ୍ତ କଷ୍ଟକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ଭସାଣି ଶୋଭାଯାତ୍ରାରେ ମାଇକ୍ ବନ୍ଦକୁ ନେଇ ଉତ୍ତେଜନା


ସିନେମା ଛକରେ ପୋଲିସର ଲାଠିଚାଳନା ଓ ଶୋଭାଯାତ୍ରାକାରୀଙ୍କ ଟେକା ମାଡ଼ରେ ଆହତ ପୋଲିସ କର୍ମଚାରୀ।

**ବାଲେଶ୍ୱର,୨୬।୧୦(ମାନସ ବିଶ୍ୱାଳ)**

ବାଲେଶ୍ୱର ସହରରେ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ସମୟରେ ମାଇକ୍ ବନ୍ଦକୁ ନେଇ ପୋଲିସ ଏବଂ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପକ୍ଷରୁ ମାଇକ୍ ବନ୍ଦ କରିବା ପାଇଁ ବାଧ କରାଯାଇଥିବା ବେଳେ ଶୋଭାଯାତ୍ରାକାରୀମାନେ ପୋଲିସ ଉପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ ୨/୩ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ମୃଦୁ ଲାଠିଚାଳନା କରିବାକୁ ବାଧ୍ୟ ହୋଇଥିଲା। ପରେ ଜିଲା ପୋଲିସ ପ୍ରଶାସନର ଉଚ୍ଚ ଅଧିକାରୀ ଓ ପୂଜା କମିଟି ସଦସ୍ୟଙ୍କ ମଧ୍ୟରେ ଆଲୋଚନା ପରେ ଭସାଣି ଶୋଭାଯାତ୍ରା ହୋଇଥିଲା।

ଉଦ୍ଧୃତ ଶୋଭାଯାତ୍ରାକାରୀଙ୍କ ଟେକାପଥର ମାଡ଼ରେ ୩ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମାଇକ୍ ନ ବଜାଇବା ପାଇଁ ପ୍ରଶାସନ ପକ୍ଷରୁ କଡାକଡି ନିୟମ ପାଳନ କରି ମାଇକ୍ ବନ୍ଦ କରିଥିଲେ। ଟାଉନ ହଲ୍ ପାଖରୁ ଆସୁଥିବା ମେଢ ସିନେମା ଛକରେ ଛିଡ଼ା ହୋଇ ରହିଥିଲା। ଭସାଣି ଶୋଭାଯାତ୍ରାକାରୀ ସେହି ସ୍ଥାନ ଛାଡ଼ି ଯାଇ ନ ଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଉତ୍ତେଜନା ଦେଖାଯିବାରୁ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ତଥା ସେଠାରେ ଭିଡକୁ ଭାଙ୍ଗିବା ପାଇଁ ମୃଦୁ ଲାଠିଚାଳନା କରିଥିଲା। ପରେ ଶାନ୍ତି କମିଟି ସଦସ୍ୟ, ପୂଜା କମିଟିର ଦୁଇଜଣ ସଦସ୍ୟ ଏସ୍‌ପିଙ୍କ ସହ ଆଲୋଚନା କରି ପୋଲିସ ସହାୟତାରେ ମେଢ଼ ଆଗକୁ ନେଇ ବାଲିଘାଟଠାରେ ବିସର୍ଜନ କରିଥିଲେ। ସେହିପରି କଲେଜ ରୋଡ୍ ପଟୁ ଆସୁଥିବା ମେଢଗୁଡ଼ିକ ମଧ୍ୟ ମାଇକ୍ ବନ୍ଦ କରି ପୋଲିସ ସହାୟତାରେ ସିନେମା ଛକ ଅତିକ୍ରମ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରଦ୍ଧାଳୁମାନେ ଆତଙ୍କିତ ହୋଇ ଉକ୍ତ ସ୍ଥାନ ଛାଡ଼ି ପଳାଇଯାଇଥିଲେ।

# ବର୍ତ୍ତମାନ କୌଣସି ବସ୍ ଧର୍ମଘଟ ହେବ ନାହିଁ: ପରିବହନ ମନ୍ତ୍ରୀ

## ଧର୍ମଘଟ ସ୍ଥଗିତ ଅଛି, ପ୍ରତ୍ୟାହାର ହୋଇନି: ସଂଘ

**ଭୁବନେଶ୍ୱର,୨୬।୧୦(ଅନିଲ ଦାସ)**

ରାଜ୍ୟରେ ବର୍ତ୍ତମାନ କୌଣସି ବସ୍ ଧର୍ଘଘଟ ହେବନାହିଁ। ଗୁରୁବାର ଖାରବେଳ ଭବନଠାରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସହିତ ଆଲୋଚନା ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଗଣମାଧ୍ୟମକୁ ଏହା କହିଛନ୍ତି। ସେ କହିଛନ୍ତି ଯେ ଗ୍ରାମାଞ୍ଚଳ ଲୋକମାନଙ୍କୁ ଘର ଦୁଆରେ ବସ୍ ସେବା ଯୋଗାଇ ଦେବା ସକାଶେ ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ସଂଘର କର୍ମକର୍ତ୍ତାମାନଙ୍କୁ ଏ ବିଷୟରେ ଅବଗତ କରାଯାଇଛି। ସେମାନେ ମଧ୍ୟ ନିଜର ଅଭିଯୋଗ ଆମ ନିକଟରେ ରଖିଛନ୍ତି। ଅକ୍ଟୋବର ୩୦ ସୁଦ୍ଧା ଦାବି ପୂରଣ ନେଇ ସେମାନେ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ଗ୍ରାମାଞ୍ଚଳର ଯେଉଁ ସ୍ଥାନକୁ ବସ୍ ସେବା ନାହିଁ ସେହି ସବୁ ଅଞ୍ଚଳ ପାଇଁ ଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି। ବସ୍ ମାଲିକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହି ଯୋଜନାକୁ ସେମାନେ ବିରୋଧ କରୁନାହାନ୍ତି। ତେବେ ଯେଉଁ ରୁଟ୍‌ଗୁଡ଼ିକରେ ଘରୋଇ ବସ୍ ଚଳାଚଳ କରୁଛି ସେହି ସବୁ ରୁଟ୍‌ରେ ଲକ୍ଷ୍ମୀ ବସ୍ ନ ଚଳାଇବାକୁ ସଂଘର କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି। ଘରୋଇ ବସ୍‌ଗୁଡ଼ିକ ଯେପରି ଅସୁବିଧାର ସମ୍ମୁଖୀନ ନ ହେବ ସେ ଦିଗରେ ଧ୍ୟାନ ଦିଆଯିବ। ଏହାଛଡ଼ା ସେମାନଙ୍କ ଅନ୍ୟାନ୍ୟ ଦାବି ମଧ୍ୟ ରହିଛି। ଆଲୋଚନା ମାଧ୍ୟମରେ ସେ ସବୁର ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ସହ ଆଲୋଚନା ସଫଳ କି ବିଫଳ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଅକ୍ଟୋବର ୩୧ ପର୍ଯ୍ୟନ୍ତ ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ଧର୍ମଘଟ ପ୍ରତ୍ୟାହାର ହୋଇନାହିଁ। ଅକ୍ଟୋବର ୩୦ରେ ସଂଘର ବୈଠକ କରାଯାଇ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ। ଘରୋଇ ବସ୍ ଚାଲୁଥିବା ରୁଟ୍‌ର ଚାର୍ଟ ସରକାରଙ୍କୁ ଦିଆଯାଇଛି। ଆମେ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅକ୍ଟୋବର ୧୨ରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଆକ୍ସେସିବଲ୍ ମଲ୍‌ଟିମୋଡାଲ ଇନିସିଏଟିଭ(ଲକ୍ଷ୍ମୀ) ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଏବଂ ଗଜପତି ଜିଲାକୁ ବସ୍ ଚଳାଚଳ ଆରମ୍ଭ ହୋଇଛି। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟ ଓ ଜିଲା ମୁଖ୍ୟାଳୟକୁ ବସ୍ ସେବା ଯୋଗାଇ ଦିଆଯିବ। ତେବେ ଘରୋଇ ବସ୍ ମାଲିକମାନେ ବ୍ଲକରୁ ଜିଲାକୁ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରିଥିଲେ।

# ଚିକିତ୍ସା ପାଇଁ ବାପାଙ୍କୁ ୩୫ କି.ମି. ଟ୍ରଲିରେ ବୋହିଲେ ଝିଅ

- ଜମିଜମା ବିବାଦରୁ ଆକ୍ରମଣରେ ହାତ ଭାଙ୍ଗିଥିଲା
- ବିଧାୟକଙ୍କ ହସ୍ତକ୍ଷେପ ପରେ ଚିକିତ୍ସା ବ୍ୟବସ୍ଥା ହେଲା
- ଯଥାଶୀଘ୍ର ଅସ୍ତ୍ରୋପଚାର ପ୍ରତିଶ୍ରୁତି ଦେଲେ ସିଡିଏମ୍‌ଓ

**ଭଦ୍ରକ, ୨୬।୧୦(ସନାତନ ରାଉତ)**

ବାପାଙ୍କ ଯନ୍ତ୍ରଣା ସହିପାରିଲେନି। ସାହି ପଡ଼ୋଶୀ କେହି ସହଯୋଗର ହାତ ବଢ଼ାଇଲେନି। ଆମ୍ବୁଲାନ୍ସ ସହ ଯୋଗାଯୋଗ ହୋଇପାରିଲାନି। ଶେଷରେ ଚିକିତ୍ସା ପାଇଁ ବାପାଙ୍କୁ ଟ୍ରଲିରେ ବସାଇ ୩୫ କି.ମି. ବୋହି ଡାକ୍ତରଖାନା ନେଲେ ନାବାଳିକା ଝିଅ। ଡାକ୍ତରଖାନାରେ ଚିକିତ୍ସା ପରେ ପୁଣି ବାପାଙ୍କୁ ଟ୍ରଲିରେ ବସାଇ ଘରକୁ ଫେରୁଥିଲେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ନଦୀଗାଁର ସୁଜାତା ସେଠୀ(୧୪)। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ କିଛି ଦୂରରେ ଗୁରୁବାର ମଧ୍ୟାହ୍ନରେ ଏଭଳି ଘଟଣା ଦେଖି କେତେଜଣ ଗଣମାଧ୍ୟମ ପ୍ରତିନିଧି ସେମାନଙ୍କୁ ଅଟକାଇଥିଲେ। ଏହାପରେ ବାପ-ଝିଅଙ୍କଠାରୁ ସମ୍ପୂର୍ଣ୍ଣ ଘଟଣା ବୁଝିଥିଲେ।

ଘଟଣାରୁ ପ୍ରକାଶ ଯେ, ନଦୀଗାଁ ନିବାସୀ ଶମ୍ଭୁନାଥ ସେଠୀ ଜଣେ ଟ୍ରଲି ଚାଳକ। ଗତ ୨୪ ତାରିଖରେ ଜମିଜମା ବିବାଦକୁ ନେଇ ତାଙ୍କର ପଡ଼ୋଶୀଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଶମ୍ଭୁନାଥଙ୍କର ହାତ ଭାଙ୍ଗିଯାଇଥିଲା। କାହାରିଠାରୁ ସାହାଯ୍ୟ ନ ମିଳିବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ନ ପାରି ଝିଅ ସୁଜାତା ସେହିଦିନ ଶମ୍ଭୁଙ୍କୁ ନିଜ ଟ୍ରଲିରେ ବସାଇ ପ୍ରଥମେ ଧାମନଗର


ଧାମନଗର ବ୍ଲକ ନଦୀଗାଁର ଆହତ ଶମ୍ଭୁନାଥ ସେଠୀଙ୍କୁ ଚିକିତ୍ସା ପରେ ଟ୍ରଲିରେ ବସାଇ ନେଉଛନ୍ତି ଝିଅ ସୁଜାତା।

ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ କୁହାଯାଇଥିଲା। ସୁଜାତା ଶମ୍ଭୁଙ୍କୁ ଟ୍ରଲିରେ ନେଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଭଳି ୩୫ କି.ମି. ସେ ଟ୍ରଲି ଚଲାଇ ଆସିଥିଲେ। ୨ ଦିନ ଚିକିତ୍ସା କରାଯାଇ ୭ ଦିନ ପରେ ଭାଙ୍ଗିଥିବା ହାତର ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର ପରାମର୍ଶ ଦେଇ ଗୁରୁବାର ତାଙ୍କୁ ଡିସ୍‌ଚାର୍ଜ କରିଥିଲେ। ଏଣୁ ସୁଜାତା ବାପାଙ୍କୁ ଧରି ଘରକୁ ଫେରୁଥିଲେ। ବାଟରେ ଗଣମାଧ୍ୟମ ପ୍ରତିନିଧି ସେମାନଙ୍କୁ ପଚାରି ବୁଝୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ପହଞ୍ଚି ଘଟଣା ବିଷୟରେ ଅବଗତ ହୋଇଥିଲେ। ବିଧାୟକ ମଲ୍ଲିକ ଘଟଣାର ଗୁରୁତ୍ୱକୁ ବୁଝି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଘଟଣାସ୍ଥଳକୁ ଡାକିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର ସେଠାରେ ପହଞ୍ଚି ସମସ୍ତ ଘଟଣା ଅବଗତ ହେବା ପରେ ଆମ୍ବୁଲାନ୍ସ ବ୍ୟବସ୍ଥା କରାଇ ବାପ ଝିଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ନେଇ ଅଧିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସେମାନେ ଏବେ ହସ୍ପିଟାଲରେ ରହିବେ ଏବଂ ୭ ଦିନ ବଦଳରେ ଯେତେଶୀଘ୍ର ହୋଇପାରିବ ଶମ୍ଭୁଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ଡା. ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ଶନିବାର ବିଳମ୍ବିତ ରାତିରେ ଆଂଶିକ ଚନ୍ଦ୍ରଗ୍ରହଣ

**ଭୁବନେଶ୍ୱର,୨୬।୧୦(ବନ୍ଦନା ସେଠୀ)**

ଆସନ୍ତା ୨୮ ତାରିଖ ଶନିବାର ବିଳମ୍ବିତ ରାତିରେ ଆଂଶିକ ଚନ୍ଦ୍ର ଗ୍ରହଣ ହେବ। ରାତି ୧ଟା ୫ରୁ ଗ୍ରହଣ ଆରମ୍ଭ ହୋଇ ପ୍ରାୟ ୨ଟା ୨୨ରେ ଛାଡ଼ିବ ଅର୍ଥାତ୍ ୧ଘଣ୍ଟା ୧୯ ମିନିଟ୍ ଗ୍ରହଣ ରହିବ। ଏହି ସମୟରେ ଚନ୍ଦ୍ର ଉପରେ ମାତ୍ର ୬ ପ୍ରତିଶତ ଛାୟା ପଡିବ। ତେବେ ରାତି ୧୧ଟା ୩୧ରେ ଚନ୍ଦ୍ର ଉପରେ ଉପଛାୟା ପଡ଼ିବା ଆରମ୍ଭ ହେବ। ଏହା ଖାଲି ଆଖିକୁ ଦେଖାଯିବ ନାହିଁ। ରାତି ୧ଟା ୫ ବେଳକୁ ଛାୟା ଦୃଶ୍ୟମାନ ହେବ। ଏହି ଚନ୍ଦ୍ରଗ୍ରହଣ ଭାରତ ସମେତ ଅଷ୍ଟ୍ରେଲିଆ, ଏସିଆ, ୟୁରୋପ, ଆଫ୍ରିକା, ଆଟ୍‌ଲାଣ୍ଟିକ୍ ମହାସାଗର ସମେତ ସମଗ୍ର ବିଶ୍ୱରେ ଖାଲି ଆଖିରେ ଦେଖାଯିବ। ଅକ୍ଟୋବର ୧୪ରେ ଘଟିଥିବା ସୂର୍ଯ୍ୟୋପରାଗର ୧୪ ଦିନ ପରେ ଏହି ଆଂଶିକ ଚନ୍ଦ୍ରଗ୍ରହଣ ଦେଖାଯିବ। ଅପରପକ୍ଷେ ଶନିବାର କୁମାରପୂର୍ଣ୍ଣିମା ରହୁଥିବାରୁ ଗ୍ରହଣର ପ୍ରଭାବ ଚନ୍ଦ୍ରପୂଜା ଉପରେ ପଡିବ। ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ରଙ୍କ ମତାନୁଯାୟୀ, ଗ୍ରହଣର ପ୍ରାୟ ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ଅପରାହ୍ନ ୪ଟାରୁ ପାକନିଷେଧ ଓ ଦେବାର୍ଚ୍ଚନା ବନ୍ଦ ରହିବ। ତେବେ ଚନ୍ଦ୍ରପୂଜା କରିବାକୁ ଚାହୁଁଥିବା କୁମାରୀମାନେ ଚନ୍ଦ୍ର ଉଦୟ ସମୟରେ ପୂଜା କରିପାରିବେ। ସେହିପରି ରାତି ୨ଟା ୩୦ ପରେ ଗଜଲକ୍ଷ୍ମୀ ପୂଜା କରାଯାଇପାରିବ। ରବିବାରକୁ ଗ୍ରହଣର କୌଣସି ପ୍ରଭାବ ରହିବ ନାହିଁ। ସେହିପରି ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ଚନ୍ଦ୍ର ଉପରେ କେବଳ ଗୋଟିଏ ଛାଇ ପଡିବ। ଏଥିରେ ଚନ୍ଦ୍ରପୂଜା କରିବାରେ କୌଣସି ଅସୁବିଧା ନାହିଁ। ଅପରପକ୍ଷେ ଆସନ୍ତା ବର୍ଷ ୨୦୨୪ରେ ୨ଟି ଚନ୍ଦ୍ରଗ୍ରହଣ ଏବଂ ୨ଟି ସୂର୍ଯ୍ୟୋପରାଗ ହେବାର ଅଛି। ଏହାର ପ୍ରଭାବ ଭାରତ ଉପରେ ରହିବ ନାହିଁ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଏଏସ୍‌ଆଇ ଲୁଗୁନ ମୃତ୍ୟୁ ମାମଲା

# ସିବିଆଇ ତଦନ୍ତ ଦାବିକଲା ପରିବାର

**ରାଉରକେଲା,୨୬।୧୦(ସଙ୍ଗୀତା ଜେନା)**

ରାଉରକେଲା ଉଦିତନଗର ଥାନା ଏଏସ୍‌ଆଇ ଆଲିଶ ନାରମି ଲୁଗୁନଙ୍କ ମୃତ୍ୟୁ ଦିନକୁ ଦିନ ବିବାଦୀୟ ହେବାରେ ଲାଗିଛି। ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଗଣମାଧ୍ୟମରେ ପ୍ରକାଶ କରିବା ପରେ ଲୁଗୁନଙ୍କ ପରିବାର ଲୋକେ ତାକୁ ଗ୍ରହଣ କରୁନାହାନ୍ତି। ଲୁଗୁନଙ୍କୁ ହତ୍ୟା କରାଯାଇଛି ଏବଂ ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ମୃତ ଏଏସ୍‌ଆଇଙ୍କ ସ୍ୱାମୀ ସଞ୍ଜୟ ଲାକ୍ରା ଗୁରୁବାର ସେକ୍ଟର-୨ ସାହାନାଇ ମଣ୍ଡପରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

ସଞ୍ଜୟ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶ୍ୱାସରୁଦ୍ଧରୁ ଆଲିଶଙ୍କ ମୃତ୍ୟୁ ହୋଇଥିବା ରାଉରକେଲା ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବ୍ୟବଚ୍ଛେଦ ରିପୋର୍ଟକୁ ଆମେ ମାନିବାକୁ ନାରାଜ। ଏହି ମାମଲାର ସିବିଆଇ ତଦନ୍ତ କରାଯାଉ ବୋଲି ସଞ୍ଜୟ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଆଲିଶ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ହୃଦୟନ୍ତ୍ର ସୁସ୍ଥ ଥିବା ଉଲ୍ଲେଖ ରହିଥିଲା। ଗତ ୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ତାରିଖରେ ବ୍ୟବଚ୍ଛେଦ ରିପୋର୍ଟ ଆସିଥିଲା। ହେଲେ ଏ ନେଇ ପରିବାର ଲୋକଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ରାଉରକେଲା ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେବା ପରେ ଆଲିଶଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଥିବା ଜାଣିବାକୁ ମିଳିଥିଲା।


ଖବରଦାତା ସମ୍ମିଳନୀରେ ମୃତ ଏଏସ୍‌ଆଇଙ୍କ ସ୍ୱାମୀ ସୂଚନା ପ୍ରଦାନ କରୁଛନ୍ତି।

ଆମେ ପ୍ରଶାସନର ଆଦର କରୁଥିଲୁ। ଏସ୍‌ପିଙ୍କ ମନ୍ତବ୍ୟ ଆସିଲା ପରେ ଭରସା ତୁଟିଗଲା। ଆମେ ଏସ୍‌ପିଙ୍କ ସହ ଏକମତ ନୋହୁଁ ବୋଲି ସଞ୍ଜୟ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ।

ସେହିପରି ଆଲିଶଙ୍କ ସମ୍ପର୍କୀୟ ବଡ଼ଭାଇ ସୁଶାନ୍ତ ମୁଣ୍ଡୁ ଏଏସ୍‌ଆଇଙ୍କ ମୃତ୍ୟୁ ସମ୍ପର୍କିତ ୧୦ଟି ପ୍ରଶ୍ନର ଉତ୍ତର ପ୍ରଦାନ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଆଲିଶ ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ପିଏସ୍‌ଓ ଥିଲେ। ସେ ସେପ୍ଟେମ୍ବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ତାଙ୍କ ଅଙ୍ଗରକ୍ଷୀ ଭାବେ କାର୍ଯ୍ୟରତ ଥିଲେ। ସୁସ୍ମିତାଙ୍କ ମୃତ୍ୟୁ ମାମଲାରେ ପରିବାରବର୍ଗ ଅଙ୍ଗରକ୍ଷୀ ଭାବେ ଆଲିଶଙ୍କୁ ଦାୟୀ କରି ତାଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସମ୍ଭବତଃ ସୁସ୍ମିତାଙ୍କ ମୃତ୍ୟୁ ସହ ଆଲିଶଙ୍କ ମୃତ୍ୟୁର କିଛି ସମ୍ପର୍କ ଥାଇପାରେ। ଆଲିଶଙ୍କ ମୃତ୍ୟୁ ଦିନ ତାଙ୍କ ଡ୍ୟୁଟି ଆର୍‌ଏମ୍‌ସି ଛକରେ ଥିଲା। ହେଲେ କିଛି ସମୟ ମଧ୍ୟରେ ତାଙ୍କୁ ଆମ୍ବେଡ଼କର ଛକକୁ ପଠାଯାଇଥିଲା। ସେଠାରେ ଉଦ୍ଧୃତ ଲୋକେ ମାରଣାସ୍ତ୍ର ସହ ଉପସ୍ଥିତ ଥିଲେ। ସେହିପରି କାର ଓ ଘରୋଇ ବସ୍ ଦୁର୍ଘଟଣା ପରେ ଉତ୍ତେଜନାସ୍ଥଳକୁ ଆଲିଶଙ୍କୁ କେବଳ ୨ଜଣ ହୋମଗାର୍ଡଙ୍କ ସହ ପଠାଯାଇଥିଲା। ଏଭଳି ଆଉ କିଛି ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଆଲିଶଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି। ସିବିଆଇ ତଦନ୍ତ ହେଲେ ସବୁ ସ୍ପଷ୍ଟ ଜଣାପଡିବ ବୋଲି ମୁଣ୍ଡୁ କହିଥିଲେ। ସେହିପରି ପରିବାର ଲୋକେ ମୃତକଙ୍କ ବିଭିନ୍ନ ଫଟୋ ଦେଖାଇ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ମୃତା ଏଏସ୍‌ଆଇଙ୍କ ସ୍ୱାମୀ, ସମ୍ପର୍କୀୟ ବଡ଼ଭାଇଙ୍କ ସମେତ ଦିଅର ଜୟନ୍ତ ଲାକ୍ରା ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆର୍ଥିକ ଉନ୍ନତି ଓ ବୈଷୟିକ ସୁଖ,ସମୃଦ୍ଧି କାରଣରୁ ମନ ପ୍ରଫୁଲ୍ଲ ରହିବ। ଦ୍ୱିଜା ନକ୍ଷତ୍ର ସାହିତ୍ୟ ଚର୍ଚ୍ଚା, ସଭାସମିତି, ରାଜନୀତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଅପରିଚ ବ୍ୟକ୍ତିମାନଙ୍କ ସହ ନୂତନ ଭାବେ ମିତ୍ରତା ସୃଷ୍ଟି କରିପାରନ୍ତି। ସମସ୍ୟା ଲାଗି ରହିବା କାରଣରୁ କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ।

**ବୃଷ**
ଆକସ୍ମିକ ଭାବରେ ଉପସ୍ଥିତ ସମସ୍ୟାର ଆଶୁ ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ବାଧ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦରେ ପଡିବେ। କୌଣସି ମୂଲ୍ୟବାନ ଜିନିଷ ଖରିଦ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହେବ। ମୃଗଶିରା ନକ୍ଷତ୍ର ସକାଶେ ସହକର୍ମୀମାନେ ସହଯୋଗର ହାତ ବଢାଇବେ।

**ମିଥୁନ**
ବନ୍ଧୁଙ୍କ ପରାମର୍ଶ କ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆରଦ୍ରା ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ଆଲୋଚନା କାଳରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ସକାଶେ ଆନୁଷଙ୍ଗିକ ପରାମର୍ଶ ବନ୍ଧୁଙ୍କ ନିକଟରୁ ପାଇବେ।

**କର୍କଟ**
ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, ଯାହାକି ଆପଣଙ୍କ କାମଟକୁ ଆଗକୁ ନେବା ଦିଗରେ ସାହାଯ୍ୟ କରିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। ଅଶ୍ଳେଷା ନକ୍ଷତ୍ରର ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ ହେବେ। ସଭା ସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ବ୍ୟବସାୟକୁ ଆଗକୁ ବଢାଇବାପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର ସକାଶେ ପିଲାଙ୍କ କାର୍ଯ୍ୟକଳାପ ସନ୍ତୋଷଜନକ ନ ହୋଇପାରେ। ଅନ୍ୟମାନଙ୍କ ଦ୍ୱାରା ସୃଷ୍ଟ ସମସ୍ୟା ଜାଲରେ ଛନ୍ଦି ହୋଇଯିବାର ଆଶଙ୍କା ଜାଗ୍ରତ ହେବ।

**କନ୍ୟା**
ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବା କାରଣରୁ ମାନସିକ ଅସ୍ଥିରତା ସମ୍ଭାବନା ରହିଛି। ଚିତ୍ରା ନକ୍ଷତ୍ର ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ, ଯାହାକି ମନକୁ ଆହ୍ଲାଦିତ ଓ ଆମୋଦିତ କରିବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ। କର୍ମ କ୍ଷେତ୍ରରେ ବାଧା ଉପୁଜିପାରେ କିନ୍ତୁ କାମ ଅଟକିବ ନାହିଁ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହେବେ। ଆଜିର କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା କେତେକାଂଶରେ ସୁଧୁରିଯିବ। ସ୍ୱାତୀ ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। ସତ୍‌ସଙ୍ଗରେ ନିଜକୁ କିଛି ସମୟ ପାଇଁ ଭୁଲି ଯାଇପାରନ୍ତି।

**ବିଛା**
ଆପଣଙ୍କ କଥା କହିବାର ଭଙ୍ଗୀ, ଚାଲି ଚଳନର ଭିନ୍ନତା ଅନ୍ୟମାନଙ୍କ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଯିବ। ବିଶାଖା ନକ୍ଷତ୍ର ସକାଶେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅସାବଧାନତା ଯୋଗୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବାର ସମ୍ଭାବନାକୁ ଏଡାଇ ହେବ ନାହିଁ। କର୍ମକ୍ଷେତ୍ରର ଆଶଙ୍କା ଦୂର ହେବ।

**ଧନୁ**
ପରିବାରରେ ଭୁଲ୍ ବୁଝାମଣା ହେତୁ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ର କେତେକ ନୂତନ କାମର ପରିକଳ୍ପନା କରିବେ ଓ ସଫଳତା ମଧ୍ୟ ପାଇବେ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଘଟଣାର ଦିଗ ହଠାତ୍ ଅନ୍ୟ କାହାର ନିର୍ଦ୍ଦେଶରେ ବଦଳି ଯାଇପାରେ।

**ମକର**
ଧନିଷ୍ଠା ନକ୍ଷତ୍ର ସକାଶେ ସମସ୍ୟାର ସରଳ ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା କରୁଥିବା ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇବେ। ସଭାସମିତି, ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଟେନ୍‌ଶନ କିଛି ମାତ୍ରାରେ କମିଯିବ।

**କୁମ୍ଭ**
ବନ୍ଧୁଙ୍କ ଉପରେ ସନ୍ଦେହ କରି ପାରିବାରିକ ଶାନ୍ତି ଓ ସୁସ୍ଥତାକୁ ବ୍ୟାହତ କରିବେ। ପରିବହନ, ବ୍ୟବସାୟ ଓ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ଶତଭିଷା ନକ୍ଷତ୍ର ସକାଶେ ଆର୍ଥିକ ଅନଟନ କାମକୁ କିଛି ମାତ୍ରାରେ ଅଟକାଇ ରଖିବ। ଆତ୍ମୀୟଙ୍କ ପକ୍ଷପାତ ବିଚାର ଦ୍ୱାରା ମନ କଷ୍ଟ ହେବ।

**ମୀନ**
ଆଜିର ଯାତ୍ରା, ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କର୍ମକ୍ଷେତ୍ରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ। ରେବତୀ ନକ୍ଷତ୍ର ପାଇଁ ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ସଭାସମିତିରେ କିମ୍ବା ସାଂସ୍କୃତିକ, ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

ଆଜି ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଅକ୍ଟୋବର ୨୭ ତାରିଖ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୯ ଗତେ ଘ.୦୬।୩୪ ମଧ୍ୟେ, ଘ.୦୭।୨୦ ଗତେ ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୦୫ ଗତେ ଘ.୧୧।୩୦ ମଧ୍ୟେ ରାହୁକାଳ।

## କାତାରରେ ୮...

ପ୍ରଥମ ପୃଷ୍ଠାରୁ...

ଅଧିକାରୀମାନେ ଗୁପ୍ତଚରଗିରି କରୁଥିଲେ ବୋଲି ସେତେବେଳେ ଦର୍ଶାଯାଇଥିଲା। ଶୁଣାଣି ବେଳେ ଅନେକ ଥର ସେମାନଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଥିଲା। କନ୍‌ସୁଲାର ଆକ୍‌ସେସ୍ ମିଳିବା ପରେ ଗତ ୧ରେ କାତାରରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଏହି ଅଧିକାରୀମାନଙ୍କୁ ଜେଲରେ ଭେଟିଥିଲେ। ତେବେ କୋର୍ଟ ଅଫ୍ ଦି ଫାଷ୍ଟ ଇନ୍‌ଷ୍ଟାନ୍ସ ପକ୍ଷରୁ କେଉଁ କାରଣରୁ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି ତାହା ନୂଆଦିଲ୍ଲୀକୁ ମିଳିଥିବା ପ୍ରାଥମିକ ସୂଚନାରେ ସ୍ପଷ୍ଟ କରାଯାଇନାହିଁ। ମାମଲାର ବିଚାର ପ୍ରକ୍ରିୟା ଗୋପନୀୟ ଥିବାରୁ ଏହା ଉପରେ ଅଧିକ କହିବା ଅନୁଚିତ ହେବ ବୋଲି କାତାର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ତେବେ ଇସ୍ରାଏଲ ପାଇଁ ଏହି ପୂର୍ବତନ ଭାରତୀୟ ଅଧିକାରୀମାନେ ଗୁପ୍ତଚର ବୃତ୍ତିରେ ରହିଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏନେଇ ଏକ ବିବୃତିରେ କହିଛି, ଏହି ମାମଲାକୁ ଅଧିକ ଗୁରୁତ୍ୱ ଦେଇ ସବୁ ପ୍ରକାର ଆଇନଗତ ବିକଳ୍ପ ଖୋଜାଯିବ। ବିସ୍ତୃତ ରାୟକୁ ଅପେକ୍ଷା କରାଯାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ପରିବାର ଓ ଲିଗାଲ୍ ଟିମ୍ ସହ ଯୋଗାଯୋଗ କରାଯାଇଛି। ୮ ଭାରତୀୟଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ଜାରି ରହିବ।

## ୨୨ ଜଣଙ୍କୁ...

ଆର୍ମି ରିଜର୍ଭ ସଦସ୍ୟ ତଥା ଫାୟାରଆର୍ମ ଇନ୍‌ଷ୍ଟ୍ରକ୍ଟର ରବର୍ଟ କାର୍ଡ ଅବିଚାରିତ ଭାବେ ଲୋକଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜ କାର୍‌ରେ ଫେରାର ହୋଇଯାଇଥିଲେ। ଲିସ୍‌ବନ୍ ଫଲ୍ସର ଆଣ୍ଡ୍ରୋସ୍କୋଗିନ୍ ନଦୀକୂଳରେ ତାଙ୍କ ଏସ୍‌ୟୁଭି ଠାବ ହୋଇଛି। କାର୍ଡଙ୍କୁ ଧରିବା ପାଇଁ ଅନେକ ଶହ ପୋଲିସ ଅଧିକାରୀ ତନାଘନା ଚଳାଇଛନ୍ତି। ପୋଲିସ କାର୍ଡଙ୍କ ଏକ ଫଟୋ ଜାରି କରିଛି। ସେଣ୍ଟ୍ରାଲ ମେନ୍ ମେଡିକାଲ ସେଣ୍ଟରରେ ଆହତମାନଙ୍କୁ ଭର୍ତ୍ତି କରାଯାଇଛି। ୩୭,୦୦୦ ଜନସଂଖ୍ୟା ବିଶିଷ୍ଟ ୱେଲିଷ୍ଟନ୍ ସହରର ବାସିନ୍ଦା ଓ ଦୋକାନୀମାନଙ୍କୁ ଘର ଭିତରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଲୋକେ ତାଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ମେନ୍ ଗଭର୍ନର ଓ ୨ ସିନେଟର ତଥା ଜଣେ ସ୍ଥାନୀୟ କଂଗ୍ରେସମ୍ୟାନ୍‌ଙ୍କୁ ଫୋନ୍ କରି ସହାୟତାର ପ୍ରତିଶ୍ରୁତି ଦେଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ତେବେ ଏହି ଗୁଳିକାଣ୍ଡରେ କେତେଜଣ ମରିଛନ୍ତି ତାକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ଆସିଛି। କେତେକ ରିପୋର୍ଟରେ ମୃତ୍ୟୁସଂଖ୍ୟା ୨୨ କୁହାଯାଇଥିବାବେଳେ ଅନ୍ୟ କିଛି ସୂତ୍ରରୁ ଏହା ୧୬ ବୋଲି ଜଣାପଡ଼ିଛି।

**ନଭେମ୍ବର ୨୬ରେ ଓଡ଼ିଶା ପୋଲିସ ଏସ୍ଆଇ ପରୀକ୍ଷା**

କଟକ,୨୬।୧୦ (କାର୍ତ୍ତିକ ସାହୁ): ଆସନ୍ତା ନଭେମ୍ବର ୨୬ରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ପୋଲିସ ସବ୍ ଇନ୍ସପେକ୍ଟର(ଏସ୍ଆଇ) ପରୀକ୍ଷା ୨୦୨୧ ଅନୁଷ୍ଠିତ ହେବ। ଏହି ପରୀକ୍ଷା ଓଡ଼ିଶାର ସମସ୍ତ ଜିଲାରେ ଓଏମ୍ଆର୍ ପ୍ରଣାଳୀରେ କରାଯିବାକୁ ଆପାତତଃ ସ୍ଥିର କରାଯାଇଛି ବୋଲି ଗୁରୁବାର ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ବୋର୍ଡର ବିଜ୍ଞାପନ ସଂଖ୍ୟା ଏସ୍ଆଇ/୨୦୨୧/ଓପିଆରବି, ୨୨।୬।୨୦୨୧ ଅନୁଯାୟୀ, ଏହି ପରୀକ୍ଷା ନିମନ୍ତେ ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କୁ ଏ ସଂକ୍ରାନ୍ତୀୟ ବିସ୍ତୃତ ତଥା ନିଶ୍ଚିତ ତାରିଖ ସମ୍ବଳିତ ସୂଚନା ସେମାନଙ୍କ ପଞ୍ଜୀକୃତ ଇ-ମେଲ ମାଧ୍ୟମରେ ଖୁବଶୀଘ୍ର ଜଣାଇ ଦିଆଯିବ।

# ସବୁ ଗାଁରେ ମିଳିବ ବିକାଶର ଗ୍ୟାରେଣ୍ଟି : ମୁଖ୍ୟମନ୍ତ୍ରୀ

**'ଆମ ଓଡ଼ିଶା ନବୀନ ଓଡ଼ିଶା'**

- **ଖୋର୍ଦ୍ଧା ଜିଲାର ୨୭୬୩ ପ୍ରକଳ୍ପ ପାଇଁ ୯୫ କୋଟି ମଞ୍ଜୁର**
- **ଜଗତ୍‌ସିଂହପୁର ଜିଲାର ୨୯୨୨ ପ୍ରକଳ୍ପ ପାଇଁ ୯୯ କୋଟି**
- **ସବୁ ଗାଁର ବିକାଶ ଶୀଘ୍ର, ଠିକ୍ ସମୟରେ, ସ୍ୱଚ୍ଛତାର ସହ ହେବ: ପାଣ୍ଡିଆନ**

ଭୁବନେଶ୍ୱର,୨୬।୧୦(ଅନିଲ ଦାସ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ମିଳିବ। ଏଥିପାଇଁ ଖୋର୍ଦ୍ଧା ଜିଲାର ୭ଟି ନିର୍ବାଚନମଣ୍ଡଳୀକୁ ୯୫ କୋଟି ଟଙ୍କା ମିଳିଛି। ଏହି ଅର୍ଥରେ ୧୦ ବ୍ଲକର ୧୯୦ ପଞ୍ଚାୟତରେ ୨,୭୬୩ ପ୍ରକଳ୍ପ ହେବ। ସେହିପରି ଜଗତ୍‌ସିଂହପୁର ଜିଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୮ ବ୍ଲକର ୧୯୮ ପଞ୍ଚାୟତରେ ୨,୯୨୨ ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଗାଁରେ ଇଣ୍ଟରନେଟ୍ ସଂଯୋଗ ସାଙ୍ଗକୁ ବିଜ୍ଞାନ ପାର୍କ, ଦକ୍ଷତା ବିକାଶ କେନ୍ଦ୍ର, ୱାର୍କସ ହବ୍, ବ୍ୟାଙ୍କିଙ୍ଗ୍ ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି କହିଛନ୍ତି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ସବୁ ଗାଁରେ ରୂପାନ୍ତର ଆଣିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ସରକାରୀ ହସ୍ପିଟାଲ ଯେପରି ବେସରକାରୀ ହସ୍ପିଟାଲ ଭଳି ଆଧୁନିକ ଚିକିତ୍ସା ଯୋଗାଇ ଦେବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଆମ ହସ୍ପିଟାଲ ଯୋଜନା ଆରମ୍ଭ କରିଛନ୍ତି। ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ରୂପାନ୍ତର କାର୍ଯ୍ୟକ୍ରମ ଚାଲିଛି। ଗାଁ ଗାଁରେ ସବୁ କାମକୁ ଆମେ ଠିକ୍ ସମୟରେ ସ୍ୱଚ୍ଛତାର ସହ କରି ରୂପାନ୍ତର ଆଣିବା ବୋଲି ସେ କହିଛନ୍ତି। ଖୋର୍ଦ୍ଧା ଜିଲାର ବେଗୁନିଆ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ୮ ପ୍ରକଳ୍ପ ପାଇଁ ୩୪.୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାସହ ବେଗୁନିଆ ହସ୍ପିଟାଲକୁ ଉପଖଣ୍ଡ ହସ୍ପିଟାଲ ଭାବେ ଉନ୍ନୀତ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ବୋଲଗଡ଼ର ପରମାନନ୍ଦ କଲେଜର ରୂପାନ୍ତର ପାଇଁ ୨.୨୫ କୋଟି ଟଙ୍କା ଓ ବେଗୁନିଆ କଲେଜ ପାଇଁ ୧.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୫୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏଥିରେ ବରମୁଣ୍ଡା ବସ୍ ଟର୍ମିନାଲ ସହିତ ବିଜେବି କଲେଜ, ରାଜଧାନୀ କଲେଜ ଓ କମଳା ନେହେରୁ କଲେଜର ରୂପାନ୍ତର ପାଇଁ ୬.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଜୟଦେବ ନିର୍ବାଚନମଣ୍ଡଳୀରେ ୧୧ ପ୍ରକଳ୍ପ ପାଇଁ ୧୬୮.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଶିଶୁଅନନ୍ତ ମହାବିଦ୍ୟାଳୟ, ପ୍ରତାପ ଶାସନ କଲେଜ, ବୁଦ୍ଧନାଥ ମନ୍ଦିର, କୁଆଖାଇ ଜଗନ୍ନାଥ ମନ୍ଦିର ଓ ଶିଶୁ ଅନନ୍ତ ପୀଠର ରୂପାନ୍ତର ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି। ଖୋର୍ଦ୍ଧାରେ ୮ ପ୍ରକଳ୍ପ ପାଇଁ ୪୦.୬୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ପାଇକ ଏକାଡେମୀ ତଥା ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରାଣନାଥ କଲେଜ, ନିରାକାରପୁର କ୍ଷେତ୍ରବାସୀ ଡିଏଭି କଲେଜ ଓ କାଇପଦର ଶ୍ରୀଜଗନ୍ନାଥ ମନ୍ଦିରର ରୂପାନ୍ତର ପାଇଁ ମଧ୍ୟ ଅର୍ଥ ମଞ୍ଜୁର କରାଯାଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୨୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥିରେ ବିଜୁ ପଟ୍ଟନାୟକ କଲେଜ, ଜୟଦେବ କଲେଜ ଓ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି। ଚିଲିକା ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୬୨.୪୩ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଏଥିରେ ଚଣ୍ଡେଶ୍ୱର ଦେବ ମନ୍ଦିର, ଗୋଦାବରୀଶ ମହାବିଦ୍ୟାଳୟ ଓ ବାଲୁଗାଁ ମହାବିଦ୍ୟାଳୟ ଆଦି ପ୍ରକଳ୍ପ ରହିଛି। ଜଟଣୀ ନିର୍ବାଚନମଣ୍ଡଳୀର ୮ ପ୍ରକଳ୍ପ ପାଇଁ ୨୮୧.୧୪ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଜଟଣୀ କଲେଜର ରୂପାନ୍ତର ଏବଂ ବିଭିନ୍ନ ବେସରକାରୀ ଗୃହନିର୍ମାଣ ପ୍ରକଳ୍ପଗୁଡ଼ିକୁ ରାସ୍ତା ସଂଯୋଗ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଥିସହିତ ଜଟଣୀ ଓ ଖୋର୍ଦ୍ଧାର ଖାସମାହାଲ ଜମିଗୁଡ଼ିକର ସମାଧାନ କରି ପଟ୍ଟା ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ବେସରକାରୀ ଗୃହ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ରାସ୍ତା ସଂଯୋଗୀକରଣ ଯୋଗୁ ଦେଢ଼ ଲକ୍ଷ ଲୋକ ଉପକାର ପାଇବେ ବୋଲି ସେ କହିଛନ୍ତି।

ଜଗତ୍‌ସିଂହପୁର ଜିଲାର ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀରେ ୧୫ଟି ଶିକ୍ଷାନୁଷ୍ଠାନ ପାଇଁ ୧୦ କୋଟି ଓ ୯୧ ଧାର୍ମିକ ଅନୁଷ୍ଠାନ ରୂପାନ୍ତର ପାଇଁ ୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାସହିତ ସ୍ୱାମୀ ବିବେକାନନ୍ଦ କଲେଜ, ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ପ୍ରଭୃତି ପ୍ରକଳ୍ପ ପାଇଁ ୩୧.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବାଲିକୁଦା ନିର୍ବାଚନମଣ୍ଡଳୀରେ ୭ଟି ପ୍ରମୁଖ ପ୍ରକଳ୍ପ ପାଇଁ ୪୯.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଏରସମା କୁଞ୍ଜବିହାରୀ ମନ୍ଦିର, ବନ୍ଦର ପର୍ଯ୍ୟଟନ ପ୍ରକଳ୍ପ, ବାଲିକୁଦା ଡିଗ୍ରୀ କଲେଜ, ଶିଆଳି ବେଳାଭୂମିର ଉନ୍ନତୀକରଣ ଆଦି ବିଭିନ୍ନ ପ୍ରକଳ୍ପ ରହିଛି। ଏହାସହିତ ୭୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର ଉନ୍ନତୀକରଣ ପାଇଁ ୧୧.୫୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ୮ଟି ପ୍ରମୁଖ ପ୍ରକଳ୍ପ ପାଇଁ ୨୭.୪୫ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏଥିରେ ପଞ୍ଚସଖା ଧ୍ୟାନପୀଠ, ଶ୍ରୀ ଶ୍ରୀ ଗୋରଖନାଥ ମନ୍ଦିର, ଧଳତାନଗଡ଼ ଜୈବବିବିଧତା ପ୍ରକଳ୍ପ, ଆଦିକବି ସାରଳା ଦାସ ଡିଗ୍ରୀ କଲେଜ ଆଦି ପ୍ରକଳ୍ପ ରହିଛି। ଏହାସହିତ ୧୨୧ଟି ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକ ଅନୁଷ୍ଠାନ ପାଇଁ ୧୩.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପାରାଦୀପ ନିର୍ବାଚନମଣ୍ଡଳୀରେ ୪ଟି ପ୍ରକଳ୍ପ ପାଇଁ ୪.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ କୁଜଙ୍ଗ ଡିଗ୍ରୀ କଲେଜ, ପାରାଦୀପ ଡିଗ୍ରୀ କଲେଜ, ତାଳଦଣ୍ଡା କେନାଲର ଉନ୍ନତୀକରଣ ଆଦି ପ୍ରମୁଖ ପ୍ରକଳ୍ପ ରହିଛି। ସେହିପରି ୫୮ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୯.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ୩୫ଟି ପ୍ରକଳ୍ପ ପାଇଁ ସମୁଦାୟ ୧୬୧.୧୭ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ଏମ୍‌ପି ମାନସ ମଙ୍ଗରାଜ, ବିଧାୟକ ତଥା ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ରାଜେନ୍ଦ୍ର କୁମାର ସାହୁ, ଅରବିନ୍ଦ ଢାଲି, ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସୁଶାନ୍ତ ରାଉତ, ରଘୁନନ୍ଦନ ଦାସ, ବିଜୟ ଶଙ୍କର ଦାସ, ସମ୍ବିତ ରାଉତରାୟଙ୍କ ସମେତ ଜିଲା ପରିଷଦ ସଭାପତି, ସଦସ୍ୟଗଣ, ବ୍ଲକ ଚେୟାରମ୍ୟାନ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇ ଗାଁ ଗାଁରେ ବିକାଶର ନୂଆ ଯୁଗ ଆସିଛି ବୋଲି ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଅନୁଦାନକୁ ଅପେକ୍ଷା କରି ଆଖିବୁଜିଲେ ଅଧ୍ୟାପକ ଅମିତ ବାରିକ

ଭୁବନେଶ୍ୱର,୨୫।୧୦ (ଅନୁରାଧା ମହାରଣା)

ବେସରକାରୀ ଅନୁଦାନ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ୧୦୦ରୁ ଅଧିକ ଦିନ ହେବ ଅହୋରାତ୍ର ଧାରଣାରେ ବସିରହିଛନ୍ତି। ଏପରିସ୍ଥିତିରେ ଗତ ବୁଧବାର ସଂଘର ଜଣେ ସକ୍ରିୟ ସଦସ୍ୟ ତଥା ଝାରସୁଗୁଡା ବିକେଏସ୍ଏସ୍ ଡିଗ୍ରୀ କଲେଜର ଇଂଲିଶ ଅଧ୍ୟାପକ ଅମିତ କୁମାର ବାରିକଙ୍କ ବୁର୍ଲା ଡାକ୍ତରଖାନାରେ ପରଲୋକ ଘଟିଛି। ସେ ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ହୋଇଥିବାବେଳେ ସରକାରୀ ଅନୁଦାନକୁ ଅପେକ୍ଷା କରି ୧୫ବର୍ଷ ଧରି ସ୍ୱଳ୍ପ ଦରମାରେ ନିଷ୍ଠାର ସହ ଶିକ୍ଷାଦାନ କରିଆସୁଥିଲେ। ପରିବାରରେ ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତେଣୁ ତାଙ୍କ ପରିବାର ସରକାରୀ ଅନୁଦାନ ଅପେକ୍ଷାରେ ଥିବା ଗୁରୁବାର ସ୍ୱର୍ଗତ ବାରିକଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ଆନ୍ଦୋଳନକାରୀଙ୍କ ଦାବି ପୂରଣ କରନ୍ତୁ ବୋଲି ସଭାପତି ଡ. ଦେବବିଜୟ ମିଶ୍ର ଦାବି ବାଢ଼ିଛନ୍ତି।







Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors , Ph - 6372753989.

WT.5654.2023ODI

> ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। **-ଶ୍ରୀମା**

# ଆଣ୍ଟିବାୟୋଟିକ୍ ଅଭାବ



ମାନିକା ବାଲାସେଗାରାମ

ଆଣ୍ଟିବାୟୋଟିକ୍ସର ଅତ୍ୟଧିକ ବ୍ୟବହାର ଶରୀରରେ ଆଣ୍ଟିମାଇକ୍ରୋବାୟାଲ ରେଜିଷ୍ଟାନ୍ସ (ଏଏମ୍ଆର୍)ର କାରଣ ବୋଲି ଅଧିକ ଲୋକ ଜାଣନ୍ତି। ବହୁ ସମୟରେ ଏହାକୁ 'ସାଇଲେଣ୍ଟ ପାଣ୍ଡେମିକ' ବା ନୀରବ ମହାମାରୀ କୁହାଯାଏ। କିନ୍ତୁ ଆଣ୍ଟିବାୟୋଟିକ୍ସର ଅଭାବ ବି ଏଏମ୍ଆର୍ ବୃଦ୍ଧିରେ ମୁଖ୍ୟ ଭୂମିକା ନେଇଥାଏ ବୋଲି କମ୍ ଲୋକ ଜାଣନ୍ତି। ଶିଶୁମାନଙ୍କ କ୍ଷେତ୍ରରେ ଷ୍ଟ୍ରେପ-ଏ ଚିକିତ୍ସା ଲାଗି ଉଦ୍ଦିଷ୍ଟ ପେଡିଆଟ୍ରିକ ଆମୋକ୍ସିଲିନ ଅଭାବ ଗତବର୍ଷ ଶେଷାର୍ଦ୍ଧରେ ଇଂଲଣ୍ଡରେ ଖବରର ଶିରୋନାମା ପାଲଟିଥିଲା। ସେହି ସମୟରେ ସଂକ୍ରମଣରେ ଅତିକମ୍‌ରେ ୧୯ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଅଭାବ ଏକ ସାଧାରଣ କଥା ଏବଂ ଏହା ସବୁଠାରେ ଦେଖାଯାଏ। ଏହାଦ୍ୱାରା ପୃଥିବୀର ସବୁଆଡ଼େ ଦେଶଗୁଡ଼ିକ ପ୍ରଭାବିତ ହୋଇଥା'ନ୍ତି। ଆଣ୍ଟିବାୟୋଟିକ୍ସ ଅଭାବଜନିତ ସ୍ଥିତିର ପରିଣାମ ଉଭୟ ବ୍ୟକ୍ତିଗତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଖିବାକୁ ମିଳେ ଓ ଏହାଯୋଗୁ ଏଏମ୍ଆର୍ ସଂକ୍ରମଣ ଗମ୍ଭୀର ହୋଇପାରେ। ଆଗଧାଡ଼ିର ସବୁ ଆଣ୍ଟିବାୟୋଟିକ୍ସ ଅଭାବ କାରଣରୁ ବହୁ ସମୟରେ ସ୍ୱତନ୍ତ୍ର କିମ୍ବା ଜରୁରୀ ବ୍ୟବହାର ଲାଗି ଗଚ୍ଛିତ ଆଣ୍ଟିବାୟୋଟିକ୍ସର ଅତ୍ୟଧିକ ବ୍ୟବହାର ଯୋଗୁ ଏଭଳି ଘଟିଥାଏ। ଏହି ବିକଳ୍ପଗୁଡ଼ିକ କେବଳ କମ୍ ପ୍ରଭାବୀ ହୋଇ ନ ଥାଏ, ବରଂ ଏସବୁ ଉପରେ ନିର୍ଭରଶୀଳ ହେବା ଦ୍ୱାରା ଶରୀରରେ ଔଷଧ ପ୍ରତିରୋଧକ ବିପଦ ବଢ଼ିବା ସହ ସଂକ୍ରମଣର ଦୀର୍ଘମିଆଦୀ ଚିକିତ୍ସା ଅଧିକ କଷ୍ଟସାଧ୍ୟ ହୋଇଯାଏ।

ଏଏମ୍ଆର୍ ଏବେ ବିଶ୍ୱର ସବୁଠୁ ବଡ଼ ଘାତକ ହୋଇଗଲାଣି। ଏହା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ୨୦୧୯ରେ ଏଥିରେ ସିଧାସଳଖ ୧.୨୭ ମିଲିୟନ ଲୋକଙ୍କ ମୃତ୍ୟୁ ଘଟିଥିଲା, ଯାହା ଏଚ୍ଆଇଭି/ଏଡ୍ସ ଓ ମ୍ୟାଲେରିଆରେ ହୋଇଥିବା ମୋଟ ମୃତ୍ୟୁସଂଖ୍ୟାଠାରୁ ଅଧିକ ଏବଂ ପରୋକ୍ଷରେ ୪.୯୫ ମିଲିୟନରୁ ଅଧିକ ଲୋକଙ୍କ ମୃତ୍ୟୁ ସହ ଏହାର ସମ୍ପର୍କ ରହିଥିଲା। ବଢୁଥିବା ଏହି ସଙ୍କଟ ପ୍ରତି ପ୍ରକାଶ ପାଉଥିବା ବୈଶ୍ୱିକ ପ୍ରତିକ୍ରିୟାରେ ମୁଖ୍ୟତଃ ନୂଆ ଆଣ୍ଟିବାୟୋଟିକ୍ସ ବିକାଶ କରାଯାଇ କେବଳ ଡ୍ରଗ୍ ରେଜିଷ୍ଟାନ୍ସ ବ୍ୟାକ୍ଟେରିଆରେ ଶୀଘ୍ର ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ସ୍ୱଳ୍ପ ସମୟରେ ଏଏମ୍ଆର୍ ମୃତ୍ୟୁସଂଖ୍ୟା ଏବଂ ଏଏମ୍ଆର୍‌ର ସ୍ୱାସ୍ଥ୍ୟ ଉପରେ ଥିବା ବ୍ୟାପକ ପ୍ରଭାବ ହ୍ରାସ କରିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଛି। ଆଣ୍ଟିବାୟୋଟିକ୍ସ ଅଭାବର କାରଣ ଖୋଜି ତାହାକୁ ସମାଧାନ କରିବା ସହ ଉପଯୁକ୍ତ ଚିକିତ୍ସା ସକାଶେ ଏହାର ଯୋଗାଣରେ ଉନ୍ନତି ଅଣାଯାଇପାରିଲେ ଏହା ହୋଇପାରିବ। ସେହିଭଳି ଆଣ୍ଟିବାୟୋଟିକ୍ସ ବଜାରର ବିଫଳତା ମଧ୍ୟ ବିଶ୍ୱସ୍ତରରେ ଏଏମ୍ଆର୍ ସଙ୍କଟ ବୃଦ୍ଧି କରିଛି। ଏହା ଆଣ୍ଟିବାୟୋଟିକ୍ସ ଅଭାବ ଲାଗି ବେଶି ଦାୟୀ। ଅନ୍ୟ ଔଷଧଗୁଡ଼ିକ ତୁଳନାରେ ଆଣ୍ଟିବାୟୋଟିକ୍ସ ପ୍ରସ୍ତୁତ କରିବା ଅଧିକ ଜଟିଳ ଓ ବ୍ୟୟବହୁଳ। ଏଥିପାଇଁ କଠୋର ନିୟାମକ ରହିଛି ଓ ତାହା ପାଳନ କରିବାକୁ ପଡ଼େ ଏବଂ ଏଥିରେ କମ୍ ଲାଭ ହୋଇଥାଏ। ପରିଣାମ ସ୍ୱରୂପ, ଅନେକ ଫାର୍ମାସ୍ୟୁଟିକାଲ କମ୍ପାନୀ ଉତ୍ପାଦନ ଅତ୍ୟଧିକ ହ୍ରାସ କରିଛନ୍ତି କିମ୍ବା ଗତ କିଛି ଦଶନ୍ଧି ହେଲା ଆଣ୍ଟିବାୟୋଟିକ୍ସକୁ ନେଇ ଗବେଷଣା ଓ ବିକାଶ ବନ୍ଦ କରିଦେଇଛନ୍ତି।

କେବଳ ଅଳ୍ପ କିଛି ଆଣ୍ଟିବାୟୋଟିକ୍ସ ବିକାଶ କରାଯାଇଛି। କିନ୍ତୁ ଏବେ ବଜାରରେ ଉପଲବ୍ଧ ଉତ୍ପାଦ ତୁଳନାରେ ଏସବୁ ସେଭଳି ଦୃଷ୍ଟି ଆକର୍ଷଣ କରିନାହିଁ। ଅନେକାଂଶରେ ଯୋଗାଣ ଶୃଙ୍ଖଳରେ ବାଧା ଓ ଅସ୍ଥିରତା ଏଥିପାଇଁ ଦାୟୀ। ଉତ୍ପାଦନ ଯୋଗାଣରେ ବିଚ୍ଛିନ୍ନତା କିମ୍ବା ଗୁଣବତ୍ତା ନିୟନ୍ତ୍ରଣ ସମସ୍ୟା କିମ୍ବା ଯୋଗାଣକାରୀ ମୂଲ୍ୟ ବୃଦ୍ଧି କିମ୍ବା ଉତ୍ପାଦନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ହିଁ ଏହି ଔଷଧଗୁଡ଼ିକୁ ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ଆଣିବାରେ ବାଧା ସୃଷ୍ଟି କରିଥାଏ। ସେହିଭଳି ଆଣ୍ଟିବାୟୋଟିକ୍ସର ଚାହିଦା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ହଠାତ୍ ବ୍ୟାକ୍ଟେରିଆ ସଂକ୍ରମଣ ଦେଖାଦେବା ଏବଂ ଜାତୀୟ ସ୍ତରରେ ଯୋଗାଣର ଦୁର୍ବଳ ପରିଚାଳନା କାରଣରୁ ଚାହିଦାରେ ଅସ୍ଥିରତା ଦେଖାଯାଇଥାଏ। ଫଳରେ ବିକ୍ରି ପାଇଁ ବଜାରରେ ଏହା ଉପଲବ୍ଧ ହୁଏ ନାହିଁ। ସାଧାରଣତଃ ଫାର୍ମାସ୍ୟୁଟିକାଲ ଶିଳ୍ପରେ ଅଭାବ ସ୍ଥିତି ଉପୁଜିଥାଏ। ଅନ୍ୟ ଔଷଧର ଅଭାବ ତୁଳନାରେ ଆଣ୍ଟିବାୟୋଟିକ୍ସ ଅଭାବର ସମ୍ଭାବନା ୪୨%ରୁ ଅଧିକ ରହିଛି। ଯଦିଓ ସମସ୍ୟାର ସ୍ତର ପ୍ରକାଶ କରିବା ପାଇଁ ଠିକ୍ ସଂଖ୍ୟା ପାଇବା କଷ୍ଟକର, ତଥାପି ଉତ୍ତମ ମାର୍କେଟ ଇଣ୍ଟେଲିଜେନ୍ସ ଦ୍ୱାରା ଅନେକ କିଛି ଅନିଶ୍ଚିତତାକୁ ଦୂରେଇ ଦିଆଯାଇପାରେ। ଏପରିକି ଆଣ୍ଟିବାୟୋଟିକ୍ ଅନ୍ୟ ଔଷଧ ତୁଳନାରେ କମ୍ ଲାଭଜନକ ହୋଇଥିଲେ ବି ଯଦି ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡ଼ିକ ପାଖରେ ଠିକ୍ ତଥ୍ୟ ଥାଏ, ତେବେ ସେମାନେ ଲାଭ ପାଇପାରିବେ। ଉନ୍ନତ ପୂର୍ବାନୁମାନ ଉତ୍ପାଦନକାରୀମାନେ ସାମ୍ନା କରୁଥିବା ବିପଦକୁ ହ୍ରାସ କରିପାରେ ଏବଂ ଉତ୍ପାଦନ ବୃଦ୍ଧି କରିବା ସହ ସେମାନଙ୍କ ବଜାରକୁ ବିସ୍ତାର କରିବା ପାଇଁ ଏକ ଶକ୍ତିଶାଳୀ ପ୍ରୋତ୍ସାହନ ଯୋଗାଇ ଦେଇପାରେ।



ଦେଶଗୁଡ଼ିକ, ବିଶେଷକରି ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଔଷଧ କ୍ରୟ, ପଞ୍ଜୀକରଣ ଏବଂ ପରିଚାଳନା ପଦ୍ଧତିରେ ଉନ୍ନତି ପାଇଁ ବ୍ୟାପକ ସୁଯୋଗ ଅଛି। ଜାତୀୟ ନିୟାମକ କର୍ତ୍ତୃପକ୍ଷଙ୍କ କ୍ଷମତା ବିସ୍ତାର କରି; ଉଦାହରଣ ସ୍ୱରୂପ, ଯୋଗାଣକୁ ଟ୍ରାକ୍ କରିବା ଏବଂ ସମନ୍ୱୟ ରକ୍ଷା କରିବା ଏବଂ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ଲାଗି ଭଣ୍ଡାର ସୃଷ୍ଟି କରିବା ସହଜ ହେବ। ଡ୍ରଗ୍ ନିର୍ମାତାମାନଙ୍କୁ ଏହିସବୁ ଅଧିକ ନିଶ୍ଚିତତା ପ୍ରଦାନ କରିବାରେ ମଧ୍ୟ ସାହାଯ୍ୟ କରିବ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଗ୍ଲୋବାଲ ଆଣ୍ଟିବାୟୋଟିକ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ପାର୍ଟନରଶିପ (ଯେଉଁଥିରେ ମୁଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ)ର ମିଳିତ ନେତୃତ୍ୱରେ ଚାଲିଛି ସିକ୍ୟୁୟର ଅଭିଯାନ। ଅତ୍ୟାବଶ୍ୟକ ଆଣ୍ଟିବାୟୋଟିକ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ଦେଶଗୁଡ଼ିକ ସହିତ କାର୍ଯ୍ୟ କରିବାକୁ ଏହା ଲକ୍ଷ୍ୟ ରଖିଛି। ଅଭାବ ସ୍ଥିତିରେ ତଦାରଖ, ପ୍ରତିରୋଧ ଏବଂ ପ୍ରତିକ୍ରିୟାରେ ସାହାଯ୍ୟ କରିବାରେ ଜାତୀୟ ନିୟାମକ କର୍ତ୍ତୃପକ୍ଷ କେମିତି କେନ୍ଦ୍ରୀଭୂତ କେନ୍ଦ୍ର ଭାବେ କାର୍ଯ୍ୟ କରିପାରିବେ, ତା' ଉପରେ ଅନୁସନ୍ଧାନ କରିବ। ପରିଶେଷରେ, ସିକ୍ୟୁୟର ମିଳିତ କ୍ରୟ ବ୍ୟବସ୍ଥା ଲାଗି ଦେଶଗୁଡ଼ିକୁ ଉତ୍ସାହିତ କରିବା ସହ ଅଧିକ ବିଶ୍ୱାସଯୋଗ୍ୟ ଯୋଗାଣ ନିଶ୍ଚିତ କରି ଅଧିକ ଉତ୍ସାହଜନକ ଏବଂ ପ୍ରତିଯୋଗୀ ବଜାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଆଣ୍ଟିବାୟୋଟିକ୍ ଅଭାବ ସବୁ ଦେଶ ପାଇଁ ଏକ ଗମ୍ଭୀର ସମସ୍ୟା। କିନ୍ତୁ ଅନେକ କିଛି ଉପାୟ ଅଛି, ଯେଉଁଥିରେ ସେଗୁଡ଼ିକୁ ଦୂର କରାଯାଇପାରିବ ଏବଂ ତାହା କରାଯିବା ଉଚିତ। ଏଏମ୍ଆର୍‌ର ତୀବ୍ର ବିସ୍ତାର ଏବଂ ଆଣ୍ଟିବାୟୋଟିକ୍ ବିକାଶରେ ବିଳମ୍ବକୁ ଦୃଷ୍ଟିରେ ରଖି ଆମେ ଏହି ସମସ୍ୟାକୁ ଅଣଦେଖା କରିପାରିବା ନାହିଁ। ଏହା ସହ ଅଭାବୀ ଯୋଗାଣର ସମାଧାନ ପାଇଁ ପ୍ରୟାସ କରାଯିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ, ଯାହା ନୂତନ ଔଷଧ ଉପଲବ୍ଧତା ଏବଂ ଆବଶ୍ୟକ କରୁଥିବା ଲୋକଙ୍କ ନିକଟରେ ତାହା ପହଞ୍ଚିବା ପ୍ରକ୍ରିୟାକୁ ନିଶ୍ଚିତ କରିବାରେ ସାହାଯ୍ୟ କରିବ।

**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଗ୍ଲୋବାଲ ଆଣ୍ଟିବାୟୋଟିକ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ପାର୍ଟନରଶିପ୍**

## ଏଇ ଭାରତରେ

ପିତାଙ୍କ ସ୍ମୃତିରେ ଜଙ୍ଗଲ ସୃଷ୍ଟି କରି ଏକ ନିଆରା କାର୍ଯ୍ୟ କରୁଛନ୍ତି ପୁତ୍ର ଜର୍ଜ ରେମିଡିଓସ। ଜର୍ଜ ଏକ ବିଜ୍ଞାପନ ଏଜେନ୍ସିରୁ ଚାକିରି ଛାଡ଼ି 'ଦି ଟର୍ନିଂ ଟାଇଡ୍' ସଂସ୍ଥା ଗଠନ କରି ତା' ମାଧ୍ୟମରେ ମୁମ୍ବାଇର କେନ୍ଦ୍ରସ୍ଥଳୀରେ ୧୨ଟି ଜଙ୍ଗଲ କରିଛନ୍ତି। ପ୍ରତ୍ୟେକଟି ଜଙ୍ଗଲ ପାଇଁ ସେ ୧୫ରୁ ୩୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ବିଗତ ୮ ବର୍ଷରେ ସେ ତାଙ୍କ ସଂସ୍ଥା ଦ୍ୱାରା ୨୬,୦୦୦ ଗଛ ରୋପଣ କରି ଏଭଳି ଜଙ୍ଗଲ କରିପାରିଛନ୍ତି। ଏହି ଜଙ୍ଗଲଗୁଡ଼ିକ ଲୋକମାନଙ୍କୁ ବିଭିନ୍ନ କିସମର ଫଳ ଯୋଗାଉଛି। ଜଙ୍ଗଲରୁ ଆମ୍ବ, ପିଜୁଳି, ଡାଳିମ୍ବ ଓ କଦଳୀ ଆଦି ଫଳ ମିଳୁଛି। ଜଙ୍ଗଲର ଯତ୍ନ ନେବା ଲାଗି ସେ ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମଗୁଡ଼ିକୁ ଦାୟିତ୍ୱ ଦେଇଛନ୍ତି। ସେ ସୀମିତ ଜାଗାରେ ସମାନ ପ୍ରକାର ଜଙ୍ଗଲ ସୃଷ୍ଟି କରିବାକୁ ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି। ଜର୍ଜଙ୍କୁ ୯ ବର୍ଷ ବୟସ ହୋଇଥିବାବେଳେ ସେ ଗଛପ୍ରିୟ ଥିଲେ ଯାହା ପରବର୍ତ୍ତୀ ସମୟରେ ତାଙ୍କୁ ଏଭଳି କାର୍ଯ୍ୟ କରିବାକୁ ପ୍ରେରିତ କରିଛି। ମୁମ୍ବାଇ ପରେ ପୁଣେ, ତିରୁଚିରାପଲ୍ଲୀ, ପାରା ଓ ତରଙ୍ଗମ୍ବାଡିରେ ଜଙ୍ଗଲ ସୃଷ୍ଟି କରିବା ଲାଗି ସେ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଅକ୍ଟୋବର ୧୯୯୮**

- ରାଜ୍ୟର ଉଦୀୟମାନ ଯୁବ କ୍ରିକେଟ ତାରକା ଦେବାଶିଷ ମହାନ୍ତ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ।
- ଅର୍ଥ ଓ ବାଣିଜ୍ୟ କ୍ଷେତ୍ରରେ ନୂଆ ସମ୍ପର୍କ ସୃଷ୍ଟି ହେବା ଲକ୍ଷ୍ୟରେ ଭାରତ ଓ ବୁଲଗାରିଆ ମଧ୍ୟରେ ୨ଟି ଚୁକ୍ତି ସ୍ୱାକ୍ଷରିତ।
- ପାଲେଷ୍ଟାଇନ ସହିତ ଏକ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିବା ପ୍ରତିବାଦରେ ଇସ୍ରାଏଲ୍‌ର ଏକ ବିରୋଧୀ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ୮-୨୧ ଭୋଟରେ କାଟ ଖାଇଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | | 8 | 2 |
| | 4 | | 1 | 9 | | | | |
| | | 3 | | | | | | |
| | 6 | 2 | | | 8 | | 3 | |
| 7 | | | 6 | | | | | |
| 4 | | | | 2 | | | 5 | |
| | | | | 8 | | 7 | | |
| | | | | 6 | 4 | 5 | | |
| 5 | | | 7 | | | | 2 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 8 | 3 | 7 | 4 | 2 | 6 |
| 6 | 2 | 3 | 1 | 5 | 4 | 8 | 7 | 9 |
| 8 | 7 | 4 | 9 | 6 | 2 | 3 | 1 | 5 |
| 4 | 3 | 1 | 6 | 7 | 5 | 2 | 9 | 8 |
| 2 | 5 | 9 | 3 | 4 | 8 | 1 | 6 | 7 |
| 7 | 8 | 6 | 2 | 1 | 9 | 5 | 3 | 4 |
| 3 | 4 | 8 | 7 | 2 | 6 | 9 | 5 | 1 |
| 9 | 1 | 7 | 5 | 8 | 3 | 6 | 4 | 2 |
| 5 | 6 | 2 | 4 | 9 | 1 | 7 | 8 | 3 |

ଗତକାଲିର ଉତ୍ତର

# ଆଇନର ନବୀକରଣ ଲୋଡ଼ା



ଡ.ମୌସୁମୀ ପରିଡ଼ା

କୌଣସି ଦୁର୍ଘଟଣାର ପୁନରାବୃତ୍ତି ଘଟିବା ଦୁର୍ଭାଗ୍ୟଜନକ। ସେଥିପାଇଁ ଆଇନକାନୁନ, ବ୍ୟବସ୍ଥା ବଦଳିବା ଜରୁରୀ। ଜନବହୁଳ ଦେଶରେ ଅସରନ୍ତି ସମସ୍ୟା ରହିବ, କିନ୍ତୁ ତା'ର ନିରାକରଣର ପଥ ସୁଗମ ହେବା ଉଚିତ। ଆବଶ୍ୟକ ସ୍ଥଳେ ନିୟମ ବଦଳିବା, ଧାରାରେ ସଂଶୋଧନ ହେବା ଅପରିହାର୍ଯ୍ୟ। କ୍ଷମତା ହାସଲ ଖେଳରେ ଦେଶର ସ୍ୱାର୍ଥ, ନିରାପତ୍ତା ବିପନ୍ନ ନ ହେଉ। କୌଣସି ନାଗରିକ ବିନା ଦୋଷରେ ଦଣ୍ଡ ନ ପାଉ। ଯେକୌଣସି ସମସ୍ୟା ରୋଗ ପରି ଦେଶବାସୀଙ୍କୁ ସଂକ୍ରମିତ କରିବା ପୂର୍ବରୁ ବିହିତ ପଦକ୍ଷେପ ନେବା ଜରୁରୀ। ସଂକ୍ରମିତ ଅଙ୍ଗଟି କଟି ନ ଯାଉ। ଯେପରି ଖଲିସ୍ଥାନ ପରି ସମସ୍ୟା ଉପୁଜିଛି! ନେଡ଼ିଗୁଡ଼ କହୁଣିକୁ ବୋହିଯିବା ପରି ଦେଶର ଶୃଙ୍ଖଳା ଅଣାୟତ୍ତ ହେବାବେଳେ ପ୍ରିଭେନ୍‌ସନ ବେଟର୍ ଦ୍ୟାନ୍ କିଓର୍ ନ୍ୟାୟରେ ପଦକ୍ଷେପ ନେବା ଜରୁରୀ।

ଆଖପାଖରେ ସବୁବେଳେ ଖରାପ ଘଟଣା ଘଟି ନ ଥାଏ। ଭଲ ଘଟଣାମାନ ବି ଘଟୁଛି। ସେଗୁଡ଼ିକର ପ୍ରଚାର ପ୍ରସାର ହେଉଛି ସାମାଜିକ ଗଣମାଧ୍ୟମ ଦ୍ୱାରା। ଖରାପ ଘଟଣା ସହ ଭଲ ଘଟଣାଗୁଡ଼ିକର ତର୍ଜମା କରାଗଲେ ଜନସଚେତନତା ସୃଷ୍ଟି ହେବ। ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ସକାରାତ୍ମକ ଘଟଣାଗୁଡ଼ିକର ପ୍ରସାରପ୍ରଚାର କରି ଜନସଚେତନତା ସୃଷ୍ଟି କରନ୍ତୁ। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେଲେ ହିଁ ସାମାଜିକ ପରିବର୍ତ୍ତନ ସମ୍ଭବ। ପରସ୍ପର କାଦୁଅ ଫିଙ୍ଗାଫିଙ୍ଗିରେ ସମସ୍ୟା ଆହୁରି କଦର୍ଯ୍ୟ ରୂପ ନେବ। ଆମ ଦେଶରେ ଖୁବ୍ ଶୀଘ୍ର ଲୋକମାନେ ପ୍ରତିକ୍ରିୟା ଦିଅନ୍ତି ଓ କିଛିଦିନ ଭିତରେ ସେ ଅଘଟଣକୁ ଭୁଲି ବି ଯାଆନ୍ତି। ପ୍ରାଥମିକ ସ୍ତରରେ ଯାହା ଲୋକଲୋଚନକୁ ଆସେ, ତାକୁ ନେଇ ତର୍କବିତର୍କ ଚାଲେ। ବର୍ଷ ବର୍ଷ ବିତିଯାଏ। ତଦନ୍ତର ନିଷ୍କର୍ଷ ଯାହା ଆସେ, ତାହା ଅନେକଙ୍କୁ ଭ୍ରମରେ ପକାଏ। କେତେଜଣ ଲୋକ ବ୍ୟବସ୍ଥାକୁ ନେଇ ଭ୍ରୂକୁଞ୍ଚନ କରନ୍ତି। କହିବା ବାହୁଲ୍ୟ, ସେତେବେଳେ ଲୋକମାନଙ୍କ ମନରେ ଅତୀତର ଦୁର୍ଘଟଣା ଆଗ ପରି ସତେଜ ନ ଥାଏ। ଏସବୁ ଗତାନୁଗତିକ। କିଛିଦିନର ହଇଚଇ ପରେ ସବୁ ଶାନ୍ତ। ଏହା ହିଁ ବିଡ଼ମ୍ବନା!

ଜନସଂଖ୍ୟା ବୃଦ୍ଧି, ଦେଶର ଅଖଣ୍ଡତା, ଧାର୍ମିକ ବିବାଦ ଭିତରେ ସମସ୍ୟାଗୁଡ଼ିକର ରୂପରେଖ ବଦଳିଚାଲିଛି। ତଦନୁଯାୟୀ ସାମ୍ବିଧାନିକ ନୀତିନିୟମମାନ ବଦଳିବା ଜରୁରୀ ହୋଇପଡ଼ିଛି। ପ୍ରତିଦିନ କୋର୍ଟକଚେରିଗୁଡ଼ିକରେ ଗଦାଗଦା ମାଲିମକଦ୍ଦମା ଦାଏର ହେଉଛି। ଫାଇଲ୍ ପରେ ଫାଇଲ୍ ପଡ଼ିରହୁଛି ତହସିଲ କାର୍ଯ୍ୟାଳୟରେ। ନିୟମ ବ୍ୟବସ୍ଥା ଯେତିକି ସହଜ ମନେହେଉଛି ସେହି ଅନୁସାରେ କାମ ହେଉନାହିଁ। ଜମିଜମା ମାମଲାରେ ଏ ଅଫିସ୍‌ରୁ ସେ ଅଫିସ୍‌କୁ ଧାଇଁଧାଇଁ ସାଧାରଣ ଲୋକଟିଏ ଅସହାୟ ହୋଇଯାଉଛି। ସରକାରୀ ଜମିଗୁଡ଼ିକୁ ଜବରଦଖଲକାରୀମାନେ ବର୍ଷ ବର୍ଷ ଧରି ମାଡିବସିଥିବାବେଳେ ନୀରବତା ଅବଲମ୍ବନ କରୁଥିବା ବିଭାଗୀୟ ଅଫିସରମାନେ ସମସ୍ୟାକୁ ଉପେକ୍ଷାକରି ପ୍ରମୋଶନଜନିତ ବଦଳି ପାଇଁ ରାଜଧାନୀ-ମୁହାଁ। ପରେ ସରକାରୀ ଜମିକୁ ମୁକୁଳେଇବାକୁ ପ୍ରଶାସନକୁ ଖୁବ୍ କସରତ କରିବାକୁ ପଡୁଛି। ଏଭଳି ଅସରନ୍ତି ସମସ୍ୟା ଦେଶର ମେରୁଦଣ୍ଡକୁ ଦୁର୍ବଳ କରିଚାଲିଛି। ଯୋଜନାର ସୁଫଳ ବାସ୍ତବରେ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ ସନ୍ଦେହ! ଏଭଳି ଦୁଃସ୍ଥିତିରେ ନୀରବଦ୍ରଷ୍ଟା ସାଜୁଥିବା ଅଧିକାରୀମାନେ କାହିଁକି କ୍ଷମତାସୀନ ହେଉଛନ୍ତି, କ୍ଷମତାଭୋଗ ପାଇଁ ନା ଜନସେବା ପାଇଁ ତାହା ଆଲୋଚନା ସାପେକ୍ଷ। କେବଳ କାଗଜ କଲମରେ ଅଭିବୃଦ୍ଧି ଦର୍ଶା ନ ଯାଉ। କ୍ଷମତାସୀନ ପଦାଧିକାରୀମାନେ ନିଜ ଦାୟିତ୍ୱ ପ୍ରତି ସଚେତନ ହେବା ଉଚିତ।



ପ୍ରାୟ ଅନେକ କେସ୍‌ର ଶୁଣାଣି ବିଳମ୍ବଜନିତ। ନିର୍ଦ୍ଦୋଷରେ ଜଣେ ବର୍ଷ ବର୍ଷ ଧରି କାରାଦଣ୍ଡ ଭୋଗିବା କେତେ ଯୁକ୍ତିଯୁକ୍ତ? ଫଳସ୍ୱରୂପ ଅପରାଧୀମାନେ ଦିବାଲୋକରେ ଅଘଟଣ ଘଟାଇ ଫେରାର ହୋଇଯାଉଛନ୍ତି। ଧରାପଡ଼ିଲେ ବି ଭୟ ନାହିଁ। କାରଣ ପୂର୍ବରୁ ଖଲାସ ହୋଇଆସିଛନ୍ତି! ତେବେ କଥା ଅଟକିଛି ଆମ ବ୍ୟବସ୍ଥାଠାରେ। ଯେଉଁଠି ମାନବିକତା, ଉଦାରତା ଓ କ୍ଷମାକୁ ଦୁର୍ବଳତା ବୋଲି ଅସାମାଜିକମାନେ ଭାବିନେଇଛନ୍ତି। ଯେଉଁଠି ଅପରାଧ ଅନୁସାରେ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡର ଆଦେଶ ଦିଆଯାଏ, ତାକୁ କୋହଳ କରିବାର ଗଳାବାଟଟି ମଧ୍ୟ ମହଜୁଦ ଥାଏ, ସେଠି ଫାଶୀଦଣ୍ଡକୁ ଅପରାଧୀ ଭୟ କରିବ କାହିଁକି? ପ୍ରସଙ୍ଗ ହେଉଛି- ଅପରାଧୀ ଯଦି ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୁଏ ତେବେ ସମାଜକୁ କି ବାର୍ତ୍ତା ଯିବ? ପ୍ରମାଣ ଲିଭାଇବା ପାଇଁ ଆଜିକାଲି କେତେ ଚଞ୍ଚକତା ହେଉଛି, କହିବା ଅନାବଶ୍ୟକ। ଅପରାଧର ପ୍ରତିରୋଧ ପାଇଁ ବିଶେଷ ନୀତିନିୟମ ପ୍ରଣୟନ କରାଯାଉ।

ବିଳମ୍ବଜନିତ ପ୍ରତିକ୍ରିୟା କିଭଳି ଉତ୍କଟ ରୂପ ନିଏ, ମଣିପୁର ଦୁର୍ଘଟଣା ଏହାର ସଦ୍ୟ ପ୍ରମାଣ। ଉଚିତ ଅନୁଚିତ, ଠିକ୍ ଭୁଲ୍‌ର ଦ୍ୱାହିଦେଇ ପକ୍ଷ ବିପକ୍ଷ କାଦୁଅ ଫିଙ୍ଗାଫିଙ୍ଗି କଲେ ସୁଫଳ ମିଳିବାର ନାହିଁ। ବାକ୍ ସ୍ୱାଧୀନତାର ଅର୍ଥ ବାକ୍ ଉଦ୍ଦଣ୍ଡତା ବା ସ୍ୱେଚ୍ଛାଚାରିତା ନୁହେଁ। ମର୍ଯ୍ୟାଦା ଭିତରେ ଥାଇ ପ୍ରତିରୋଧ କରିବା ଜରୁରୀ। ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଭାଷା ଅନ୍ୟାୟ ଅଧର୍ମର ପ୍ରତିରୋଧ ନ କରି ପରିବେଶକୁ ଅଶାନ୍ତିକର ଓ ଜଟିଳ କରୁଛି। ସେଥିପାଇଁ ଅଙ୍କୁଶ ନାହିଁ। ୭୮୭ କୋଟି ଲୋକଙ୍କ ଭିତରେ ୫୬.୭ ପ୍ରତିଶତ ଲୋକେ ସାମାଜିକ ଗଣମାଧ୍ୟମ ବ୍ୟବହାର କରନ୍ତି। ସର୍ଭେ ଅନୁସାରେ ୧୩-୧୭ ବର୍ଷ ଭିତରେ ୯୦ ପ୍ରତିଶତ ପିଲା ଏହାଦ୍ୱାରା ପ୍ରଭାବିତ। ସେମାନଙ୍କ ଭିତରୁ ୬୦ ପ୍ରତିଶତ ପିଲାମାନଙ୍କର ସୋସିଆଲ ଆକାଉଣ୍ଟ ରହିଛି। କହିବା ଅନାବଶ୍ୟକ ଆମ ଉତ୍ତରପିଢ଼ି ସମାଜଠାରୁ ଅଶ୍ଳୀଳତା ଶିକ୍ଷା ପାଉଛନ୍ତି!

ପରିସଂଖ୍ୟାନ ଅନୁଯାୟୀ ଚଳିତବର୍ଷ ୨୦୨୩ରେ ଆମ ଦେଶର ଆପରାଧିକ ମାମଲା ପାଖାପାଖି ୪୪୬ (୧ଲକ୍ଷ ଲୋକଙ୍କ ଭିତରେ) ହୋଇଥିବାବେଳେ ଏହି ସଂଖ୍ୟା ଗତବର୍ଷଗୁଡ଼ିକଠାରୁ ୦.୫୬ ପ୍ରତିଶତ କମ୍। କିନ୍ତୁ ବଳାତ୍କାର ମାମଲା ୧.୧ ପ୍ରତିଶତ ବୃଦ୍ଧିପାଇବା ଚିନ୍ତାଜନକ। ସମ୍ବିଧାନରେ ମୌଳିକ ଅଧିକାରକୁ ନେଇ ହେଉଥିବା ଚର୍ଚ୍ଚା ଏକପାଖିଆ ହୋଇ ବହୁବିଧ ଆପରାଧିକ ମାମଲାକୁ ପ୍ରୋତ୍ସାହିତ ନ କରୁ। ପ୍ରତିକାର ସ୍ୱରୂପ ନୂତନ ଆଇନକାନୁନ ପ୍ରଣୟନ କରାଯାଇ ସାମାଜିକ ବିଶୃଙ୍ଖଳାରେ ପ୍ରତିବନ୍ଧକ ଲଗାଯାଉ। ବାକ୍ ସ୍ୱେଚ୍ଛାଚାରୀଙ୍କ ପ୍ରତି ଅଙ୍କୁଶ ଲାଗୁ। ଉପରୋକ୍ତ ସମସ୍ୟା ଭଳି ଅନେକ ସମସ୍ୟା ରହିଛି। ସମ୍ବିଧାନିକ ନୀତିନିୟମ ସଂଶୋଧିତ ନ ହେଲେ ଆଗକୁ ଉତ୍କଟ ସ୍ଥିତି ଉପୁଜିବା ସହ ଦେଶ ବିଭାଜନର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

ମୋ-୯୪୩୭୩୧୭୦୨୬

## ଆସ, ଚନ୍ଦ୍ରଗ୍ରହଣ ଦେଖିବା



ଡ. କମଳାକାନ୍ତ ଜେନା

ଆସନ୍ତା ୨୮ ତାରିଖ, ଶନିବାର ରାତିରେ ଆଂଶିକ ଚନ୍ଦ୍ରଗ୍ରହଣ ହେବ। ଏହା ଓଡ଼ିଶା ସମେତ ସାରା ଭାରତରେ ଦୃଶ୍ୟମାନ ହେବ। ପୁରୀରେ ରାତି ୧ଟା ୫ ମିନିଟ୍ ୨୩ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବ ଓ ରାତି ୨ଟା ୨୨ ମିନିଟ୍ ୩୮ ସେକେଣ୍ଡରେ ଶେଷ ହେବ। ତେଣୁ ମୋଟ ୧ ଘଣ୍ଟା ୧୭ ମିନିଟ୍ ୧୫ ସେକେଣ୍ଡ ଗ୍ରହଣ ରହିବ। ସମଗ୍ର ୟୁରୋପ ମହାଦେଶରେ ଏହା ଦୃଶ୍ୟମାନ ହେବ। ଏସିଆ, ଆଫ୍ରିକା, ଆମେରିକା ଓ ଅଷ୍ଟ୍ରେଲିଆର ଅଧିକାଂଶ ଅଞ୍ଚଳକୁ ମଧ୍ୟ ଦୃଶ୍ୟମାନ ହେବ। ଓଡ଼ିଶାର ସବୁ ଅଞ୍ଚଳର ଲୋକମାନେ ଏହାକୁ ଦେଖିପାରିବେ। କିନ୍ତୁ ଚନ୍ଦ୍ରଗ୍ରହଣ ଦେଖିବା ଅଶୁଭ ବୋଲି କିଛି ଲୋକ ଆମକୁ ଉପଦେଶ ଦିଅନ୍ତି। ଏହାକୁ ଦେଖିଲେ ଅନିଷ୍ଟ ହେବ ବୋଲି ଡରାନ୍ତି। ଅନ୍ୟ ପଟେ ବୈଜ୍ଞାନିକମାନେ ନିର୍ଭୟରେ ଚନ୍ଦ୍ରଗ୍ରହଣ ଦୃଶ୍ୟକୁ ଉପଭୋଗ କରିବା ପାଇଁ ଉପଦେଶ ଦିଅନ୍ତି। ସେହି ପ୍ରସଙ୍ଗରେ ଆଜିର ଏହି ଆଲୋଚନା ରହିଛି।

ଦିନ ଥିଲା, 'ଚନ୍ଦ୍ର'କୁ ଦେବତା ରୂପରେ ପୂଜା କରାଯାଉଥିଲା। କିନ୍ତୁ ବିଜ୍ଞାନ ଯୁଗରେ ଚନ୍ଦ୍ର ବିଷୟରେ ଆମେ ଅନେକ କଥା ଜାଣିପାରିଛୁ। ଏହା ଦେବତା ନୁହେଁ, ବରଂ ମାଟି ଓ ପଥରରେ ତିଆରି ବିଶାଳ ପେଣ୍ଡୁ ବୋଲି ପ୍ରମାଣ ପାଇଛୁ। ଆଜି ସୁଦ୍ଧା ୧୨ ଜଣ ମହାକାଶଚାରୀ ଚନ୍ଦ୍ରପୃଷ୍ଠରେ ଓହ୍ଲାଇ ସାରିଛନ୍ତି। ଚନ୍ଦ୍ର କୌଣସି ଜୀବନ୍ତ ରାକ୍ଷସ ନୁହେଁ କିମ୍ବା କୌଣସି ଦେବତା ନୁହେଁ ବୋଲି ପ୍ରମାଣ ପାଇଛନ୍ତି। ତା' ଉପରେ ସେମାନେ ଚାଲିଛନ୍ତି। ସେମାନେ ଚନ୍ଦ୍ରପୃଷ୍ଠରେ କଳା ଧୂଳି ଓ ପଥର ପାଇଛନ୍ତି। ସେଠାରେ ଗାତ ଓ ପାହାଡ଼ ଦେଖିଛନ୍ତି। ତଥାପି ଚନ୍ଦ୍ରଗ୍ରହଣକୁ ନେଇ ସମାଜରେ ଅନେକ ଅନ୍ଧବିଶ୍ୱାସ ରହିଛି। ଭୟାନକ ରାହୁ ଚନ୍ଦ୍ରକୁ ଗିଳିଦେବା ହେତୁ ଚନ୍ଦ୍ରଗ୍ରହଣ ହୁଏ ବୋଲି ଲୋକେ ଭାବୁଛନ୍ତି। ସେହି ଅନ୍ଧବିଶ୍ୱାସ ଲୋକଙ୍କୁ ଭୟଭୀତ କରୁଛି।

ଆଜି ବିଜ୍ଞାନ ପ୍ରମାଣ କରିଛି ଯେ, ଚନ୍ଦ୍ର ଉପରେ ପୃଥିବୀର ଛାଇ ପଡ଼ିଲେ ଚନ୍ଦ୍ରଗ୍ରହଣ ହୁଏ। ତେଣୁ ଚନ୍ଦ୍ରଗ୍ରହଣକୁ ଭୟ କରିବା ଅର୍ଥ ଛାଇକୁ ଡରିବା। ସ୍କୁଲ କଲେଜରେ ପଢୁଥିବା ପିଲାମାନେ ଯଦି ଜାଣିବେ ଯେ ଆମେ ଚନ୍ଦ୍ରଗ୍ରହଣକୁ ଡରୁ, ସେମାନେ ହସିବେ। କାରଣ ସେମାନେ ଜାଣିଛନ୍ତି ଯେ, ଚନ୍ଦ୍ରର ନିଜର ଆଲୋକ ନାହିଁ। ତା' ଉପରେ ସୂର୍ଯ୍ୟ କିରଣ ପଡ଼ିଲେ ଆମେ ତାକୁ ଦେଖିପାରୁ। ସୂର୍ଯ୍ୟ ଚାରିପଟେ ପୃଥିବୀ ବୁଲୁଛି ଓ ପୃଥିବୀ ଚାରିପଟେ ଚନ୍ଦ୍ର ବୁଲୁଛି। ଯେଉଁ ପୂର୍ଣ୍ଣିମାରେ ଚନ୍ଦ୍ର, ପୃଥିବୀ ଓ ସୂର୍ଯ୍ୟ ଗୋଟିଏ ସରଳରେଖାରେ ରହନ୍ତି, ସେହି ପୂର୍ଣ୍ଣିମା ରାତିରେ ଚନ୍ଦ୍ରଗ୍ରହଣ ହୁଏ। ଚନ୍ଦ୍ର ଓ ସୂର୍ଯ୍ୟ ମଝିରେ ଠିକ୍ ସିଧାରେ ପୃଥିବୀ ରହିଥିବାରୁ ଚନ୍ଦ୍ର ଆଡ଼କୁ ଯାଉଥିବା ସୂର୍ଯ୍ୟ କିରଣକୁ ପୃଥିବୀ ଅଟକାଇ ଦିଏ। ଫଳରେ ପୃଥିବୀର ଛାଇ ଚନ୍ଦ୍ରପୃଷ୍ଠରେ ପଡ଼େ। ଚନ୍ଦ୍ରର ଯେତିକି ଅଞ୍ଚଳ ଉପରେ ପୃଥିବୀର ଛାଇ ପଡ଼େ, ସେତିକି ଅଂଶ ଆମକୁ କଳା ଦିଶେ। ପୃଥିବୀର ଛାଇ ଭିତରେ ଚନ୍ଦ୍ର ପୂରା ରହିଗଲେ ସମ୍ପୂର୍ଣ୍ଣ ଗ୍ରହଣ ଲାଗିଛି ବୋଲି କୁହାଯାଏ। ତେଣୁ ଚନ୍ଦ୍ରଗ୍ରହଣକୁ ଭୟ କରିବାର କୌଣସି କାରଣ ନାହିଁ।

ବର୍ଷକୁ ହାରାହାରି ୨ ଥର ଚନ୍ଦ୍ରଗ୍ରହଣ ହୁଏ। କିନ୍ତୁ ସବୁ ଗ୍ରହଣକୁ ପୃଥିବୀର ସମସ୍ତେ ଦେଖିପାରିବେ ନାହିଁ। ଜଣେ ୨୦ ବର୍ଷରେ ପ୍ରାୟ ୨୦ ଥର ଚନ୍ଦ୍ରଗ୍ରହଣ ଦେଖିବାର ସୁଯୋଗ ପାଏ। ତେଣୁ ଚନ୍ଦ୍ରଗ୍ରହଣ ବିରଳ ଘଟଣା। ଗ୍ରହଣ ଲାଗିବା ଆଗରୁ ଗୋଲ ଜହ୍ନକୁ ଦେଖିବା। ଧୀରେ ଧୀରେ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼ିବ। ଚନ୍ଦ୍ରର କିଛି ଅଂଶ ଦେଖାଯିବ ନାହିଁ। ଧୀରେ ଧୀରେ ଚନ୍ଦ୍ରର ଅଧିକ ଅଞ୍ଚଳ ପୃଥିବୀର ଛାଇ ଭିତରକୁ ଆସିବ। କିଛି ସମୟ ପରେ ପୃଥିବୀର ଛାଇ ଭିତରୁ ଚନ୍ଦ୍ର ବାହାରିବା ଆରମ୍ଭ କରିବ। ଶେଷରେ ଚନ୍ଦ୍ର ଉପରେ ଥିବା କଳା ଅଂଶ ପୂରା ଚାଲିଯିବ ଓ ଆମେ ପୁଣି ଗୋଲ ଜହ୍ନକୁ ଦେଖିପାରିବା। ଗ୍ରହଣ ଲାଗିବା ଓ ଛାଡିବା ଦୃଶ୍ୟ ଖୁବ୍ ସୁନ୍ଦର। ତେଣୁ, ସେଭଳି ଦୃଶ୍ୟ ଦେଖିବାର ସୁଯୋଗକୁ ହାତଛଡ଼ା କରିବା ବୋକାମି। ଅବଶ୍ୟ ଖାଲି ଆଖିରେ ଆମେ ଚନ୍ଦ୍ରକୁ ଅନେଇବା ନାହିଁ। ଆବଶ୍ୟକ ସତର୍କତା ଅବଲମ୍ବନ କରି ଚନ୍ଦ୍ରଗ୍ରହଣକୁ ଉପଭୋଗ କରିବା। ବାଇନୋକୁଲାର ଓ ଟେଲିସ୍କୋପ୍ ସହାୟତାରେ ଦେଖିପାରିବା। ଆରମ୍ଭ ଓ ଶେଷ ସମୟରେ ଚନ୍ଦ୍ର ଉପରେ ନୀଳରଙ୍ଗର ପଟି ଦେଖିହେବ। ଏଭଳି ଚିତ୍ତାକର୍ଷକ ଦୃଶ୍ୟକୁ ସାଧାରଣ ଲୋକ ଉପଭୋଗ କରିବା ସକାଶେ ପ୍ଲାନେଟୋରିୟମଗୁଡ଼ିକରେ ବିଶେଷ ବ୍ୟବସ୍ଥା କରାଯାଉଛି। ଘରେ ଥାଳିରେ ହଳଦୀପାଣି ରଖି ତା' ଭିତରେ ଚନ୍ଦ୍ରଗ୍ରହଣ ଲାଗିବା ଦୃଶ୍ୟକୁ ଆମେ ଦେଖିପାରିବା। ଆଖି ସାମନାରେ ଏକ୍ସ-ରେ ଫଟୋ-ପ୍ଲେଟ୍ ରଖି ମଧ୍ୟ ଚନ୍ଦ୍ରଗ୍ରହଣ ଦେଖିପାରିବା।

**ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ**
**ମୋ-୯୪୩୯୫୦୧୬୫୧**

## ପାଠକ ଶ୍ରେଷ୍ଠ ବିଚାରକ

### ଜବରଦଖଲ ଉଚ୍ଛେଦ ହେଉ

ମହାଶୟ,

ଖୁସିର କଥା ଏବେ ସରକାର ଦୀର୍ଘବର୍ଷରୁ ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲ ହୋଇଥିବା ସରକାରୀ ଜମିର ଉଦ୍ଧାର ପାଇଁ ତତ୍ପରତା ପ୍ରକାଶ କରୁଛନ୍ତି। ଜବରଦଖଲ ଯୋଗୁ ରାସ୍ତା ପ୍ରଶସ୍ତୀକରଣ, ଦେବସ୍ଥାନର ଉନ୍ନତୀକରଣ, କଲ୍ୟାଣମଣ୍ଡପ ଏବଂ ପାର୍କ ନିର୍ମାଣ ପ୍ରଭୃତି ଜନହିତକର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ଅନେକ ସ୍ଥଳରେ ଜବରଦଖଲକାରୀମାନେ ଆଗୁଆ ଅଦାଲତରୁ ରହିତାଦେଶ ଆଣି ପ୍ରଶାସନକୁ ନାକେଦମ୍ କରିଥାନ୍ତି। ଅର୍ଥାତ୍ ପରୋକ୍ଷରେ ଜନହିତକର କାମରେ ବାଧା ଉପୁଜାଇଥାନ୍ତି। ପୁନଶ୍ଚ ଦେଖାଯାଉଛି ଯେ ସରକାରୀ ଜମି ଅପେକ୍ଷା କୌଣସି ସାଧାରଣ ଲୋକର ରୟତି ଜମିରୁ ଜବରଦଖଲ ଉଚ୍ଛେଦ ଉପରେ ସରକାର ସେତେଟା ତତ୍ପରତା ପ୍ରକାଶ କରି ନ ଥାନ୍ତି। ବିଚରା ଜମି ମାଲିକ ବର୍ଷ ବର୍ଷ ଧରି ବିଭିନ୍ନ ଅଧିକାରୀଙ୍କୁ ହାରିଗୁହାରି କରି ତଳିତଳାନ୍ତ ହୋଇଯାଏ। ନିକଟରେ ବୌଦ୍ଧ ଜିଲା କଣ୍ଟାମାଳ ତହସିଲ ଅନ୍ତର୍ଗତ ଖଲିଆପାଲି ଗାଁରେ ଜଣେ ଶିକ୍ଷକଙ୍କ ଦ୍ୱାରା ଦୀର୍ଘବର୍ଷରୁ ଜବରଦଖଲ ହୋଇଥିବା ନିଜ ରୟତି ଜମିରୁ ଉଚ୍ଛେଦ ପାଇଁ ଅନେକ ଅଫିସରଙ୍କୁ ଗୁହାରି କରି ନିରାଶ ହେଲାପରେ ତହସିଲ ଅଫିସ ସାମନାରେ ଆମରଣ ଅନଶନ କରିବାରୁ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଥିଲେ। ଏପରି ଉଦାହରଣର ଅଭାବ ନାହିଁ। ସମସ୍ତେ ଅଫିସ ଆଗରେ ଅନଶନରେ ବସି ପାରିବେ ନାହିଁ। ସମସ୍ତଙ୍କର ମୁଷ୍ଟିମେୟ ଜବରଦଖଲକାରୀଙ୍କୁ ସାମନା କରିବାର ସାହସ ନାହିଁ। ଜବରଦଖଲକାରୀ ମିଥ୍ୟା ଅଭିଯୋଗ କରି ଅସଲ ଜମି ମାଲିକଙ୍କୁ ହଇରାଣ କରେ। ଏମିତି ହଜାର ହଜାର ଉଦାହରଣ ରହିଛି। ତେଣୁ ସରକାର ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇ ସହାୟତା ପାଇଁ ସରଳ ବ୍ୟବସ୍ଥା କଲେ ଲୋକେ ଉପକୃତ ହୁଅନ୍ତେ।

**-ମାନଗୋବିନ୍ଦ ଷାଣ୍ଢ, ଖଲିଆପାଲି, କଣ୍ଟାମାଳ, ବୌଦ୍ଧ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ବାରତା ନ ଆସୁ ଏ ବିଜନ ପ୍ରବାସେ,
ସେ ସ୍ମୃତି ନ ଭାସୁ ଆଜି ଆଲୋକ ଆକାଶେ,
ଆଣିଛି ଯେ ସ୍ମୃତି ଧରି
ଯାଉ ସବୁ ଏଥି ମରି
ନିଭୃତ ଏ ଶୂନ୍ୟ କୋଣେ ତମସ ତରାସେ
ଆଲୋକର ରଶ୍ମି ଉଠୁ ପୁଣି ନବ ହାସେ।
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭୀମ ପୃଷ୍ଟି ପାଇଲେ ୪୪ତମ 'ଶାରଳା ପୁରସ୍କାର'

## ବେଣୁଧର ଓ ମୋହିନୀ ମୋହନଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'



ପୁରସ୍କାର ଗ୍ରହଣ ଅବସରରେ (ବାମରୁ) କଥାକାର ଭୀମ ପୃଷ୍ଟି, ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବେଣୁଧର ମହାପାତ୍ର ଓ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକ।

ଭୁବନେଶ୍ୱର,୨୬।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଗପ ହେଉ କି ଉପନ୍ୟାସ, ସବୁ ଭିତରେ ଆମେ କାହାଣୀ ଖୋଜୁ। ଅନ୍ତରାତ୍ମାର ଚିତ୍କାର ନ ଶୁଣିଲେ ଉପନ୍ୟାସ ଲେଖି ହୋଇପାରିବ ନାହିଁ ବୋଲି 'ଶାରଳା ପୁରସ୍କାର' ଗ୍ରହଣ ଅବସରରେ କଥାକାର ଭୀମ ପୃଷ୍ଟି କହିଛନ୍ତି। ଗୁରୁବାର ଇମ୍ପାକ୍ଟ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କଥାକାର ପୃଷ୍ଟିଙ୍କୁ ତାଙ୍କ ଲିଖିତ ଉପନ୍ୟାସ 'ଜମ୍ବୁଲୋକ' ପାଇଁ ୪୪ତମ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଦିଆଯାଇଛି। ତେବେ ପୁରସ୍କାର ଗ୍ରହଣ କରି ଲେଖକୀୟ ଅଭିବ୍ୟକ୍ତିରେ ସେ କହିଛନ୍ତି, ସବୁ କାହାଣୀ ମଣିଷର। ସବୁ ଶରଣାର୍ଥୀଙ୍କ ପ୍ରତୀକ ହେଉଛି 'ଜମ୍ବୁଲୋକ' ଉପନ୍ୟାସ ବୋଲି କଥାକାର ପୃଷ୍ଟି କହିଛନ୍ତି। ସେହିଭଳି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବେଣୁଧର ମହାପାତ୍ର ଓ ବିଶିଷ୍ଟ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ସହ ତାମ୍ରଫଳକ ଦିଆଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ମରାଠୀ ଲେଖକ ଡ. ଜ୍ଞାନେଶ୍ୱର ମୁଲେ କହିଲେ, ସାହିତ୍ୟ ମୋର ପ୍ରଥମ ପ୍ରେମ, ଯାହା କ୍ରମେ ଜୀବନ ପାଲଟିଯାଇଛି। ଜୀବନର ସବୁ ରହସ୍ୟ ନିଃସଙ୍କୋଚରେ କବିତା ମାଧ୍ୟମରେ କହିହୁଏ। ଜଣେ ଲେଖକର ସବୁ ପରିବର୍ତ୍ତନର ଆଭାସ ତା'ର ଲେଖା ମାଧ୍ୟମରେ ମିଳେ। ଲେଖିବା ଓ ପଢ଼ିବା ଏମିତି ଶକ୍ତି ଦିଏ, ଶରୀର କ୍ଳାନ୍ତ ଥିଲେ ମଧ୍ୟ ଅନ୍ୟ କୌଣସି ମନୋରଞ୍ଜନର ଆବଶ୍ୟକତା ପଡ଼େନି। ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଚାରି ଦଶନ୍ଧି ତଳେ ଓଡ଼ିଆ ଭାଷା, ସାହିତ୍ୟର ସମୂହ ବିକାଶ ଓ ସମୃଦ୍ଧି ପାଇଁ, ବିଶେଷକରି ନୂତନ ଲେଖକଙ୍କୁ ସାହିତ୍ୟ ପ୍ରତି ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଡ. ବଂଶୀଧର ପଣ୍ଡା ଓ ଇଲା ପଣ୍ଡା 'ଶାରଳା ପୁରସ୍କାର' ପ୍ରବର୍ତ୍ତନ କରିଥିଲେ। ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ପ୍ରତିବର୍ଷ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଏହି ପୁରସ୍କାର ଦିଆଯାଉଥିବା ସେ ସୂଚନା ଦେଇଥିଲେ। ଉତ୍ସବର ଦ୍ୱିତୀୟ ସୋପାନରେ କବି କେଦାର ମିଶ୍ରଙ୍କ ସଞ୍ଚାଳନରେ ଡ. ମୁଲେ ଓ ଭୀମ ପୃଷ୍ଟିଙ୍କ ମଧ୍ୟରେ ସାମ୍ପ୍ରତିକ ସାହିତ୍ୟକୁ ନେଇ ଆଲୋଚନାଚକ୍ର ହୋଇଥିଲା। 'ଟାଇମପାସ୍' ଦ୍ୱାରା ପ୍ରକାଶିତ ଓ ପ୍ରବାସିନୀ ମହାକୁଡ଼ଙ୍କ ଦ୍ୱାରା ଅନୂଦିତ ଜ୍ଞାନେଶ୍ୱର ମୁଲେଙ୍କ କବିତା ପୁସ୍ତକ 'ରତୁ ଉଇଁଆସୁଛି' ଲୋକାର୍ପିତ ହୋଇଥିଲା। ଅଭିନେତ୍ରୀ ମଧୁମିତା ମହାନ୍ତି ଉତ୍ସବ ସଂଯୋଜନା ଏବଂ ଇମ୍ପା କର୍ପୋରେଟ ଆଫେୟାର୍ସର ମୁଖ୍ୟ କିଶୋର ମହାନ୍ତି ଓ ଶାରଳା ସଚିବାଳୟର ମୁଖ୍ୟ ସଂଯୋଜକ ସରୋଜ ବଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଦାୟୀ ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୦(ଅନିଲ ଦାସ)

ବିଦାୟୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ତାଙ୍କର କାର୍ଯ୍ୟକାଳକୁ ପ୍ରଶଂସା କରିବା ସହ ସେ ତାଙ୍କୁ ଧନ୍ୟବାଦ ଦେଇଥିବା ଜଣାପଡ଼ିଛି। ଗଣେଶୀ ଲାଲ ଶୁକ୍ରବାର ତାଙ୍କ ନିଜ ରାଜ୍ୟ ହରିୟାଣାକୁ ଫେରିଯିବେ। ସୂଚନାଯୋଗ୍ୟ, ଗଣେଶୀ ଲାଲ ୨୦୧୮ ମେ' ୨୯ ତାରିଖରେ ରାଜ୍ୟପାଳ ଭାବେ ଯୋଗଦେଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୩ ମେ' ମାସରୁ ଶେଷ ହୋଇଥିଲେ ମଧ୍ୟ ସେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ପ୍ରାୟ ୫ ବର୍ଷ ୫ମାସ ଧରି ଏହି ଦାୟିତ୍ୱ ତୁଲାଇଥିଲେ।

# ଅକ୍ଟୋବର ୩୧ରେ ଶପଥ ନେବେ ନୂଆ ରାଜ୍ୟପାଳ

ଭୁବନେଶ୍ୱର,୨୬।୧୦ (ଅନିଲ ଦାସ)

ଆସନ୍ତା ୩୧ ତାରିଖରେ ରଘୁବର ଦାସ ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବେ। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ତାଙ୍କୁ ଓଡ଼ିଶାର ୨୬ତମ ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ରାଜଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ରଘୁବର ଦାସ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୧୮ତାରିଖରେ ତାଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା । ସେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସ୍ଥାନରେ କାର୍ଯ୍ୟ କରିବେ।

# ନରହରି କଟକ ଜିଲାପାଳ

ଭୁବନେଶ୍ୱର,୨୬।୧୦
(ଅନିଲ ଦାସ)

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ବଦଳି କରାଯାଇଛି। ତାଙ୍କୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଥିବା ନରହରି ସେଠୀଙ୍କୁ କଟକ ଜିଲାପାଳ ଭାବେ ବଦଳି କରାଯାଇଛି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନ୍ୟ ପକ୍ଷରେ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ବୁଧବାର ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ଓଏଏସ୍ ଅଫିସର ମନୋରଞ୍ଜନ ମଲ୍ଲିକଙ୍କୁ ଢେଙ୍କାନାଳ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ଗତ ୭ ଦିନ ମଧ୍ୟରେ ଜିଲା ସ୍ତରରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଓଏଏସ୍ ଅଫିସରଙ୍କ ବଦଳି ହୋଇସାରିଲାଣି।

# ରୋଗୀ ଦେଖିଲେ ବିଧାୟକ ଏକ୍କା



ବିଧାୟକ ଡ. ସିଏସ୍ ରାଜନ ଏକ୍କା ରୋଗୀ ଦେଖୁଛନ୍ତି।

ରାଜଗାଙ୍ଗପୁର,୨୬।୧୦
(ଅଶୋକ ପାଣି)

୨ ଦିନ ଧରି ଡାକ୍ତର ନ ଆସିବାରୁ ରୋଗୀ ଦେଖିଲେ ବିଧାୟକ। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ। ବିଧାୟକ ଡ. ସିଏସ୍ ରାଜନ ଏକ୍କା ଜାଣିବାକୁ ପାଇଥିଲେ ଡାକ୍ତରଖାନାକୁ ଡାକ୍ତର ଆସୁନାହାନ୍ତି। ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଗୁରୁବାର ସକାଳେ ବିଧାୟକ ନିଜେ ଚିକିତ୍ସାଳୟରେ ଉପସ୍ଥିତ ରହି ରୋଗୀ ଦେଖି ଚିକିତ୍ସା କରିଥିଲେ। ବିଧାୟକଙ୍କୁ ଡାକ୍ତରଭାବେ ଦେଖି ଡାକ୍ତରଖାନାରେ ରୋଗୀଙ୍କ ଭିଡ ଜମିଥିଲା। ଏନେଇ ବିଧାୟକ ଏକ୍କା ସୂଚନା ଦେଇ କହିଛନ୍ତି, ଚିକିତ୍ସାଳୟରେ ଉପଯୁକ୍ତ ଡାକ୍ତର ପଦବୀ ପୂରଣ କରିବା ସହ ବିଶେଷଜ୍ଞ ଡାକ୍ତର ଦେବା ପାଇଁ ବିଧାନସଭାରେ ଦାବି ରଖିଥିଲେ ସୁଦ୍ଧା ତାହା ପୂରଣ ହୋଇନାହିଁ। ଏଥିସହ ଜିଲା ଖଣିଜ ପାଣ୍ଠିରୁ ମଧ୍ୟ ଏନେଇ କୌଣସି ପ୍ରକାର ପଦକ୍ଷେପ ନିଆଯାଇନାହିଁ। ସୂଚନାଯୋଗ୍ୟ ଯେ, ବିଧାୟକ ସେନାରେ ଡାକ୍ତର ଥିଲେ ଓ ତାଙ୍କର ଅଭିଜ୍ଞତା ରହିଛି। ଏହି ଚିକିତ୍ସାଳୟ ଉପରେ ପୌରାଞ୍ଚଳର ୨୦ଟି ୱାର୍ଡର ଜନସାଧାରଣ ଏବଂ ୧୦ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସିତ ହେବାପାଇଁ ଆସିଥାନ୍ତି। କିନ୍ତୁ ସେହି ହିସାବରେ ଡାକ୍ତର ଏବଂ ବିଶେଷଜ୍ଞ ନାହାଁନ୍ତି ବୋଲି ବିଧାୟକ ଏକ୍କା କହିଛନ୍ତି।

# ସରକାରୀ କ୍ୱାର୍ଟର୍ସରେ ଘରୋଇ ଚିକିତ୍ସା

- ଭିଡିଓ ଭାଇରାଲ ପରେ ଚର୍ଚ୍ଚାରେ ସିଡିଏମ୍ଓ
- ଛୁଟି ସମୟରେ ଡାକ୍ତର ଘରୋଇ ଚିକିତ୍ସା କରିପାରିବେ: ସ୍ୱାସ୍ଥ୍ୟ ଅଧିକାରୀ

କେନ୍ଦୁଝର,୨୬।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବିଧାୟକ ଡାକ୍ତର ସିଏସ୍ ରାଜନ ଏକ୍କା ଡାକ୍ତର ଅଭାବ କାରଣରୁ ରୋଗୀ ସେବା କରି ପ୍ରଶଂସା ସାଉଣ୍ଟୁଥିବା ବେଳେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍ଓ) ଡା. କେ.ସି.ପୃଷ୍ଟି ନିଜର ସରକାରୀ କ୍ୱାର୍ଟର୍ସରେ ରୋଗୀ ସେବା କରି ଚର୍ଚ୍ଚାକୁ ଆସିଛନ୍ତି। ରୋଗୀଙ୍କଠାରୁ ଫି' ଆଦାୟ କରାଯାଉଥିବାର ଭିଡିଓ ଭାଇରାଲ ହୋଇଛି। ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଘରୋଇ ଡାକ୍ତରଖାନା ଓ ନର୍ସିଂ ହୋମ୍‌ରେ ଚିକିତ୍ସା କରୁଥିବା ନେଇ ଅଭିଯୋଗ ହେଉଥିଲା। ମୁଖ୍ୟ ଡାକ୍ତରଖାନାରେ ଅଧିକ ଡାକ୍ତର ନ ଥିବାରୁ ଅନେକ ସମୟରେ ରୋଗୀଙ୍କ ଲମ୍ବାଧାଡ଼ି ଲାଗି ରହୁଛି। ଏଭଳି ପରିସ୍ଥିତିରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ମାନବିକତା ଦେଖାଇ ମାଗଣା ଚିକିତ୍ସା କରିବା କଥା, ମାତ୍ର ଗରିବ ଲୋକଙ୍କଠାରୁ ଅର୍ଥ ନେଇ ସେବା ଯୋଗାଇବା ନିନ୍ଦନୀୟ ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ସହରରେ ଅନେକ ଘରୋଇ କ୍ଲିନିକ୍ ଛତୁ ଫୁଟିବା ଭଳି ଖୋଲାଯାଇଛି। ସବୁଠି ଜିଲା ମୁଖ୍ୟ ଡାକ୍ତରଖାନା ବା ଧରଣୀଧର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତ ଅନେକ ଡାକ୍ତର ତଥା ବାହାରେ କାମ କରୁଥିବା ବରିଷ୍ଠ ସରକାରୀ ଡାକ୍ତରମାନଙ୍କ ବୋର୍ଡ ଖୁଲମଖୁଲା ପ୍ରଦର୍ଶିତ କରାଯାଉଛି। ଫଳରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ରୋଗୀ ଦଲାଲଙ୍କ ହାବୁଡ଼ରେ ପଡି କିମ୍ବା ସ୍ୱତଃପ୍ରବୃତ୍ତ ଘରୋଇ ଡାକ୍ତରଖାନା ବା କ୍ଲିନିକକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ସିଡିଏମ୍ଓ ନିଜ କ୍ୱାର୍ଟର୍ସରେ ରୋଗୀଙ୍କୁ ସେବା ଯୋଗାଉଥିବା ଭିଡିଓ ଏବେ ଭାଇରାଲ ହେଉଛି। ଯେଉଁଥିରେ ଦେଖାଯାଉଛି କି ଜଣେ ବ୍ୟକ୍ତି ଦ୍ୱାର ସମ୍ମୁଖରେ ଛିଡ଼ା ହୋଇ ରୋଗୀଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ପରେ ଜଣ ଜଣ କରି ଭିତରକୁ ଛାଡୁଛନ୍ତି। ଘଟଣା ସମ୍ପର୍କରେ ସିଡିଏମ୍ଓ ଡାକ୍ତର ପୃଷ୍ଟି କହିଛନ୍ତି, ଜଣେ ଡାକ୍ତର ଛୁଟି ଦିନରେ ବା ଡ୍ୟୁଟି ସମୟ ବାହାରେ ଘରୋଇ ଚିକିତ୍ସା କରିପାରିବେ, ଏଥିପାଇଁ ଫି' ମଧ୍ୟ ନେଇ ପାରିବେ। ସେ ଦୁର୍ଗାପୂଜା ଛୁଟି ଦିନରେ ରୋଗୀ ଚିକିତ୍ସା କରୁଥିଲେ। ସେ ସମୟରେ ଏହି ଭିଡିଓ କରାଯାଇଛି। ଏଣୁ କୌଣସି ଭୁଲ ନାହିଁ ବୋଲି ସିଡିଏମ୍ଓ ପୃଷ୍ଟି କହିଛନ୍ତି। ଜିଲା ଡିଏମ୍ଏଫରେ ଅର୍ଥର ଅଭାବ ନାହିଁ । ଏଣୁ ସରକାର ଘରୋଇ ଚିକିତ୍ସାଳୟରେ ମଧ୍ୟ ମାଗଣା ସେବା ବ୍ୟବସ୍ଥା କରନ୍ତୁ ବୋଲି ବରିଷ୍ଠ ନାଗରିକ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି।

# ପାରଳାଖେମୁଣ୍ଡି, ଗୁଣପୁର ରେଳ ଷ୍ଟେଶନ କାର୍ଯ୍ୟ ତଦାରଖ କଲେ ମହାପ୍ରବନ୍ଧକ

ପାରଳାଖେମୁଣ୍ଡି, ୨୬।୧୦
(ଗିରିଧାରୀ ପରିଚ୍ଛା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଗୁରୁବାର ପାରଳାଖେମୁଣ୍ଡି ଏବଂ ଗୁଣପୁର ରେଳ ଷ୍ଟେଶନ ପରିଦର୍ଶନ କରିବା ସହ ଷ୍ଟେଶନ ପୁନଃ ନିର୍ମାଣ କାମ ତଦାରଖ କରିଛନ୍ତି। ତାଙ୍କ ସହ ୱାଲ୍‌ଟିୟର ଡିଆରଏମ ସୌରଭ ପ୍ରସାଦ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେ ପାରଳାଖେମୁଣ୍ଡିଠାରେ ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ପହଞ୍ଚି ସ୍ଥାନୀୟ ରେଳ ଅଧିକାରୀଙ୍କ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କୁ ଭେଟି ବିଭିନ୍ନ ଦାବି ଶୁଣିଥିଲେ। ପାରଳାଖେମୁଣ୍ଡିରେ ଜାରି ରହିଥିବା ଷ୍ଟେଶନ ନିର୍ମାଣ କାମ ତୁରନ୍ତ ସାରିବା ସହ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ସେହିପରି ରେଳ ଚଳାଚଳରେ ଅହେତୁକ ବିଳମ୍ବ ହେଉଥିବାରୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ୱାଭାବିକ ସମୟରେ ରେଳ ଚଳାଚଳ କରାଇବାକୁ ଦାବି କରିଥିଲେ। ମହାପ୍ରବନ୍ଧକଙ୍କ ଗସ୍ତ ସମୟରେ ସ୍ଥାନୀୟ ବିଧାୟକ କେ.ନାରାୟଣ ରାଓ ମଧ୍ୟ ରେଳ ଷ୍ଟେଶନରେ ତାଙ୍କୁ ଭେଟି ଏଠାକାର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଲୋକଙ୍କ ଦାବି ଶୁଣିବା ପରେ ମହାପ୍ରବନ୍ଧକ କହିଛନ୍ତି ଯେ, ବର୍ତ୍ତମାନ ପାରଳାଖେମୁଣ୍ଡି ଓ ଗୁଣପୁର ରେଳ ଷ୍ଟେଶନର ଉନ୍ନତୀକରଣ କାମ ଜାରି ରହିଛି। ଏହାକୁ କିଭଳି ତୁରନ୍ତ ଶେଷ କରାଯିବ ସେଥିପ୍ରତି ପ୍ରାଥମିକତା ଦିଆଯାଉଛି। ଗୁଣପୁର-ନୌପଡ଼ା ମଧ୍ୟରେ ରେଳ ଲାଇନ ମରାମତି କାମ ମଧ୍ୟ ଜାରି ରହିଛି । ଏହା ସରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇପାରିବ। ସେହିପରି ନୂଆ ରେଳ ଚଳାଚଳ ନେଇ ବର୍ତ୍ତମାନ କୌଣସି ଯୋଜନା ନାହିଁ। ସମସ୍ତ କାମ ସରିବା ପରେ ଏ ନେଇ ଚିନ୍ତା କରାଯିବ ବୋଲି ସେ କହିଛନ୍ତି।



# ଆଇସିଟି ଲାବ୍ ଉନ୍ନତୀକରଣ ନାଁରେ ୧୫ ଲକ୍ଷ ଟଙ୍କା ଚଳୁ ମସୁଧା

**ରସୁଲପୁର,୨୬।୧୦(ରଞ୍ଜିତ ରାଉତ):**

- ବ୍ଲକର ୨୦ ବିଦ୍ୟାଳୟରେ କମ୍ପ୍ୟୁଟର ମରାମତି ପାଇଁ ବ୍ୟୟବରାଦ
- ବାସ୍ତବ ସ୍ଥିତି ପରଖିବା ପରେ ଅର୍ଥ ଖର୍ଚ୍ଚ କରିବାକୁ ଦାବି

ରସୁଲପୁର ବ୍ଲକ ଅନ୍ତର୍ଗତ ୪୪ ସରକାରୀ ଓ ବେସରକାରୀ ହାଇସ୍କୁଲକୁ ୫-ଟି ଯୋଜନା ଜରିଆରେ ରୂପାନ୍ତରଣ କରାଯାଇଛି। ଉକ୍ତ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୨୦ ଅଗ୍ରଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ଆଇସିଟି ଲାବର ଉନ୍ନତୀକରଣ ପାଇଁ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ଉକ୍ତ ବିଦ୍ୟାଳୟଗୁଡ଼ିକର ଲାବରେ ଥିବା କମ୍ପ୍ୟୁଟର ଓ ଆନୁସଙ୍ଗିକ ସାମଗ୍ରୀକୁ ସଜଡ଼ାଯିବା ସହ ଲାବ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ବିଦ୍ୟାଳୟ ପିଛା ୭୫ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରିବାକୁ ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ପତ୍ର ଜରିଆରେ ଅବଗତ କରାଯାଇଛି। ଉକ୍ତ ମରାମତି ଓ ଉନ୍ନତୀକରଣ କାର୍ଯ୍ୟକୁ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତଦାରଖ କରିବ। ପ୍ରଧାନଶିକ୍ଷକ କାର୍ଯ୍ୟ ସମ୍ପନ୍ନ ହେବା ପରେ କାର୍ଯ୍ୟଶେଷ ଓ ବିନିଯୋଗ ପ୍ରମାଣପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏଠାରେ ବିଦ୍ୟାଳୟ ରୂପାନ୍ତରଣ ସମୟରେ ଆଇସିଟି ଲାବ୍‌ଗୁଡିକୁ ଇ-ଲାଇବ୍ରେରିରେ ପରିଣତ କରାଯାଇଛି। ଆଇସିଟି ଲାବ୍‌ରେ ଥିବା କମ୍ପ୍ୟୁଟରଗୁଡ଼ିକ ଇ-ଲାଇବ୍ରେରିରେ ବ୍ୟବହାର କରାଯାଇଛି। ତେଣୁ ଇ-ଲାଇବ୍ରେରିରେ କମ୍ପ୍ୟୁଟର ଲଗାଇବା ଆଳରେ ମିଥ୍ୟା ବିଲ୍ କରାଯାଇ ଥିବା ଅଭିଯୋଗ ହେଉଥିବା ବେଳେ ଏବେ ଆଇସିଟି ଲାବ୍ ନ ଥାଇ ୧୫ ଲକ୍ଷ ଟଙ୍କା ଚଳୁ କରିବାକୁ ମସୁଧା କରାଯାଉଥିବା ଅନୁରୂପ ଅଭିଯୋଗ ହୋଇଛି। ତେଣୁ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଆଇସିଟି ଲାବ ଥିବା ବିଦ୍ୟାଳୟଗୁଡ଼ିକର ବାସ୍ତବ ସ୍ଥିତି ପରଖିବା ପରେ ଉନ୍ନତୀକରଣ ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ କରିବାକୁ ଅନୁମତି ଦେବାକୁ ସାଧାରଣରେ ଦାବି ହୋଇଛି।



କମ୍ପ୍ୟୁଟର ଶିକ୍ଷାକୁ ପ୍ରସାର କରିବା ସହ ବିଦ୍ୟାର୍ଥୀଙ୍କୁ କମ୍ପ୍ୟୁଟର ବିଦ୍ୟାରେ ଦକ୍ଷ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ଲକର ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ-ସିଂହାପୁର, ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ-କଲଣ, ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟ-ଓଡ଼ିଶୋ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ-ଆଦମପୁର, ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ-ଲକ୍ଷ୍ମୀନଗର, ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ-କୁଣ୍ଡପାଟଣା, ହିଙ୍ଗୁଳା ଗୋପାଳପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ-ଗୋପାଳପୁର, ନରସିଂହପୁର ଉଚ୍ଚ ବିଦ୍ୟାଳୟ, ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ-ବିରଭାନପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-ବ୍ରହ୍ମବରଦା, ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ-ବ୍ରହ୍ମବରଦା, କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟ-କୋଳଥଳ, ଈଷାନେଶ୍ୱର ଉଚ୍ଚ ବିଦ୍ୟାଳୟ-ରାଜେନ୍ଦ୍ରପୁର, ସରକାରୀ ଉଚ୍ଚ ବିଦ୍ୟାଳୟ-ଜାବରା, ଶ୍ରୀବନ୍ତପୁର, ଖଣ୍ଡିତର, ମଧୁବନ, ଓଡ଼ଙ୍ଗ, ମୁଗୁପାଳ ଓ ବନ୍ଧଡ଼ିହ ଆଦି ସ୍ଥାନରେ ଥିବା ବିଦ୍ୟାଳୟରେ ଆଇସିଟି ଲାବ୍ ସ୍ଥାପନ କରାଯାଇଥିଲା। ଉକ୍ତ ଲାବରେ କମ୍ପ୍ୟୁଟର ଓ ତା'ର ଆନୁସଙ୍ଗିକ ସାମଗ୍ରୀ ପାଇଁ ସରକାରଙ୍କ ପକ୍ଷରୁ ବ୍ୟୟବରାଦ କରାଯାଇଥିଲା। ଲାବ୍ ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ସରକାର ଓକେସିଏଲ୍ ନାମକ ଏକ ଘରୋଇ ସଂସ୍ଥାକୁ ଲାବ୍ ପରିଚାଳନା ଦାୟିତ୍ୱ ପ୍ରଦାନ କରିଥିଲେ। ଉକ୍ତ ସଂସ୍ଥା ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା। ଏହି କାର୍ଯ୍ୟକୁ ନେଇ ଘରୋଇ ସଂସ୍ଥା ଓ ସରକାରଙ୍କ ସହ ଚୁକ୍ତି କରାଯାଇଥିଲା। ଉକ୍ତ ଚୁକ୍ତି ଅବଧି ସରିଯିବା ପରେ ଲାବ୍ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକମାନେ କାର୍ଯ୍ୟରୁ ଅନ୍ତର ହୋଇଯାଇଥିଲେ। ସେବେଠାରୁ ଲାବ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ରୂପାନ୍ତରଣ ବେଳେ ଉକ୍ତ ଲାବ୍‌ଗୁଡିକୁ ଇ-ଲାଇବ୍ରେରିରେ ପରିଣତ କରିବାକୁ ନିଷ୍ପତ୍ତି ହୋଇଥିଲା। ସେଥିରେ ଥିବା କମ୍ପ୍ୟୁଟରଗୁଡ଼ିକ ଲାଇବ୍ରେରିରେ ବ୍ୟବହାର ହୋଇଥିଲା। ତେବେ ଆଇସିଟି ଲାବ ନ ଥିବା ବେଳେ ଏ ବାବଦକୁ ଆସିଥିବା ଅର୍ଥକୁ କେଉଁଠି ଖର୍ଚ୍ଚ କରାଯିବ ବୋଲି ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ ବିଦ୍ୟାଳୟ ଏହାକୁ କେବଳ କାଗଜପତ୍ରରେ ଦର୍ଶାଇ ଟଙ୍କା ଚଳୁ କରିବାକୁ ମସୁଧା କରୁଛନ୍ତି ବୋଲି ଛକ ବଜାରରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ୨୦ ବିଦ୍ୟାଳୟରେ ଆଇସିଟି ଲାବ୍ ରହିଥିବା ନେଇ ତାଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ସୂଚନାରୁ ଜଣାଯାଇଛି। ପ୍ରତିଟି ଲାବ୍‌ର ଉନ୍ନତୀକରଣ ପାଇଁ ୭୫ ହଜାର ଲେଖାଏ ଟଙ୍କା ଅନୁଦାନ ଆସିଛି। ଉକ୍ତ ଅର୍ଥକୁ ବ୍ୟୟ କରାଯାଇ ତା'ର ପ୍ରମାଣପତ୍ର ପ୍ରଧାନଶିକ୍ଷକ ତାଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରିବେ। ତେବେ କାର୍ଯ୍ୟ ଆରମ୍ଭ ପୂର୍ବରୁ ଆଇସିଟି ଲାବ୍‌ର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ପାଇଁ ସେ ସିଆରସିସିମାନଙ୍କୁ ନିର୍ଦ୍ଦେଶ ଦେବା ସହ ନିଜେ କ୍ଷେତ୍ର ପରିଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅନୁଦାନ ଖର୍ଚ୍ଚରେ ସ୍ୱଚ୍ଛତା ବଜାୟ ରଖିବାକୁ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଏ ଦିଗରେ କ'ଣ ପଦକ୍ଷେପ ନିଆଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚନ୍ଦ୍ରଶେଖର



@ ଦୀପକ



@ ପଦ୍ମିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାରକାରେ ଖୋଲିଲା ବ୍ୟାଟେରି ଚାଳିତ ସ୍କୁଟର ଶୋ'ରୁମ୍

**ଧର୍ମଶାଳା,୨୬।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକାଠାରେ ଏକ ବ୍ୟାଟେରି ଚାଳିତ ସ୍କୁଟର ଶୋ'ରୁମ ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ୧୪ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶୋ'ରୁମକୁ ଉଦ୍‌ଘାଟନ କରିଛନ୍ତି। ମା'ତାରିଣୀ ଅଟୋମୋବାଇଲ୍ସ ନାମରେ କୋମାକି କମ୍ପାନୀର ବ୍ୟାଟେରି ଚାଳିତ ସମସ୍ତ ପ୍ରକାର ସ୍କୁଟର ଏଠାରେ ଉପଲବ୍ଧ ହେବା ସହ ଏହାର ସର୍ଭିସିଂ ବ୍ୟବସ୍ଥା ରହିଛି ବୋଲି ଶୋ'ରୁମ୍ ମାଲିକ ଗୌରାଙ୍ଗ ଚରଣ ମହାନ୍ତି ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଲକ୍ଷ୍ମୀଧର ମହାନ୍ତି, ବିଚିତ୍ରାନନ୍ଦ ସ୍ୱାଇଁ, ଚିତ୍ତରଞ୍ଜନ ପ୍ରଧାନ, କ୍ଷିରାବ୍ଧୀ ତନୟା ମହାନ୍ତି ଓ ଶିପ୍ରା ମିଶ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।



ଅତିଥି ଶୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି।

ପେଟ୍ରୋଲ ଦର ବୃଦ୍ଧି ଯୋଗୁ ବ୍ୟାଟେରି ଚାଳିତ ସ୍କୁଟରର ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ଲକ୍ଷ୍ୟ ରଖି ଗ୍ରାହକଙ୍କୁ ସୁବିଧାରେ ବ୍ୟାଟେରି ଚାଳିତ ସ୍କୁଟର ଯୋଗାଇ ଦେବାକୁ ଦିଲ୍ଲୀର କୋମାକ କମ୍ପାନୀର ଅଥରାଇଜ ଡିଲର ଭାବେ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ଏହି ଡିଲର ଚାହିଁଲେ ୨୫ କିମି ବ୍ୟବଧାନରେ ସବଡିଲର ନିଯୁକ୍ତି ଦେଇ ପାରିବେ ବୋଲି କମ୍ପାନୀ ତରଫରୁ ସୂଚନା ଦିଆଯାଇଛି।

# ନବକ୍ରିଷ୍ଣ ଜେନା ଯାଜପୁର ଅତିରିକ୍ତ ଜିଲାପାଳ

**ଯାଜପୁର ଟାଉନ,୨୬।୧୦ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲାର ନୂତନ ଅତିରିକ୍ତ ଜିଲାପାଳ ଭାବେ ନବକ୍ରିଷ୍ଣ ଜେନା ଗୁରୁବାର ଯୋଗଦାନ କରିଛନ୍ତି। ସେ ତାଙ୍କ ଯୋଗଦାନ ପତ୍ର ଜିଲାପାଳଙ୍କ ନିକଟରେ ପ୍ରଦାନ କରିଛନ୍ତି। ଜେନା ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଅତିରିକ୍ତ ଜିଲାପାଳ ଜେନା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଏବଂ ରାଜସ୍ୱ ଅଭିଲେଖ ଭାବେ ସୁକିନ୍ଦାଠାରେ କାର୍ଯ୍ୟରତ ଥିଲେ। ଯାଜପୁର ଅତିରିକ୍ତ ଜିଲାପାଳ ଭାବେ ଯୋଗଦାନ କରିବା ପରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ କରିଛନ୍ତି। ପୂର୍ବରୁ ଏଠାରେ କାର୍ଯ୍ୟରତ ଥିବା ଅତିରିକ୍ତ ଜିଲାପାଳ ନାୟକ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଓ ରାଜସ୍ୱ ଅଭିଲେଖ ଭାବେ ସୁକିନ୍ଦାକୁ ବଦଳି ହୋଇଛନ୍ତି।

# ଆଦର୍ଶ ଶିକ୍ଷକଙ୍କ ଅକାଳ ବିୟୋଗ



**ଧର୍ମଶାଳା,୨୬।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ସାନମାଳସାହି ଗ୍ରାମର ଆଦର୍ଶ ଶିକ୍ଷକ ଅରୁଣ କୁମାର ନାୟକ(୫୪)ଙ୍କ ବୁଧବାର ରାତିରେ ଅକାଳ ବିୟୋଗ ହୋଇଛି। ସେ ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ ଶଶ୍ୟକଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। କିଛି ମାସ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଗାଁକୁ ଆସି କଟକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ଛାତ୍ର ବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ଓ ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଭବାନୀପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ମରଶରୀର ଗାଁକୁ ଆସିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ଏକ ପଟୁଆରରେ ମରଶରୀରକୁ ଗାଁ ଶ୍ମଶାନକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କର ଏକ ମାତ୍ର ପୁଅ ଦିବ୍ୟରଞ୍ଜନ ନାୟକ ମୁଖାଗ୍ନି ଦେଇଥିଲେ।

# ବିଜେଡି ଯୁବନେତା, ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଆକ୍ରମଣ

**ଝୁମ୍ପୁରୀ,୨୬।୧୦(ସରୋଜ ନାୟକ):**

**ପୂର୍ବଶତ୍ରୁତା**

ବିଜେଡି ଯୁବନେତା ଓ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ପୂର୍ବ ଶତ୍ରୁତାରୁ ଗୁରୁବାର ବିଟ୍ ବଜାରରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଭଳି ଘଟଣା ଘଟିଛି ଦଶରଥପୁର ବ୍ଲକ୍ ଅଧୀନ ମଙ୍ଗଳପୁର ବଜାରରେ। ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଯୁବ ବିଜେଡି ସଭାପତି ପ୍ରଭାତ ଚନ୍ଦ୍ର ଦାସ ଓ ଅସନପୁର ସରପଞ୍ଚଙ୍କ ପ୍ରତିନିଧି କାଶୀନାଥ ମଲ୍ଲିକ ପୂର୍ବାହ୍ନରେ ମଙ୍ଗଳପୁର ବଜାରକୁ କୌଣସି ଏକ କାମରେ ଯାଇଥିଲେ। ଏହି ସମୟରେ ପାଲଟପୁର ପଞ୍ଚାୟତର କେତେଜଣ ଯୁବକ ସଂଘବଦ୍ଧଭାବେ ସେମାନଙ୍କୁ ଆକ୍ରମଣ କରିଥିଲେ। ଲୁହା ରଡ୍ ଏବଂ ପାଇପ୍ ସାହାଯ୍ୟରେ ଆକ୍ରମଣ କରାଯାଇଥିବାରୁ ପ୍ରଭାତଙ୍କ ହାତ ଓ ଛାତିରେ ଗୁରୁତର ଆଘାତ ଲାଗିଛି। କାଶୀନାଥଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଦେଖାଯାଇଛି। ଉଭୟଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ନିମନ୍ତେ ଯାଜପୁର ଜିଲା ସଦରମହକୁମା ଚିକିତ୍ସାଳୟକୁ ଉଭୟଙ୍କୁ ସ୍ଥାନାନ୍ତର କରାଯାଇଛି। ଏନେଇ କାଶୀନାଥଙ୍କ ପକ୍ଷରୁ ମଙ୍ଗଳପୁର ଥାନାରେ ଆକ୍ରମଣ କରିଥିବା ଯୁବକମାନଙ୍କ ବିରୋଧରେ ଏତଲା ଦିଆଯିବା ପରେ ପୋଲିସ ଆକ୍ରମଣରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ଏଥିସହ ଆକ୍ରମଣକାରୀଙ୍କ ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରାଯାଇଛି।

ସୂଚନାଥାଉକି, କିଛିଦିନ ପୂର୍ବରୁ ପାଲଟପୁର ପଞ୍ଚାୟତର କେତେଜଣ ଯୁବକ ଚଷାଖଣ୍ଡ ସମବାୟ ସମିତିରେ କୃଷି ଋଣକୁ ନେଇ ତାଲା ପକାଇବା ସହ କର୍ମଚାରୀଙ୍କୁ ଧମକ ଚମକ ଦେଇ ଅଟକ ରଖିଥିଲେ। ପ୍ରଭାତ ଓ ତାଙ୍କ ସହଯୋଗୀ ପହଞ୍ଚି ସମବାୟ ସମିତିରେ ଚାବି ପକାଇଥିବା ଯୁବକଙ୍କୁ ଧରି ପଞ୍ଚାୟତ ଅଫିସ୍‌ରେ ଅଟକ ରଖିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ସେତେବେଳେ ଗଣ୍ଡଗୋଳ ହୋଇଥିଲା। ଦଶରଥପୁର ଥାନାଧିକାରୀ ପହଞ୍ଚି ଅଟକ ଥିବା ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଏହି ଘଟଣା ସେତେବେଳେ ରାଜନୈତିକ ଛକାପଞ୍ଝାରୁ ହୋଇଥିବାର ଜଣାପଡ଼ିଥିଲା। ସେହି ପୂର୍ବ ଘଟଣାକୁ ନେଇ ସେଠାରେ ଗଣ୍ଡଗୋଳରେ ଶିକାର ହୋଇଥିବା କେତେଜଣ ଯୁବକ ମଙ୍ଗଳପୁର ବଜାରରେ ପ୍ରଭାତଙ୍କୁ ଦେଖିବା ପରେ ପୂର୍ବ ରାଗକୁ ଶୁଝାଇବାକୁ ଯାଇ ତାଙ୍କୁ ଏପରି ଆକ୍ରମଣ କରିଛନ୍ତି ବୋଲି ଜଣାପଡ଼ିଛି।

# ଯୁବ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

**ବରୀ,୨୬।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସର ଏକ କାର୍ଯ୍ୟାଳୟ ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅପୂର୍ବ ସାମଲ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତି ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବାକୁ କର୍ମୀଙ୍କୁ ଆହ୍ୱାନ କରିଥିଲେ। ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସ ଯୋଗଦେଇ ତୃଣମୂଳସ୍ତରରୁ କର୍ମୀଙ୍କୁ ସଂଗଠିତ କରିବା ସହ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଗକୁ ବଢ଼ିବାକୁ ହେବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲା କଂଗ୍ରେସ ସଭାପତି ଗଦାଧର ଦାସ, ବରିଷ୍ଠ କଂଗ୍ରେସ ନେତା ଅର୍ଜୁନ ଚରଣ ରାଉତ, ପିସିସି ସୋସିଆଲ ମିଡିଆ ସମ୍ପାଦକ ମାନସ କୁମାର ପରିଡ଼ା, କଂଗ୍ରେସ ନେତ୍ରୀ କଳ୍ପନା ପଣ୍ଡା, ଦେବ ପ୍ରଧାନ, ସମୀର ନାୟକ, ମାନସ ସାହୁ, ଗିରିଜା ପ୍ରସାଦ ରାୟ ଓ ଜନ୍ମେଜୟ ସାମଲଙ୍କ ସମେତ ଅନେକ ବରିଷ୍ଠ ନେତା, ଯୁବ, ମହିଳା ଏବଂ ଛାତ୍ର କଂଗ୍ରେସର କର୍ମୀ ଯୋଗ ଦେଇଥିଲେ। ସମସ୍ତ ମତାନ୍ତରକୁ ଭୁଲି ସାଧାରଣ ଲୋକଙ୍କ ନ୍ୟାୟ ପାଇଁ ଏକଜୁଟ ହୋଇ ଲଢ଼ିବାକୁ ଜିଲା କାର୍ଯ୍ୟକର୍ତ୍ତାମାନେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

# ସ୍ୱାଭିମାନ ମଞ୍ଚର ବାର୍ଷିକ ଉତ୍ସବ

**କାଏମା,୨୬।୧୦(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଭିମାନ ମଞ୍ଚର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମଞ୍ଚର ସମସ୍ତ ସଦସ୍ୟ ବଡ଼ଚଣାଠାରେ ଥିବା ବାଳାଶ୍ରମ(ସିସିଆଇ)ରେ ପହଞ୍ଚି ସେଠାରେ ଥିବା ପିଲାଙ୍କ ସହ ସେମାନଙ୍କ ଭଲ ମନ୍ଦ ଆଲୋଚନା କରିଥିଲେ। ପରେ ସଦସ୍ୟମାନେ ନେଇଥିବା ଶୁଖିଲା ଖାଦ୍ୟ ଦେଇ ଫେରିଥିଲେ। ପରେ ସନ୍ଧ୍ୟାରେ ବଡ଼କାଏମା ପଞ୍ଚାୟତ ଅଧୀନ କାଏମା କଲ୍ୟାଣ ମଣ୍ଡପଠାରେ ମଞ୍ଚ ପକ୍ଷରୁ ପୂଜାପାଠ ସହ ହୋମ ହୋଇଥିଲା। ମଞ୍ଚର ନାରା ଜୟହିନ୍ଦ ଧ୍ୱନିରେ ପରସ୍ପରକୁ ସ୍ୱାଗତ କରିଥିଲେ। ଏହାପରେ ମଞ୍ଚର ଏକ ସଭା ହୋଇଥିଲା। ଏଥିରେ ମଞ୍ଚ ସଭାପତି ସୁଧାକର ସାହୁ ସଭାପତିତ୍ୱ କରିବା ସହ ମଞ୍ଚର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ମାସ ମଞ୍ଚ ପକ୍ଷରୁ ମହତ କାର୍ଯ୍ୟ କରାଯିବା ପାଇଁ ଆଲୋଚନା କରଯାଇଥିଲା। ଏଥିରେ ମଞ୍ଚର ପରିଚାଳନା ସଦସ୍ୟଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସଭାରେ ନିକୁଞ୍ଜ ବେହେରା, ଦିଲୀପ ପ୍ରଧାନ, ଶିବପ୍ରସାଦ ମହାନ୍ତି, ଦେବବ୍ରତ ପଣ୍ଡା, ମାନସ ରଞ୍ଜନ ମଲ୍ଲିକ, ବିନୋଦ ବେଜ, କାର୍ତ୍ତିକ ମଲ୍ଲିକ ଓ ପ୍ରମୋଦ ରାଉତଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଶିଶିର ମାହାଣା ଧନ୍ୟବାଦ ଦେଇଥିଲେ।



ବଡ଼ଚଣାଠାରେ ଥିବା ବାଳାଶ୍ରମ(ସିସିଆଇ)ରେ ପିଲାଙ୍କ ସହ ସ୍ୱାଭିମାନ ମଞ୍ଚର ସଦସ୍ୟମାନେ।

# ଯୁବ ଭୋଟରଙ୍କୁ ଆକୃଷ୍ଟ ପାଇଁ ୨୮ରେ ପଥୋତ୍ସବ

**ଯାଜପୁର ଟାଉନ,୨୬।୧୦ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ପୌରପାଳିକା ସମ୍ମିଳନୀ କକ୍ଷରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିର୍ଦ୍ଦେଶରେ ପଥଶୋଭ (ୱାକାଥାନ) କାର୍ଯ୍ୟକ୍ରମ ନିମନ୍ତେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଏବଂ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ପରିପ୍ରେକ୍ଷୀରେ ଅଧିକରୁ ଅଧିକ ଯୁବଭୋଟର ତଥା ମହିଳା ଭୋଟରମାନେ କିଭଳି ଭୋଟଦାନରେ ସାମିଲ ହେବେ ଏବଂ ଭୋଟର ପଞ୍ଜୀକରଣ ସେବାରେ ଉପଲବ୍ଧ ନେଇପାରିବେ ସେଥିଲାଗି ଆସନ୍ତା ୨୮ତାରିଖରେ ଯାଜପୁରଟାଉନ ସଂସ୍କୃତିଭବନ ପରିସରରେ ପଥୋତ୍ସବ (ୱାକାଥାନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଜିଲା ନିର୍ବାଚନ ଅଧିକାରୀ ଉଦ୍‌ଘାଟନ କରିବେ। ପରେ ଏକ ରାଲି କୁସୁମା ପର୍ଯ୍ୟନ୍ତ ଯାଇ ବିଭିନ୍ନ ବାର୍ତ୍ତାଦେଇ ବ୍ୟାପକ ଜନସଚେତନତା କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ସରସସୁନ୍ଦର ଓ ହୃଦୟସ୍ପର୍ଶୀ କରିବାକୁ ବିଭିନ୍ନ ପ୍ରକାର ଖେଳପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ୧୭+ ଭୋଟରମାନଙ୍କୁ ନାମ ପଞ୍ଜୀକରଣ ନିମନ୍ତେ ୨୦୨୪ ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ତାରିଖରେ ଆବେଦନ କରିବା ନିମନ୍ତେ ସଚେତନ କରାଯିବ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ କୁହାଯାଇଛି।




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅଧିକାରୀ, ପୌରାଧକ୍ଷା ଓ ଅନ୍ୟମାନେ ।

**ଅଫୁଟା ବାଣ ଫୁଟି ବାଳକ ଗୁରୁତର**

ରାଜନଗର, (ଭାସ୍କର ରାଉତରାୟ) : ଦଶହରା ତିଥିରେ ରାଜନଗର ବ୍ଲକ ଜରିମୂଳଠାରେ ରାବଣପୋଡି ଅନୁଷ୍ଠିତ ହୋଇଥିଲା। ରାବଣପୋଡି ପାଇଁ ଗଡମା ବାଣର ବ୍ୟବହାର କରାଯାଇଥିଲା। ରାବଣର ନିଧନ ପାଇଁ ଖଞ୍ଜା ଯାଇଥିବା ବାଣ ମଧରୁ ଗୋଟିଏ ଗଡମା ନ ଫୁଟି ନିକଟରେ ଥିବା ବାଉଁଶ ବୁଦା ମଧରେ ଛିଟିକି ପଡିଥିଲା। ବୁଧବାର ଜରିମୂଳ ଗାଁର ରଂଜନ ରାଉତଙ୍କ ପୁଅ ଶିବ ଶଙ୍କର(୧୨) ବାଉଁଶବୁଦା ମଧରେ ପଡିଥିବା ଅଫୁଟା ଗଡମାକୁ ଆଣି ସେଥିରେ ଡିଆସିଲି ମାରିଥିଲେ। ବାଣ ପାଖକୁ ମୁହଁ ଦେଖାଇ ଡିଆସିଲି ମାରୁଥିବା ବେଳେ ହଠାତ୍ ଗଡମା ଫୁଟିବା ସହ ଶିବ ଶଙ୍କରଙ୍କ ମୁଣ୍ଡର ଡାହାଣପଟ ମଥାରେ ମାଡ ହୋଇଥିଲା। ଡାହାଣ ପାର୍ଶ୍ୱ ଆଖି ଉପରକୁ ଗଭୀର କ୍ଷତ ସୃଷ୍ଟି ହୋଇଛି।

# ଉଠାଦୋକାନୀଙ୍କୁ କୋଭିଡ୍ ସହାୟତା ପ୍ରଦାନରେ ହେରଫେର

## ଆର୍‌ଟିଆଇ ତଥ୍ୟରେ ଗୁମର ଖୋଲିଲା

ପଟ୍ଟାମୁଣ୍ଡାଇ, ୨୬।୧୦(କଳ୍ପତରୁ ନାୟକ)

କରୋନା ସମୟରେ ଲକ୍ଷାଧିକ ଜନସାଧାରଣ କୋଭିଡ୍ ପଞ୍ଝାରେ ପଡି ଜୀବନ ଓ ଜୀବିକା ହରାଇ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ। ସେଥିନେଇ ସରକାରଙ୍କ ପକ୍ଷରୁ ବହୁମୁଖୀ ଯୋଜନା ପ୍ରସ୍ତୁତ କରିଯାଇ ଜନସାଧାରଣଙ୍କୁ ସହଯୋଗର ହାତ ବଢାଇ ଥିଲେ। କରୋନା ଲକ୍‌ଡାଉନ-ଶଟ୍‌ଡାଉନ ସମୟରେ ଦୋକାନ ବଜାର ବନ୍ଦ ଥିବାରୁ ରାଜ୍ୟ ସରକାର ସମସ୍ତ ଉଠା ଦୋକାନୀଙ୍କୁ ସହାୟତା ଘୋଷଣା କରିଥିଲେ। ଏହିକ୍ରମରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଗଳିକନ୍ଦିରେ ଉଠା ଦୋକାନୀ ଥିଲେ ହେଁ କାଁ ଭାଁ ଉଠା ଦୋକାନୀଙ୍କୁ ପୌରପରିଷଦ ରାଜ୍ୟ ସରକାରଙ୍କ ସହାୟତା ଦେଇ କେତେଜଣ ଅସାଧୁ ସରକାରୀ ବାବୁ ବିପତ୍ତିର ସୁଯୋଗ ନେଇ ସରକାରୀ ଅର୍ଥ ବାଟମାରଣା କରି ଆସିଥିବା ଆରଟିଆଇ ତଥ୍ୟରୁ ଜଣାପଡ଼ିଥିବା ଅଭିଯୋଗ ହୋଇଛି।

କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ବଜାର ଭିତରେ ଅଧିକାଂଶ ସ୍ଥାୟୀ ଦୋକାନ ଥିବା ବେଳେ କେତୋଟି ହାତ ଗଣତି ଉଠା ଦୋକାନ ଏହି ବଜାର ଭିତରେ ଦେଖିବାକୁ ମିଳିଥାଏ। କରୋନା ମହାମାରୀ ସମୟରେ ରାସ୍ତାପାର୍ଶ୍ୱରେ ବ୍ୟବସାୟୀମାନଙ୍କୁ ସହାୟତା ପାଇଁ ସରକାର ଆଗଭର ହୋଇଥିବାବେଳେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ସେମାନଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା।



ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସମୁଦାୟ ୫୨୦ ଉଠାଦୋକାନ ଚିହ୍ନଟ କରି ସେମାନଙ୍କୁ ୪୬ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି। ପଟ୍ଟାମୁଣ୍ଡାଇ ପୌରପରିଷଦରୁ ହସ୍ତଗତ ହୋଇଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଥିଲା ଯେ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ୫୨୦ଜଣ ରାସ୍ତାକଡରେ ଉଠା ଦୋକାନ ଅଛନ୍ତି। ସେହି ବ୍ୟବସାୟୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ କରୋନା ସହାୟତା ୯ ହଜାର ଲେଖାଏଁ ପ୍ରଦାନ କରାଯାଇଛି ବୋଲି ତଥ୍ୟରେ ଦର୍ଶା ଯାଇଛି। ସେହିପରି ଉଠା ଦୋକାନୀ ଥଇଥାନ ତଥ୍ୟରେ ୧୪୭ ଜଣଙ୍କୁ ଦର୍ଶା ଯାଇଥିବା ବେଳେ ୧୦୩ ଜଣ ଉଠା ଦୋକାନଙ୍କୁ ଥଇଥାନ କରାଯାଇଛି ଆଉ ୪୪ ଜଣଙ୍କୁ ଥଇଥାନ କରାଯିବ ବୋଲି ତଥ୍ୟରେ ଉଲ୍ଲେଖ କରାଯାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ମହାମାରୀ କରୋନା ବେଳେ ୫୨୦ ଜଣ ଉଠା ଦୋକାନୀକୁ ୯ ହଜାରେ ଲେଖାଏଁ ୪୬ ଲକ୍ଷ ୮୦ ହଜାର ପ୍ରଦାନ କରାଯାଇଛି। ତେବେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସମୁଦାୟ ୧୪୭ଟି ଉଠା ଦୋକାନୀ ଥିବା ବେଳେ ୩୭୩ ଉଠା ଦୋକାନୀ କେଉଁଠୁ ଆସି ୯ ହଜାର ଟଙ୍କା ଲେଖାଏଁ କୋଭିଡ୍ ସହାୟତା ନେଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନୋଜକାନ୍ତ ପଣ୍ଡା, ଗୁରୁ ଚରଣ ରାଉତ, ରାମଚନ୍ଦ୍ର ସାହୁ, ଭୋଳାନାଥ ବାରିକ ପ୍ରମୁଖ ଉଠା ଦୋକାନୀ ହିତାଧିକାରୀଙ୍କୁ ଯୋଗାଯୋଗ କରିବାରେ ସେମାନେ କହିଛନ୍ତି, କୋଭିଡ ସମୟରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ସମସ୍ତ କାଗଜ ପତ୍ର ଦାଖଲ କଲା ପରେ ଆମକୁ ୨ ଟା କିସ୍ତିରେ ୬୦୦୦ ଟଙ୍କା ଲେଖାଏଁ ବ୍ୟାଙ୍କ ଖାତାରେ ଦେଇଛନ୍ତି। ୯ ହଜାର ଟଙ୍କା ଆମକୁ ଦିଆଯାଇନାହିଁ ବୋଲି ସେମାନେ କହିଥିଲେ। ସେହିପରି ଯଦୁନାଥ ପଲେଇ, ବିକ୍ରମାନନ୍ଦ ସାମଲ କହିଛନ୍ତି, ଆମ ନାମରେ ଘର ଆଲାଟ ହୋଇଛି ଆମେ କୋଭିଡ୍ ବେଳେ ଏହି ତାଲିକାରେ ଥାଇ ମଧ୍ୟ ଆମକୁ କୌଣସି ସହାୟତା ମିଳିନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଯଦି ୫୨୦ ଜଣଙ୍କୁ ଯୋଗାଯୋଗ କାରାଯାଏ ତାହା ହେଲେ ପୌରପରିଷଦ କେତେ ସହାୟତା ପ୍ରଦାନ କରିଛନ୍ତି ନା ହରିଲୁଟ କରିଛନ୍ତି ତାହା ଜଣାପଡିବ ବୋଲି ଆଇନଜୀବୀ ପ୍ରମୋଦ ସାହୁ, ସାମାଜିକ କର୍ମୀ ପ୍ରବୀର ନାୟକ, ଶ୍ରୀକାନ୍ତ ବଳ, ପ୍ରଫୁଲ୍ଲ ଦାସ, ଦେବାଶିଷ ପଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି। ଏ ବାବଦରେ ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ଏ ସମ୍ପର୍କରେ ଅଙ୍କ ଅଛି କାଗଜ ପତ୍ର ଯାଞ୍ଚ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ଦୀପକ


@ ପଦ୍ମିନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଳିର ସର୍ବ ପୁରାତନ ସାହିତ୍ୟ ପତ୍ରିକା ପରାଗ ଉନ୍ମୋଚିତ


ପରାଗ ପତ୍ରିକାକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

ଆଳି,୨୬।୧୦ (ବନମାଳୀ ସେନାପତି)

ଆଳି ଅଞ୍ଚଳର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦ ପକ୍ଷରୁ ୪୧ ବର୍ଷ ଧରି ସାହିତ୍ୟ ପତ୍ରିକା ପରାଗ ପ୍ରକାଶିତ ହୋଇଆସୁଛି। ଚଳିତବର୍ଷ ମଧ ପରାଗ ଶାରଦୀୟ ବିଶେଷାଙ୍କ ଏକ ନୂତନ ରୂପରେ ପ୍ରକାଶ ପାଇଛି। ଏକ ଅଣଆନୁଷ୍ଠାନିକ ଉତ୍ସବରେ ଏହାକୁ ବରିଷ୍ଠ କବି ଆଶୁତୋଷ ପରିଡା, ଗାଳ୍ପିକ କ୍ଷୀରୋଦ ଦାସ, କବି ଓ ପାହାଚ ସାହିତ୍ୟ ପତ୍ରିକାର ସମ୍ପାଦକ କମଳ କୁମାର ମହାନ୍ତି, କବି ଯୋଗେନ୍ଦ୍ର ନାୟକ, କମଳିନୀ ମଲ୍ଲିକ, ଭୁବନେଶ୍ୱର ପୁରୁଣା ବସଷ୍ଟାଣ୍ଡ ନାରାୟଣୀ ପୁସ୍ତକାଳୟର ସତ୍ତ୍ୱାଧିକାରୀ ବାବୁଲିବାବୁ, କବି ଓ ପ୍ରାବନ୍ଧିକ ସୁବ୍ରତ ଦାସ, ସାହିତ୍ୟିକ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଥିଲେ ଓ ପରାଗ ବିକ୍ରି ପାଇଁ ବଜାରରେ ପ୍ରବେଶ କରିଥିଲା। ଏଥର ପରାଗ ଶାରଦୀୟ ବିଶେଷାଙ୍କରେ ୨୮ଟି ଗପ, ୮୦ଟି କବିତା, ୫ଟି ପ୍ରବନ୍ଧ, ଅନୁବାଦ ଗଳ୍ପ ଓ ରମ୍ୟରଚନା ସ୍ଥାନ ପାଇଛି। ପୂର୍ବବର୍ଷମାନଙ୍କ ଭଳି ଚଳିତବର୍ଷ ମଧ ପରାଗ ପାଠକୀୟ ଆଦୃତି ଲାଭ କରିବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। 'ପରାଗ' ର ସମ୍ପାଦକ ବନମାଳୀ ସେନାପତି ସମସ୍ତଙ୍କର ସହଯୋଗ କାମନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଗାଁ ମାଟିର ବାସ୍ନା ଗ୍ରାମର ସଂସ୍କୃତିକୁ ସମୃଦ୍ଧ କରିଥାଏ

## ଫକିରାବାଦ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବିଜୟା ସମାବେଶ

ଡେରାବିଶ, ୨୬।୧୦(ବେବର୍ତ୍ତା ଅଜୟ ଦାସ)

ଗାଁ ମାଟିର ବାସ୍ନା ଗ୍ରାମର ସଂସ୍କୃତିକୁ ସମୃଦ୍ଧ କରିଥାଏ ବୋଲି ଶିକ୍ଷାବିତ୍ ଶରତ କୁମାର କର ମତବ୍ୟକ୍ତ କରିଛନ୍ତି। ଡେରାବିଶ ବ୍ଲକ ଫକିରାବାଦ ଏମ୍.ଇ ସ୍କୁଲ୍ ପୁରାତନ ଛାତ୍ର ସଂସଦର ୨୬ତମ ବିଜୟା ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦର ସଭାପତି ହଳଧର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ତଥା ଡେରାବିଶ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି କର ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରାଜକିଶୋର ମିଶ୍ର, ସମ୍ମାନିତ ଅତିଥି ଭାବେ ପବିତ୍ର ମୋହନ କର, ଆଳି ବ୍ଲକ ଶିକ୍ଷାଧିକାରୀ ରତିକାନ୍ତ ସେନାପତି ଓ ରାମଚନ୍ଦ୍ର ନୋଡାଲ୍ ଉଚ୍ଚବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ କିଭଳି ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିହେବ ସେ ଦିଗରେ ବିଦ୍ୟାଳୟ ଗୁରୁମାନେ ତାଙ୍କୁ ଦେଉଥିବା ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷାର ଅଭିବୃଦ୍ଧି ପାଇଁ ୧୮୯୮ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ଏକ କଳ୍ପଦ୍ରୁମରେ ଆଜି ପରିଣତ ହୋଇଥିବା କହିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ରାମଚନ୍ଦ୍ର ନୋଡ଼ାଲ୍ ଉଚ୍ଚବିଦ୍ୟାଳୟରେ ଅଧିକ ନମ୍ବର ରଖି ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଗୁରୁପ୍ରସାଦ ନାୟକ, ସପ୍ତମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ପାସ୍ କରିଥିବା ଛାତ୍ରୀ ଗାୟତ୍ରୀ ମହାନ୍ତି, ଅଗ୍ନେଶ ସୁବୁଦ୍ଧି ଓ ଆରାଧନା ଓଝାଙ୍କୁ ଯଥାକ୍ରମେ ଶତବାର୍ଷିକୀ ସ୍ମାରକୀ, ଜୟକୃଷ୍ଣ ଦାସ ଓ ସଚ୍ଚିଦାନନ୍ଦ ଦାସ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ସଂସଦର ସମ୍ପାଦକ କୁମାର ଜିତେନ୍ଦ୍ର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ହୃଷୀକେଶ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଅଧାପକ ପ୍ରଭାକର ସାମଲ, କ୍ଷୀରୋଦ ଚନ୍ଦ୍ର ନାୟକ, ପୂର୍ଣ୍ଣାନନ୍ଦ ବେହେରା, ରାଜକିଶୋର ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ବହୁ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟରେ ଅଧୟନରତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ସମାବେଶରେ ଉପସ୍ଥିତ ଅତିଥିମାନେ।

# ୨ ମୁଖ୍ୟ ଅଭିଯୁକ୍ତ ସହ ୩ ଗିରଫ

## ଯୁକ୍ତ ୨ କଲେଜ ଛାତ୍ରୀ ଅପହରଣ, ବଳାତ୍କାର ଉଦ୍ୟମ ଘଟଣା

ପାଟକୁରା ୨୬।୧୦(ରବୀନ୍ଦ୍ର ନାଥ ବାରିକ): କୋଦାନଗରୀ ଥାନା ଅଞ୍ଚଳର ଏକ ମହାବିଦ୍ୟାଳୟର ଜଣେ ଯୁକ୍ତ ୨ ବିଜ୍ଞାନ ଛାତ୍ରୀଙ୍କୁ ଅପହରଣ କରିବା ସହ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଥିଲା। ପୋଲିସ ୨ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସଙ୍ଗେ କଟକର ଗୋଟିଏ ଲଜର ମ୍ୟାନେଜରଙ୍କୁ ମଧ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସାହୁ ଓ ସତ୍ୟରଞ୍ଜନ ସାହୁ କଟକ କାଫଲା ବଜାରର ଥିବା ଲଜିଂ ମ୍ୟାନେଜର ରଞ୍ଜିତ ସ୍ୱାଇଁଙ୍କୁ ଜଗତ୍‌ସିଂହପୁର ଅଞ୍ଚଳର। ପୂର୍ବରୁ ପୋଲିସ ପୀଡିତା ଛାତ୍ରୀଙ୍କ ଅଭିଯୋଗ କ୍ରମେ ତାଙ୍କର ଜଣେ ଯୁକ୍ତ ୨ ବିଜ୍ଞାନରେ ପଢୁଥିବା ସହପାଠିନୀଙ୍କୁ ପଚରାଉଚରା କରି ସୁଧାର ଗୃହକୁ ପଠାଇ ଥିଲେ। ମୁଖ୍ୟ ଅଭିଯୁକ୍ତମାନେ ଆଚେତ ଅବସ୍ଥାରେ ଅଶ୍ଳୀଳ ଫଟୋ ଉଠାଇ ଛାତ୍ରୀମାନଙ୍କୁ ବ୍ଲାକ ମେଲିଂ କରୁଥିଲେ। କଲେଜରେ ପଢ଼ିବା ଆଳରେ ଛାତ୍ରୀମାନେ ବହୁ ସମୟରେ କ୍ଲାସକୁ ନ ଯାଇ ଫେସ୍‌ବୁକ ମାଧମରେ ସମ୍ପର୍କ ବଢ଼ାଉ ଥିଲେ। ଥାନାରେ ନଂ. ୩୪୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

# ଜେଲ ଗଲେ ସମ୍ପର୍କୀୟ ଅଜା, ଟ୍ୟୁଶନ ଶିକ୍ଷୟିତ୍ରୀଙ୍କ ବାପା

## ପଞ୍ଚମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା

କୁଜଙ୍ଗ,୨୬।୧୦(ମନୋଜ ପ୍ରଧାନ): କୁଜଙ୍ଗ ଥାନା ଅଞ୍ଚଳରେ ପଞ୍ଚମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହେବା ଘଟଣାରେ ସମ୍ପର୍କୀୟ ଅଜା ଓ ଟ୍ୟୁଶନ୍ ଶିକ୍ଷୟିତ୍ରୀଙ୍କ ବାପାଙ୍କୁ ପୋଲିସ ଗିରଫ କରିବା ପରେ ଜାମିନ ନାମଞ୍ଜୁର ହେବାରୁ ଗୁରୁବାର ଜେଲ ହାଜତକୁ ପଠାଇ ଦେଇଛି। ସେମାନେ ହେଲେ ରବୀନ୍ଦ୍ର କୁମାର ଦାସ(୫୫) ଓ ଟ୍ୟୁଶନ ଶିକ୍ଷୟିତ୍ରୀଙ୍କ ବାପା ସୁବାସ ମୁଦୁଲି।

ପ୍ରକାଶ ଯେ, କୁଜଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀ ଘରୋଇ ଟ୍ୟୁଶନ କରନ୍ତି। ତାଙ୍କ ନିକଟକୁ ନିକଟସ୍ଥ ଗ୍ରାମର ବହୁ ଛାତ୍ରୀଛାତ୍ର ପଢିବାକୁ ଆସନ୍ତି। ସମ୍ପୃକ୍ତା ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିଲେ ତାଙ୍କ ବାପା ସୁବାସ ପିଲାଙ୍କୁ ପାଠ ପଢ଼ାଇଥାନ୍ତି। ଏହାର ସୁଯୋଗ ନେଇ ସେଠାରେ ପଢୁଥିବା ଜଣେ ୫ ଶ୍ରେଣୀର ୧୧ ବର୍ଷୀୟା ଛାତ୍ରୀଙ୍କୁ ସୁବାସ ବାରମ୍ବାର ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗତ କିଛିଦିନ ତଳେ ପୀଡ଼ିତା ଛାତ୍ରୀଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ବାପା ନିକଟସ୍ଥ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା କରିବାକୁ ନେଇଥିଲେ। ସେଠାରେ ସମ୍ପୃକ୍ତା ଛାତ୍ରୀ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ସୁବାସଙ୍କୁ ପୋଲିସ ଗିରଫ କରିଛି। ସେହିପରି ପୀଡ଼ିତାଙ୍କ ସହ ସମ୍ପର୍କୀୟ ଅଜା ରବୀନ୍ଦ୍ର ମଧ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ପୀଡ଼ିତା ପୋଲିସକୁ ଜଣାଇବାପରେ ତାଙ୍କୁ ମଧ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତଙ୍କ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ପଠାଯାଇଛି। ସାତଦିନ ମଧରେ ରିପୋର୍ଟ ଆସିଲାପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

# ଦ ସି ଆଣ୍ଡ ସେଭେନ ଭିଲେଜେସ ସିନେମାକୁ ଆଉ ଏକ ସଫଳତା

## ୫୪ତମ ଇଣ୍ଡିଆନ ପାନାରୋମା-୨୦୨୩ ଘୋଷଣା

ରାଜନଗର, ୨୬।୧୦ (ଭାସ୍କର ରାଉତରାୟ)

ବଙ୍ଗୋପସାଗର ତଟବର୍ତ୍ତୀ କିମ୍ବଦନ୍ତୀର ଅନନ୍ୟ ସ୍ୱାକ୍ଷର ସାତଭାଇର ଗାଁ ସାତଭାୟାବାସୀଙ୍କ ଜୀବନ ଜୀବିକାକୁ ନେଇ ଓଡ଼ିଶାର ଅନ୍ୟତମ ଖ୍ୟାତାନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ ଓ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନିବେଦିତ ତଥା ଡ. ଇତି ସାମନ୍ତଙ୍କ ପ୍ରଯୋଜିତ କାଦମ୍ବିନୀ ମିଡିଆ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ଦ ସି ଆଣ୍ଡ ସେଭେନ ଭିଲେଜେସ' ଜାତୀୟ ନନ୍ ଫିଚର ଫିଲ୍ମ ବିଭାଗରେ ମନୋନୀତ ହୋଇଛି। ଏହି ବିଭାଗରେ ସମଗ୍ର ଭାରତ ବର୍ଷରୁ ୨୫ଟି ଫିଚର ଓ ୨୦ଟି ନନ୍ ଫିଚର ଫିଲ୍ମ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଫିଚର ବିଭାଗରେ ମାଲାୟଲମ ଫିଲ୍ମ ଆଟମ୍ ଥିବା ବେଳେ ନନ୍ ଫିଚର ବିଭାଗରୁ ଆଣ୍ଡ୍ରୋ ଡ୍ରିମ୍ସ ମଣିପୁରୀ ଚଳଚ୍ଚିତ୍ରକୁ ପ୍ରଦର୍ଶିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଦ ସି ଆଣ୍ଡ ସେଭେନ ଭିଲେଜେସଟି ଦେଶ ବିଦେଶରେ ବିଭିନ୍ନ ଚଳଚ୍ଚିତ୍ର ଉତ୍ସବରେ ସ୍ଥାନ ପାଇବା ସହ ଅଜସ୍ର ସଫଳତା ସାଉଁଟିଛି। ଜଳବାୟୁର ପରିବର୍ତ୍ତନ ଯୋଗୁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ସାତଭାୟାର ୭ଟି ଗାଁ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ସାତଭାୟାବାସୀଙ୍କୁ ବଗପାଟିଆଠାରେ ଥଇଥାନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ କୌଣସି ପଞ୍ଚାୟତ ବିସ୍ଥାପିତ ହେବା ପ୍ରଥମ ଘଟଣା। ଜଳବାୟୁ ପରିବର୍ତ୍ତନ ଓ ସାତଭାୟାବାସୀଙ୍କ ସଂଘର୍ଷର କାହାଣୀକୁ ନେଇ ଏହି ଚଳିଚ୍ଚିତ୍ର ପ୍ରସ୍ତୁତ କରାଯାଇଛି।


ସାତଭାୟାରେ ଚଳଚ୍ଚିତ୍ର ସୁଟିଂ ସମୟର ଦୃଶ୍ୟ।

# ମନିପର୍ସ ପାଇ ଫେରାଇଲେ ଯୁବତୀ

ଆଳି,୨୬।୧୦(ବନମାଳୀ ସେନାପତି)

ଜଣେ ମହିଳାଙ୍କର ହଜି ଯାଇଥିବା ପର୍ସକୁ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି ଆଳି ଥାନା କୋଟିଲା ଗାଁ ଅକ୍ଷୟ ରାଉତଙ୍କ ଝିଅ ଚନ୍ଦନା। ସୂଚନା ମୁତାବକ, ଆଳି ରାଜବାଟି ପରିସରରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ଦର୍ଶନ ନିମନ୍ତେ ସ୍ଥାନୀୟ ଗିରିବନ୍ଧ ଗାଁର ଅରୁଣ ପାତ୍ରଙ୍କ ସ୍ତ୍ରୀ ସରସ୍ୱତୀ ପାତ୍ର ଯାଇଥିବା ବେଳେ ତାଙ୍କ ପର୍ସଟିକୁ ହଜାଇ ଦେଇଥିଲେ। ସେହି ରାଜବାଟି ପରିସରରେ ପର୍ସଟିକୁ କୋଟିଲା ଗ୍ରାମର ଚନ୍ଦନା ପାଇବା ପରେ ଆଳି ନାଗରିକ ମଞ୍ଚ ପକ୍ଷରୁ ହୋଇଥିବା ସୂଚନା କେନ୍ଦ୍ରରେ ପର୍ସ ଜିମା ଦେଇ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେବା ପାଇଁ ସହଯୋଗ ଲୋଡିଥିଲେ। ପର୍ସ ହଜାଇଥିବା ସରସ୍ୱତୀ ନାଗରିକ ମଞ୍ଚ ସହ ଯୋଗାଯୋଗ କରିବା ପରେ ମନିପର୍ସ ପାଇଥିବା ଝିଅ ଚନ୍ଦନା (ଗୁଡି) କୋଟିଲା ଗ୍ରାମର ମନିପର୍ସ ହସ୍ତାନ୍ତର କରିଥିଲେ। ସେଥିରେ ଥିବା ଗଡରେଜ ଚାବି, ଅର୍ଥରାଶି ଏବଂ ଦରକାରୀ କାଗଜପତ୍ର ଠିକ୍ ଅଛି କହି ଧନ୍ୟବାଦ ଦେଇଥିଲେ। ଆଳି ନାଗରିକ ମଞ୍ଚ ପକ୍ଷରୁ ଚନ୍ଦନାଙ୍କ ଏହି ମହତ କାର୍ଯ୍ୟ ପାଇଁ ଅଭିନନ୍ଦନ ଜ୍ଞାପନ କରିବା ସହ ଆଳିର ଆରାଧ୍ୟ ଶ୍ରୀଲକ୍ଷ୍ମୀବରାହଜୀ ତାଙ୍କୁ ସର୍ବଦା ଏପରି ମହତ କାର୍ଯ୍ୟ ନିମନ୍ତେ ସଦା ପ୍ରେରିତ କରନ୍ତୁ ବୋଲି ଗୁହାରି କରିଥିଲେ।

# ଶ୍ରୀବଳଦେବଜୀଉଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାତୃ ବିୟୋଗ

କେନ୍ଦ୍ରାପଡ଼ା, ୨୬।୧୦ (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ



ଶ୍ରୀବଳଦେବଜୀଉ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ଗୁରୁବାର ମାତୃ ବିୟୋଗ ହୋଇଛି। ବାର୍ଦ୍ଧକ୍ୟ ଜନିତ କାରଣରୁ ଭଗବତୀ ଦେବୀ କିଛିଦିନ ହେବ ସହରର ଟାଉନ ବଳରାମପୁର ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କର ମୃତ୍ୟୁରେ ମହାଜନ ପାଣିଗ୍ରାହୀ ଓ ସେବାୟତମାନେ ଶୋକ ପ୍ରକଟ କରିବା ସହ ଶବାଧାରରେ ଯୋଗ ଦେଇଥିଲେ। ସ୍ୱର୍ଗତ ଭଗବତୀ ଜଣେ ଧର୍ମ ପରାୟଣା ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିଲେ।

# ଦୁର୍ବୃତ୍ତ ଘରୁ ଲୁଟିନେଲେ ସୁନା, ଟଙ୍କା

ଡେରାବିଶ, ୨୬।୧୦(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ନିକିରେଇ ଥାନା ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ଗ୍ରାମରେ ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ବୁଧବାର ରାତିରେ ଘରେ କଳାକନା ଲୁଟେରା ବୁଲାଇଛନ୍ତି। ଏ ନେଇ ଗୃହକର୍ତ୍ତା ଗ୍ରାମର ରମେଶ ଚନ୍ଦ୍ର ପଣ୍ଡା ଥାନାରେ ଗୁରୁବାର ଏକ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ସମ୍ପର୍କୀୟ ବନ୍ଧୁଙ୍କ ଘରକୁ ପରିବାର ସହ ଯାଇ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳ ୬ଟାରେ ଘରେ ପହଞ୍ଚିବା ପରେ ଘରର ମୁଖ୍ୟ କବାଟର ତାଲା ଭଙ୍ଗା ହେବା ସହ ତଳ ମହଲାର ଏକ କୋଠରୀ ଓ ଉପରମହଲାର ଏକ କୋଠରୀର ତାଲା ଭାଙ୍ଗି ଭିତରେ ଥିବା ଆଲମିରା, ବକ୍ସ ଖଟ ଓ ଡ୍ରେସିଂ ଟେବୁଲ୍ ଇତ୍ୟାଦି ତାଡ଼ି ସେଥିରେ ସମସ୍ତ ସୁନା ଗହଣା ଲୁଟି ନେଇଛନ୍ତି। ଲୁଟ ହୋଇଥିବା ସୁନା ଗହଣାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛନ୍ତି। ତେବେ ଅଭିଯୋଗରେ ଉଲ୍ଲେଖ ଥିବା ସୁନା ଗହଣା ଗୁଡ଼ିକ ହେଲା ବଡ଼ ସୁନା ଚେନ୍ ୨ଟା, କାନଫୁଲ ୩ ହଳ, ମୁଦି ୮ଟି, ଶଙ୍ଖା ୪ଟି, ଛୋଟ ଚେନ୍ ୨ ଟି ଓ ସୁନା ହାର ୨ଟି। ଅଭିଯୋଗ ପାଇବା ପରେ ଆଇଆଇସି ଜ୍ୟୋତିର୍ମୟୀ ସେଠୀ, ଜିଲା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଥାନାରେ ନଂ. ୩୧୭/୨୩ରେ ମାମଲା ରୁଜୁ ହେବା ସହ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରାଯାଉଥିବା ଆଇଆଇସି ସେଠୀ ସୂଚନା ଦେଇଛନ୍ତି।

# ସରକାରୀ ବିଧିବ୍ୟବସ୍ଥା ବିରୋଧରେ ସରପଞ୍ଚ, ସମିତିସଭ୍ୟଙ୍କ ଧାରଣା

ଏରସମା,୨୬।୧୦(ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ସରକାରୀ ବିଧିବ୍ୟବସ୍ଥାକୁ ବିରୋଧ କରି ଏରସମା ବ୍ଲକ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ ସରପଞ୍ଚ ଓ ୧୨ ସମିତି ସଭ୍ୟଙ୍କ ସହ ଶତାଧିକ ସମର୍ଥକ ଏରସମାସ୍ଥିତ ମହିମା ଆଶ୍ରମ ନିକଟରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନାରଦିଆ ସରପଞ୍ଚ ସୀମାଇ ଭୋଳ ଉପସ୍ଥିତ ରହି ସରକାର ନିଜ ସ୍ୱାର୍ଥ ପାଇଁ ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଥିଲେ। ପ୍ରଶାସନକୁ ହାତ ବାରିସିକରି ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର କଣ୍ଠରୋଧ କରାଯାଉଥିବାରୁ ଅଧିକାଂଶ ସରପଞ୍ଚ ଓ ସମିତି ସଭ୍ୟ ସେମାନଙ୍କ ନ୍ୟାୟ ଓ ଅଧିକାରରୁ ବଞ୍ଚିତ ହେଉଥିବା କହିଥିଲେ। ଏଥିରେ ଜିରାଇଲୋ ସରପଞ୍ଚଙ୍କ ପ୍ରତିନିଧି ଅଭିଜିତ ସାହୁ ଯୋଗଦେଇ କହିଥିଲେ, ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରେ ଥିବା ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଗ୍ରାମସଭା ଓ ପଲ୍ଲିସଭାକୁ ଅଗୋଚରରେ ରଖାଯାଉଛି। ସରପଞ୍ଚଙ୍କୁ ନ ଜଣାଇ କେତେକ ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯିବା ଅଗଣତାନ୍ତ୍ରିକ ବୋଲି ସାହୁ କହିଥିଲେ। ଏଥିରେ ନବନିର୍ମାଣ କୃଷକ ସଙ୍ଗଠନର ଆବାହକ ପ୍ରସନ୍ନ କୁମାର କୁଅଁର, ସମିତି ସଭ୍ୟା ସନ୍ଧ୍ୟାରାଣୀ କୁଅଁର, ଆମ୍ବିକି ସରପଞ୍ଚ ରଞ୍ଜନ କୁମାର ଜେଠୀ, ପଳିକଣ୍ଟା ସରପଞ୍ଚ ରଶ୍ମିତା ସ୍ୱାଇଁ, ସରପଞ୍ଚ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖବରପାଇ ସ୍ଥାନୀୟ ବିଧାୟକ ରଘୁନନ୍ଦନ ଦାସ, ବିଡିଓ ଲମ୍ବୋଦର ଖୁଣ୍ଟିଆ, ଆଇଆଇସି ନିରଞ୍ଜନ ଦାସ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ବସିଥିବା ସରପଞ୍ଚ, ସମିତିସଭ୍ୟ ଓ ସମର୍ଥକମାନେ।

# ଦୁର୍ନୀତି ପ୍ରମାଣିତ ପରେ କାର୍ଯ୍ୟାନୁଷ୍ଠାନ ନାହିଁ

- ଲୁଟିଗଲା ଅଢ଼େଇ କୋଟି ଟଙ୍କାର ଦୁର୍ନୀତି
- ୧୧ ମାସ ତଳେ କେଳେଙ୍କାରୀର ତଦନ୍ତ କରିଥିଲା ଷ୍ଟାଣ୍ଡିଂ କମିଟି
- ଏକ୍ସପୋର୍ଟ ଟିମ୍‌ର ତଦନ୍ତ ପାଇଁ ସୁପାରିସ ହୋଇଥିଲା
- କାମ୍ପା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ହୋଇଥିଲା ହେରଫେର

**ନୟାଗଡ଼,୨୬।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ବନଖଣ୍ଡ ଓଡ଼ଗାଁ ରେଞ୍ଜରେ କାମ୍ପା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅଢ଼େଇ କୋଟି ଟଙ୍କାର ଦୁର୍ନୀତ ପଦାକୁ ଆସିଥିବାବେଳେ କାର୍ଯ୍ୟାନୁଷ୍ଠାନ ନେବା ଅଥବା ଏକ୍ସପୋର୍ଟ ଟିମ୍‌ର ତଦନ୍ତ ହେଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ୧୧ମାସ ତଳେ ଅଢ଼େଇ କୋଟି ଟଙ୍କା ହେରଫେରର ତଦନ୍ତ କରିଥିଲା ଜିଲା ପରିଷଦର ଷ୍ଟାଣ୍ଡି କମିଟି। ହେଲେ ପରବର୍ତ୍ତୀ ସମୟରେ ତଦନ୍ତ ରିପୋର୍ଟ ଶୀତଳଭଣ୍ଡାରକୁ ଚାଲିଯିବା ଅଭିଯୋଗ ପରେ ଜିଲା ପରିଷଦର ଷ୍ଟାଣ୍ଡିଂ କମିଟିର ସ୍ୱଚ୍ଛତା ଉପରେ ପ୍ରଶ୍ନ ଲଗାଇଛି।

ଓଡ଼ଗାଁ ରେଞ୍ଜର ଗୋଚ୍ଛା ସଂରକ୍ଷିତ ଜଙ୍ଗଲରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ କାମ୍ପା ଅନୁଦାନରେ ପ୍ରାୟ ଅଢେଇ କୋଟି ଟଙ୍କାର ଅନୁଦାନରେ ନିର୍ମାଣ ହୋଇଥିବା ୩ ଚେକ ଡ୍ୟାମ ସହ ୯୦ରୁ ଊର୍ଦ୍ଧ୍ୱ ପଥର ବନ୍ଧ ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଆସୁଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଛାତ୍ର କଂଗ୍ରେସ ପକ୍ଷରୁ ଏହାର ତଦନ୍ତ ଦାବି କରାଯାଇଥିଲା। ଏପରିକି ଓଡ଼ଗାଁ ପଞ୍ଚାୟତ ସମିତି ସାଧାରଣ ବୈଠକ ଓ ଜିଲା ପରିଷଦ ସାଧାରଣ ଅଧିବେଶନରେ ଏ ନେଇ ହୋହାଲ୍ଲା କରାଯିବା ସହ ଏହାର ତଦନ୍ତ କରାଯିବାକୁ ଦାବି ଉଠିଥିଲା। ଓଡଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଅଗଷ୍ଟ ୧୯ରେ ଏହାର ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରିଥିବା ବେଳେ ସେପ୍ଟମ୍ବର ୧୪ରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ବୋଲି ଦିନ ଧାର୍ଯ୍ୟ କରିଥିଲେ। ଉଭୟ ଗୃହରେ ତଦନ୍ତ କରିବା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତଦନ୍ତ ପାଇଁ ତାରିଖ ପରେ ବଦଳି ଚାଲିଥିଲା। ଯାହାକି ଦୁର୍ନୀତିରେ ରାଜନେତାଙ୍କର ସହଯୋଗ ଥିବା ପ୍ରଶ୍ନ ଉଠାଇ ଥିଲେ। ଏଭଳିସ୍ଥଳେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନରେଶ ବେହେରା ଓ ଜିଲା ପରିଷଦ ଅଧ୍ୟକ୍ଷ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୨୨ ନଭେମ୍ବର ୧୮ରେ ଉଚ୍ଚସ୍ତରୀୟ ତଦନ୍ତ କମିଟି ସମ୍ପୃକ୍ତ ସଂରକ୍ଷିତ ଜଙ୍ଗଲର ନିର୍ମାଣ କରାଯାଇଥିବା ଟୁଲୁବି ଚେକଡ୍ୟାମ, ନାଉଖାଳ ନର୍ସରୀ ଓ କରଞ୍ଜ ନାଳ ଚେକ ଡ୍ୟାମ ଆଦି ଏକାଧିକ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିଥିଲେ। କମିଟିରେ ଜିଲା ପରିଷଦ ଜୋନ (୪) ସଦସ୍ୟା ସଂଯୁକ୍ତା ପଡିଆରୀ, ଜିଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ଜିଲା ପରିଷଦ ସଦସ୍ୟ(୧୫) ସରୋଜ ରଣସିଂହ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ସହକାରୀ ବନ ସଂରକ୍ଷକ ହିମାଂଶୁ ଶେଖର ମୁଦୁଲି, ରେଞ୍ଜର ଆଶିଷ କୁମାର କଅଁର, ବନପାଳ ସନ୍ଧ୍ୟାରାଣୀ ନାୟକ ସାମିଲ ଥିଲେ। ହେଲେ କ୍ଷେତ୍ର ପରିଦର୍ଶନ ବେଳେ ପ୍ରକଳ୍ପ ସ୍ଥାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମାନୁସାରେ ସୂଚନା ଫଳକ ଲାଗି ନ ଥିବା ନଜରକୁ ଆସିଥିଲା। ପୁଣି ଅନେକ ଅନିୟମିତତା ଜଣାପଡିଥିଲା। ସେ ସମୟରେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନରେଶ ବେହେରା ଓ ଜିଲା ପରିଷଦ ଅଧ୍ୟକ୍ଷ ପଟ୍ଟନାୟକ କହିଥିଲେ, ନାଉଖାଲରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନୁଦାନରେ ଖୋଳା ଯାଇଥିବା ପୋଖରୀରେ ଶ୍ରମିକ କାର୍ଯ୍ୟ କରୁଥିବା ଜଣାପଡିଲା ନାହିଁ। ପୋଖରୀ କାର୍ଯ୍ୟ ମେଶିନ ଖୋଳିଥିବା ଜଣାପଡିଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉନ୍ନୟନ କାର୍ଯ୍ୟରେ ନାମଫଳକ ଲଗା ଯାଇନାହିଁ। ଟେକନିକାଲ ଟିମ୍ ଓ ଏମ୍‌ଜିଏନ୍‌ଆର୍‌ଜିଏସ୍‌ର ଟିମ୍ ଯେଉଁ କ୍ଷେତ୍ର ପରିଦର୍ଶନ ନେଇ ଦେଇଥିବା ରିପୋର୍ଟ ଅନୁଧ୍ୟାନ ଚାଲିଛି। ଏଭଳିସ୍ଥଳେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କୁହନ୍ତି, ବନ ବିଭାଗର ହେରଫେର ତଦନ୍ତ ଚାଲିଛି। ଠିକଣା ସମୟରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଏ ନେଇ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ଓଡ଼ଗାଁ ରେଞ୍ଜରେ କାମ୍ପା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ଦୁର୍ନୀତି ନେଇ ବାରମ୍ବାର ଗୃହରେ ପ୍ରଶ୍ନ କରାଯାଉଛି। ହେଲେ ଏ ନେଇ ସେପରି କିଛି ଉତ୍ତର ମିଳୁନି। ବନ ବିଭାଗର ଦୁର୍ନୀତିରେ ଆମେ ଅନ୍ଧାରରେ ରହିଛୁ ବୋଲି ଦର୍ଶାଇ କ୍ଷୋଭ ପ୍ରକାଶ କରିଛନ୍ତି।

# ଡ୍ରେସ୍ ଶୋ'ରୁମରେ ଭୟାବହ ଅଗ୍ନିକାଣ୍ଡ

- ୨କୋଟି ଟଙ୍କାର ଡ୍ରେସ ପୋଡ଼ିଗଲା
- ଜେସିବିରେ ଘର ଭାଙ୍ଗି ଲିଭାଗଲା ନିଆଁ
- ୪ ଦମକଳ ୪ ଘଣ୍ଟା ପାଇଁ ନିୟୋଜିତ

**ନୟାଗଡ଼,୨୬।୧୦(ଲୋକନାଥ ମିଶ୍ର)**


ଶୋ'ରୁମ୍‌ରେ ଲାଗିଥିବା ନିଆଁକୁ ଦମକଳ କର୍ମଚାରୀ ଲିଭାଉଛନ୍ତି।

ନୟାଗଡ଼ ସହର ଖଣ୍ଡପଡ଼ା ରୋଡର ଶ୍ୟାମ ଗାର୍ମେଣ୍ଟ ସୋରୁମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨କୋଟି ଟଙ୍କାର ଡ୍ରେସ ଓ ଅନ୍ୟ ଉପକରଣ ଜଳି ଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ହେଁ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ନିଆଁ ଲିଭାଇବା କାର୍ଯ୍ୟରେ ନୟାଗଡ଼, ନୂଆଗାଁ ଓ ଖଣ୍ଡପଡ଼ାର ୪ଟି ଦମକଳର ୨୧ କର୍ମଚାରୀ ନିୟୋଜିତ ହୋଇଥିଲେ।

ସବୁଦିନ ପରି ବୁଧବାର ରାତି ୧୦ଟାରେ ଶ୍ୟାମ ଗାର୍ମେଣ୍ଟ ସୋରୁମ ମାଲିକ ଓ କର୍ମଚାରୀ ତାଲା ପକାଇ ଘରକୁ ଯାଇଥିଲେ। ନିଆଁ ଲାଗିଥିବା ନେଇ କିଛି ଲୋକ ବୁଧବାର ରାତି ୩ଟାରେ ସୋରୁମ୍ ମାଲିକଙ୍କୁ ଫୋନ କରିଥିଲେ। ସୋରୁମ୍ ମାଲିକ ପହଞ୍ଚି ଦମକଳକୁ ଜଣାଇବା ସହ ଶର୍ଟର ଖୋଲିବାକୁ ଉଦ୍ୟମ କରିଥିଲେ। ହେଲେ ନିଆଁର ଭୟାବହତା ଯୋଗୁ ଶର୍ଟର ଖୋଲି ନ ଥିଲା। ପରେ ଜେସିବି ଲଗାଇ ଶର୍ଟର ଓ ଘରର ଝରକା ଭାଙ୍ଗି ନିଆଁ ଲିଭା ଯାଇଥିଲା। ଗୁରୁବାର ସକାଳ ୭ଟା ୪୫ରେ ନିଆଁ ସୋରୁମ୍‌ରୁ ସମ୍ପୂର୍ଣ୍ଣ ଭାବେ ଲିଭିଥିଲା। ଏ ନେଇ ଷ୍ଟେଶନ ଅଫିସର ସୌମ୍ୟ ରଞ୍ଜନ ସେଠୀଙ୍କୁ ପଚାରିବାରେ ସୋରୁମ ମାଲିକଙ୍କ ସୂଚନା ଅନୁସାରେ ୨ କୋଟି ଟଙ୍କାର ଡ୍ରେସ ଓ ଅନ୍ୟ ଉପକରଣ ଜଳି ଯାଇଛି। ବହୁ ଅଧା ପୋଡି ହୋଇରହିଛି। ତେବେ କେତେ ଟଙ୍କାର ଡ୍ରେସ ଓ ଉପକରଣ ଜଳି ନଷ୍ଟ ହୋଇଛି ଆକଳନ ଚାଲିଛି। ନିଆଁ ବିଦ୍ୟୁତ୍ ଶର୍ଟ ସର୍କିଟରୁ ହୋଇଛି ନାଁ ଅନ୍ୟ କାରଣ ତାହା ତଦନ୍ତ ସାପେକ୍ଷ। ଶ୍ୟାମ ଗାର୍ମେଣ୍ଟ ମାଲିକ ବିକାଶ ଶର୍ମା କୁହନ୍ତି, ସୋରୁମରେ କିପରି ନିଆଁ ଲାଗିଛି ଜାଣିନୁ। ସୋରୁମ ବନ୍ଦ କରିବାବେଳେ ସବୁ କିଛି ଠିକ ଠାକ ଥିଲା। ତେବେ ରାତି ୩ଟାରେ ଫୋନ ମିଳିଲା ସୋରୁମରେ ନିଆଁ ଲାଗିଛି। ପହଞ୍ଚିବା ବେଳକୁ ସୋରୁମ ଭିତରୁ ଧୂଆଁ ବାହାରୁଛି। ଜେସିବି ଲଗାଇ ଶର୍ଟର ଭଙ୍ଗା ଯାଇ ନିଆଁ ଲିଭା ଯାଇଥିଲା। ପ୍ରାୟ ୨କୋଟି ଟଙ୍କାର ଡ୍ରେସ ସମେତ ଅନ୍ୟ ଉପକରଣ ଜଳି ଯାଇଛି। ଦମକଳ କର୍ମଚାରୀ ପ୍ରାୟ ୪ ଘଣ୍ଟା ଧରି ନିଆଁକୁ ଲିଭାଇ ଥିଲେ।

## ରାସ୍ତା ପାର୍ଶ୍ୱରୁ ସୂଚନାଫଳକ ଚୋରି

**ଖଣ୍ଡପଡା,୨୬।୧୦ (ଅଜୟ କୁମାର ମହାରଣା)**

ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖଣ୍ଡପଡ଼ା -କଣ୍ଟିଲୋ, କଣ୍ଟିଲୋ- ଫତେଗଡ, କଣ୍ଟିଲୋ-ଗଣିଆ, ଖଲିସାହି-ଆଡକଟା, ବାଘମାରୀଠାରୁ ଭାପୁର ଦେଇ ଖଣ୍ଡପଡା ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସହ ଅନ୍ୟ ରାସ୍ତାପାର୍ଶ୍ୱରେ ବହୁ ସୂଚନା ଫଳକ ଲଗାଯାଇଥିଲା। ତେବେ ବିଭିନ୍ନ ସ୍ଥାନରେ ଲଗା ଯାଇଥିବା ସୂଚନା ଫଳକ ଗୁଡିକୁ ନିଶାଖୋର ଓ ଅସାମାଜିକ ଯୁବକ ରାତିରେ ଚୋରି କରି ନେଉଥିବା ଜଣାପଡିଛି। ଏବେ ଅଧିକାଂଶ ରାସ୍ତା ପାର୍ଶ୍ୱରେ ସୂଚନା ଫଳକ ଦେଖିବାକୁ ମିଳୁନାହିଁ। ବିଭିନ୍ନ ସ୍ଥାନକୁ ରାସ୍ତାର ଦୂରତା, ବିଭିନ୍ନ ଗ୍ରାମର ଅବସ୍ଥିତି ଓ ନାମ, ବୁଲାଣି ରାସ୍ତାରେ ଯାନବାହନ ଧୀରେ ଚଳାଚଳ ସମ୍ପର୍କୀତ ସୂଚନା ଗୁଡିକ ସୂଚନା ଫଳକରେ ଦର୍ଶାଯାଇଥିଲା। ଦୁର୍ବୃତ୍ତମାନେ ଲୁହା ଖୁଣ୍ଟରେ ଲଗାଯାଇଥିବା ସେହି ସବୁ ସୂଚନା ଫଳକ ଗୁଡିକୁ ଚୋରି କରି ନେଇ କବାଡି ବାଲାଙ୍କୁ ବିକ୍ରି କରି ଦେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିପ୍ରତି ପ୍ରଶାସନ ଓ ପୋଲିସ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡାକୁ ବାଘମାରୀକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ୫୦ରୁ ଊର୍ଦ୍ଧ୍ୱ ସୂଚନା ଫଳକ ଚୋରି ହୋଇଥିବା ନେଇ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କଠାରୁ ପ୍ରକାଶ। ତେବେ ବିଭିନ୍ନ ଅଞ୍ଚଳରେ ଥିବା କବାଡି ବ୍ୟବସାୟୀମାନଙ୍କ ଗୋଦାମ ଗୃହଗୁଡିକୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲେ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ସୂଚନା ମିଳି ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଖଣ୍ଡପଡା,୨୬।୧୦(ଅଜୟ କୁମାର ମହାରଣା):** ଖଣ୍ଡପଡା ଥାନା ରୁପାପଲ୍ଲୀ ଗ୍ରାମର ଭିକାରୀ ବାରିକ(୪୫) ବାଇକ୍ ଯୋଗେ ଖଲିସାହିରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଖଲିସାହି- କୋସକା ରାସ୍ତାର ଦହିଖିଆ ବୁଲାଣିରେ ବୁଧବାର ରାତ୍ରିରେ ଦୁର୍ଘଟଣା ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସିଂଘାପଡା ପଞ୍ଚାୟତ ଅଧୀନ ରୁପାପଲ୍ଲୀ ଗ୍ରାମର ଭିକାରୀ ଓ ଫକୀର ବେହେରା(୩୨) ଉଭୟେ କୌଣସି କାର୍ଯ୍ୟରେ ଖଲିସାହି ଆସି ଗାଁକୁ ଫେରୁଥିଲେ। ତେବେ ବେପରୁଆ ଗାଡି ଚାଳନା ଯୋଗୁ ଏପରି ଦୁର୍ଘଟଣ ଘଟିଥିବା ଜଣାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ସୂତ୍ରରୁ ଜଣାଯାଇଛି।

## ଜିଲା ଯୁବ ବିଜେଡି ସଭାପତିଙ୍କ ପରଲୋକ

**ନୟାଗଡ଼,୨୬।୧୦(ଲୋକନାଥ ମିଶ୍ର):** ନୟାଗଡ଼ ଜିଲା ଯୁବ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ(ବାଙ୍କ)ଙ୍କ ଗୁରୁବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଅବସ୍ଥାରେ ରହିଥିଲେ। ବୁଧବାର ରାତ୍ରିରେ ଅଧିକ ଅସୁସ୍ଥ ହୋଇ ପଡ଼ିବାରୁ ଗୁରୁବାର ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା। ତାଙ୍କ ମୃତ୍ୟୁରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଖଣ୍ଡପଡ଼ା ଏନ୍‌ପିଏସ୍ ଶିକ୍ଷକ ସଂଘର ପୁନର୍ଗଠନ

**ଖଣ୍ଡପଡା,୨୬।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖଣ୍ଡପଡା ମା' ଉମାଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୟାଗଡ ଜିଲାର ପୂର୍ବତନ ସାଧାରଣ ସମ୍ପାଦକ ତଥା ଭାପୁର ବ୍ଲକର ବରିଷ୍ଠ ଶିକ୍ଷକ ନେତା ପଞ୍ଚାନନ ମହାପାତ୍ର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବୈଠକରେ ଏନ୍‌ପିଏସ୍ ଶିକ୍ଷକ ସଂଘର ବିଭିନ୍ନ ସମସ୍ୟା ଯଥା ଏମ୍‌ଏସିପି, ଏରିୟର, ପଦୋନ୍ନତି ସମ୍ପର୍କରେ ବିସ୍ତୁତ ଆଲୋଚନା ହୋଇଥିଲା। ଏହି ଅବସରରେ ଖଣ୍ଡପଡା ଏନ୍‌ପିଏସ୍ ସଂଘର କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ପୁନର୍ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ସିଦ୍ଧାର୍ଥ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, କାର୍ଯ୍ୟକାରୀ ସଭାପତି ବିନୋଦ ବିହାରୀ ସାହୁ, କୋଷାଧ୍ୟକ୍ଷ ପଦ୍ମଲୋଚନ ବେହେରା, ସଙ୍ଗଠକ ସମ୍ପାଦକ ଉମାକାନ୍ତ ସାହୁ, ହିସାବ ନିରୀକ୍ଷକ ମନୋଜ କୁମାର ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ଜିଲା ପ୍ରତିନିଧି କୁଳମଣି ପ୍ରଧାନ ଓ ବିଭୁତି ଭୂଷଣ ସେନାପତିଙ୍କ ସମେତ ୧୧ଟି କ୍ଲଷ୍ଟରର ସିଆରସିସି ଓ ୨ଜଣ ଶିକ୍ଷକଙ୍କୁ ନେଇ କୋର କମିଟି ଗଠନ କରାଯାଇଥିବା ସଭାପତି ମହାପାତ୍ର ସୂଚନା ଦେଇଛନ୍ତି। ବୈଠକରେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିବା ବେଳେ ସଭାପତି ମହାପାତ୍ର ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

# ବ୍ୟତିକ୍ରମ ଦୂର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ପଠାଣି ସାମନ୍ତଙ୍କ ଜନ୍ମ ତାରିଖ ଅଥବା ତିଥିରେ ହେଉ ଜୟନ୍ତୀ**

**ନୟାଗଡ଼,୨୬।୧୦(ଲୋକନାଥ ମିଶ୍ର)**


ବିଧାୟକ ଅରୁଣ ସାହୁ ସ୍ମରକ ପତ୍ର ପ୍ରଦାନ କରୁଛନ୍ତି।

ବିଶ୍ୱ ବିଖ୍ୟାତ ଜ୍ୟୋତି ବିଜ୍ଞାନୀ ମହାମହୋପାଧ୍ୟାୟ ଚନ୍ଦ୍ର ଶେଖର ହରିଚନ୍ଦନ ମହାପାତ୍ର ସାମନ୍ତ ଓରଫ ପଠାଣୀ ସାମନ୍ତଙ୍କ ଜନ୍ମ ଜୟନ୍ତୀ ବ୍ୟତିକ୍ରମକୁ ଦୂର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତଥା ଓଡିଶା ସାହିତ୍ୟ ଏକାଡେମୀକୁ ଅବଗତ କରାଇ ତ୍ରୁଟି ସୁଧାରିବା ଉଦ୍ଦେଶ୍ୟରେ ନୟାଗଡ ଜିଲାପାଳଙ୍କ ଜରିଆରେ ବୁଧବାର ସ୍ମାରକପତ୍ର ପ୍ରଧାନ କରାଯାଇଛି। ଅନ୍ୟପକ୍ଷେ ନୟାଗଡ ବିଧାୟକ ଅରୁଣ ସାହୁଙ୍କୁ ମଧ୍ୟ ଅନୁରୂପ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାମନ୍ତ ଚନ୍ଦ୍ର ଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ଗବେଷକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଜିଲାପାଳ ଓ ବିଧାୟକଙ୍କୁ ଭେଟି ସ୍ୱାରକପତ୍ର ଦେଇଛନ୍ତି।

ପଠାଣୀ ସମାନ୍ତଙ୍କ ଜନ୍ମ ତାରିଖ ଅଥବା ତିଥିରେ କରାଯାଉନି। ତେବେ ତାରିଖ ଓ ତିଥିରେ ନ କରି ମନଇଚ୍ଛା ତାରିଖରେ କରାଯାଉଥିବାରୁ ନୟାଗଡ଼ର ସାମନ୍ତ ଚନ୍ଦ୍ର ଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷର ଅସନ୍ତୋଷ, ଉଦ୍‌ବେଗ ପ୍ରକାଶ କରି ଆସୁଛି। ସରକାର ଓ ସାହିତ୍ୟ ଏକାଡେମୀ ହସ୍ତକ୍ଷେପ କରି ପ୍ରକୃତ ତାରିଖ ଅଥବା ତିଥିକୁ ବିଚାରକୁ ନେଇ ପାଳନ କରିବାକୁ ଦାବି ହେଉଥିଲେ ମଧ୍ୟ ଏହାକୁ ଅଣଦେଖା କରାଚାଲିଛି ବୋଲି ଅଭିଯୋଗ ରହିଛି। ପଠାଣୀ ସେମାନଙ୍କ ପରିବାର ପକ୍ଷରୁ ଏହାର ନିରାକରଣ ପାଇଁ ମଧ୍ୟ ଦାବି ହୋଇଆସୁଛି। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ଗବେଷକ ବିଜୟ କୁମାର ଚୌଧୁରୀ ପ୍ରମୁଖ ଜୟନ୍ତୀ ପାଳନ ନେଇ କୁହନ୍ତି, ତିଥି ଅନୁସାରେ ୧୮୩୫ ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀରେ ଓ ଇଂରାଜି ତାରିଖ ୧୩।୧୨।୧୮୩୫ରେ ପଠାଣି ସାମନ୍ତ ଜନ୍ମ ଗ୍ରହଣ କରିଥିଲେ। ଏକଥା ଆମେ କହୁନୁ ପଠାଣୀ ସାମନ୍ତଙ୍କ ପରିବାର ସଦସ୍ୟ, ପଞ୍ଜିକା, ଗୁଗୁଲ୍, ଖିକ ପେଡିଆରୁ ଆମେ ସଂଗ୍ରହ କରି ପ୍ରମାଣ ଉପସ୍ଥାପନ କରୁଛୁ। ପଠାଣି ସମାନ୍ତ ଡିସେମ୍ବର ୨୪ରେ ଜନ୍ମଗ୍ରହଣ କରିଥିଲେ ବୋଲି କେଉଁଠାରେ ଉଲ୍ଲେଖ ନାହିଁ। ଏଣୁ ଜୟନ୍ତୀ ପାଳନ ଠିକ୍ ନୁହେଁ। ଜୟନ୍ତୀକୁ ଡିସେମ୍ବର ୧୩ରେ ଅଥବା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀରେ ପାଳନ କଲେ କିଛି ଅସୁବିଧା ନାହିଁ। ତେବେ ତିଥିରେ ପାଳନ କଲେ ପ୍ରତିବର୍ଷ ଭିନ୍ନ ଭିନ୍ନ ତାରିଖରେ ପଡିବ। ତାରିଖରେ କଲେ ପ୍ରତିବର୍ଷ ଗୋଟିଏ ତାରିଖ ରହିବ। ଏଭଳିସ୍ଥଳେ ସାହିତ୍ୟ ଏକୋଡମୀ ଖଣ୍ଡପଡ଼ାରେ, କେତେଗୋଟି ଅନୁଷ୍ଠାନ ଭୁବନେଶ୍ୱରରେ ପଠାଣୀ ସାମନ୍ତଙ୍କ ଜୟନ୍ତୀକୁ ଡିସେମ୍ବର ୨୪ରେ ପାଳନ କରୁଛନ୍ତି। ଡିସେମ୍ବର ୨୪ରେ ପଠାଣୀ ସାମନ୍ତ ଜନ୍ମ ହୋଇଥିବା ରେକର୍ଡ ନ ଥିଲେ ମଧ୍ୟ ଭୁଲ ବଶତଃ ଏହା ପାଳନ ହୋଇଆସୁଛି ବୋଲି ଆମେ ଅନୁଭବ କରୁଛୁ। ଏଣୁ ପ୍ରମାଣକୁ ଯାଞ୍ଚ କରି ତ୍ରୁଟି ସଂଶୋଧନ କରି ଡିସେମ୍ବର ୧୩ ଅଥବା ଜନ୍ମ ତିଥିରେ ପଠାଣି ସମାନ୍ତ ଜୟନ୍ତୀ ପାଳନ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରଶେଖର


@ ଦୀପକ


@ ପଦ୍ମିନୀ


@ ଶିବଦତ୍ତ


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ

# ଫାଇନାଲରେ ଖୋର୍ଦ୍ଧା ପଙ୍ଗାରସିଂହ


ଅତିଥିଙ୍କ ଗହଣରେ ୨ ଦଳର ଖେଳାଳି।

**ବନମାଳୀପୁର ଚ୍ୟାଲେଞ୍ଜ କପ୍ କ୍ରିକେଟ**

**ଖଣ୍ଡପଡା,୨୬।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୩୫ତମ ବାର୍ଷିକ ବନମାଳୀପୁର ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ୨ୟ ସେମି ଫାଇନାଲରେ ବାଙ୍କୀ ଆଥଲେଟିକ କ୍ରିକେଟ ଆସୋସିଏଶନ ଓ ଖୋର୍ଦ୍ଧା ପଙ୍ଗାରସିଂହ କ୍ରିକେଟ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମୁକାବିଲା ହୋଇଥିଲା। ପଙ୍ଗାରସିଂହ କ୍ରିକେଟ ଟିମ ବାଙ୍କୀ ଆଥଲେଟିକ କ୍ରିକେଟ ଆସୋସିଏଶନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି ବାଙ୍କୀ ଦଳ ନିର୍ଦ୍ଧାରିତ ୨୦ଓଭରରେ ୨୦୩ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଖୋର୍ଦ୍ଧା ପଙ୍ଗାରସିଂହ ଦଳ ୧୯.୪ ଓଭରରେ ୬ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଚିନ୍ମୟ ଚମ୍ପତି ୨୬ ବଲରେ ୫୪ ରନର ପାଳି ସହ ବୋଲିଂରେ ୩ ଉଇକେଟ ଅକ୍ତିୟାର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା। ଆଜିର ଖେଳକୁ ପ୍ରକାଶ ଦାସ ଓ ଅଭିମନ୍ୟୁ ଦାସ ପରିଚାଳନା କରିଥିବା ବେଳେ ସ୍କୋରର ଦାୟୀତ୍ୱ ତୁଲାଇଥିଲେ ଗୌରାଙ୍ଗ ଚରଣ ସେଠୀ। ଆଜିର ମ୍ୟାଚରେ ଅତିଥି ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ତଥା ଆଇନଜୀବୀ ଅଭିଳାଷ ପଣ୍ଡା ଓ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସା ହିତ କରିଥିଲେ। ଆସ'। କାଲି ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ପଙ୍ଗାରସିଂହ କ୍ରିକେଟ କ୍ଲବ ଓ ଗୁରୁଜଙ୍ଗ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ।

**ସଂକ୍ଷେପରେ**

## ଶିଡ଼ିରୁ ପଡ଼ି ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

ରସୁଲପୁର,୨୬।୧୦(ରଞ୍ଜିତ ରାଉତ):



ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ୭ମ ଶ୍ରେଣୀ ଛାତ୍ରୀ ଶିବପ୍ରସାଦ ସାହୁଙ୍କ ଝିଅ ଶ୍ରଦ୍ଧାଞ୍ଜଳି (୧୩)ଙ୍କ ଗୁରୁବାର ମୃତ୍ୟୁ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସେପ୍ଟମ୍ବରରେ ସିଡ଼ିରୁ ପଡ଼ି ଆହତ ହୋଇ ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିଲା।

ଘଟଣା ଦିନ ଶ୍ରଦ୍ଧାଞ୍ଜଳି ଟିଉସନ ଯାଇଥିଲେ। ସେଠାରେ ଛାତରୁ ଓହ୍ଲାଉଥିବା ସମୟରେ ଗୋଡ ଖସି ଯିବାରୁ ପଡ଼ି ଯାଇଥିଲେ। ତାଙ୍କ ବେକରେ ଆଘାତ ଲାଗିଥିଲା। ଶ୍ୱାସନଳୀରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କ ଶ୍ୱାସନଳୀରେ ଅସ୍ତ୍ରୋପଚାର କରିଥିଲେ। ଶ୍ୱାସନଳୀରେ ଏକ ପାଇ ସଂଯୋଗ କରାଯାଇ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରାଯାଇ ଆସୁଥିଲା। ଗୁରୁବାର ଡାକ୍ତର ଶ୍ରଦ୍ଧାଞ୍ଜଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଶ୍ୱାସନଳୀରେ ସଂଯୋଗ ହୋଇଥିବା ନଳିକୁ ବାହାର କରିଦେଇଥିଲେ। ଏହି ଘଟଣାର କିଛି ସମୟ ବ୍ୟବଧାନରେ ଛାତ୍ରୀଙ୍କ ମୃତ୍ୟୁ ହୋଇ ଯାଇଥିଲା। ଶ୍ରଦ୍ଧାଞ୍ଜଳି ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀ ଥିଲେ। ସେ ପାଠପଢ଼ା ସହ ନାଚଗୀତ ଭଳି ବହୁମୁଖି ପ୍ରତିଭାର ଅଧିକାରିଣୀ ଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବାବେଳେ ସହପାଠୀ, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

# ଉଦ୍ୟାନ ଉତ୍କର୍ଷ କେନ୍ଦ୍ର ନାଁରେ ଅନିୟମିତତା

- ପାଣିରେ ପଡ଼ିପାରେ ୧୪.୧୧ କୋଟି ଟଙ୍କାର ପ୍ରକଳ୍ପ
- ଡିଏମ୍ଏଫ୍ ପାଣ୍ଠିରୁ ଅନୁଦାନ ମଞ୍ଜୁର

ଯାଜପୁର,୨୬।୧୦(ହର୍ଷବର୍ଦ୍ଧନ ବେହେରା)



ନିର୍ମାଣାଧୀନ ଉଦ୍ୟାନ ଉତ୍କର୍ଷ କେନ୍ଦ୍ର।

ଯାଜପୁର ଜିଲାର ପାଣିକୋଇଲିଠାରେ ଆମ୍ବ ଓ ପରିବା ଚାଷୀଙ୍କ ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ(ଉଦ୍ୟାନ ଉତ୍କର୍ଷ କେନ୍ଦ୍ର) ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ନିର୍ମାଣ କାର୍ଯ୍ୟ ପାଇଁ ଡିଏମ୍ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ମଞ୍ଜୁର ହୋଇଥିବା ୧୪ କୋଟି ୧୧ ଲକ୍ଷ ଟଙ୍କା ଉପଯୁକ୍ତ ଭାବେ ବିନିଯୋଗ ନ ହୋଇ ବାଟମାରଣା ହେଉଥିବା ଚର୍ଚ୍ଚା ହେଉଛି। ଠିକାସଂସ୍ଥା ପକ୍ଷରୁ ରାସ୍ତା, ପାଚେରି, ଜମି ସମତୁଲ ଏବଂ ଗୃହ ନିର୍ମାଣରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର କରା ନ ଯାଇ ଅତି ନିମ୍ନମାନର କାମ ହେଉଛି। ଏଥିରେ ଜିଲା ପ୍ରଶାସନ, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ସାଧାରଣରେ କୁହାଯାଉଛି।

ଯାଜପୁର ଜିଲା ପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଛି। ଜିଲାରେ ପ୍ରାୟ ୧୮ହଜାର ହେକ୍ଟର ଜମିରେ ପରିବା ଚାଷ ହେଉଛି। ସେଥିମଧ୍ୟରୁ ଧର୍ମଶାଳା, ରସୁଲପୁର, ଦଶରଥପୁର, ବିଞ୍ଝାରପୁର ବ୍ଲକରେ ସର୍ବାଧିକ ପରିବା ଚାଷ ହୋଇଥାଏ। ତେବେ ଉତ୍ପାଦିତ ପରିବା ପରିମାଣ ଅନୁସାରେ ଆବଶ୍ୟକ ଶୀତଳ ଭଣ୍ଡାର ନ ଥିବାରୁ ପରିବା ଚାଷୀ ବିଭିନ୍ନ ସମୟରେ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହିକ୍ରମରେ ପାଣିକୋଇଲିଠାରେ ଉଦ୍ୟାନ ଉତ୍କର୍ଷ କେନ୍ଦ୍ର ନିର୍ମାଣ କରାଗଲେ ପରିବା ଚାଷୀଙ୍କ ପାଇଁ ଏକ ବରଦାନ ହେବ ବୋଲି ଚାଷୀମାନେ ଆଶା ରଖିଥିଲେ। ଏହି କେନ୍ଦ୍ର ଜରିଆରେ ଚାଷୀମାନେ ଉଦ୍ୟାନ ଚାଷ ସମ୍ପର୍କରେ ଅଧିକ ଶିକ୍ଷା ଲାଭ କରିବା ସହ ମୂଲ୍ୟ ନିର୍ଦ୍ଧାରଣ ହୋଇପାରିବ। ଏହାସହ ଏହି କେନ୍ଦ୍ରରୁ ବାହାରକୁ ରପ୍ତାନି, ଦେଶବିଦେଶକୁ ଭ୍ରମଣରେ ଯାଇ ଉଦ୍ୟାନ ଚାଷ ସମ୍ପର୍କରେ ଅତ୍ୟାଧୁନିକ ଜ୍ଞାନକୌଶଳ ଆହରଣ ଆଦି ସୁବିଧା ଚାଷୀ ପାଇପାରିବେ ବୋଲି ସୂଚନା ମିଳିଛି। ଏହାସହ ପରିଚାଳନା ପ୍ରକ୍ରିୟା, ଡିଏମ୍ଏଫ୍ ଓ ଇଣ୍ଡୋ-ଇସ୍ରାଏଲ ପାଣ୍ଠିର ବିନିଯୋଗ, ଇଣ୍ଡୋ-ଇସ୍ରାଏଲ ପ୍ରକଳ୍ପ ସହ ହୋଇଥିବା ଚୁକ୍ତିନାମା, ଅନ୍ୟ ପ୍ରକଳ୍ପର ବ୍ୟବହାର, ବୈଷୟିକ ସହାୟତା ଆଦି ସମ୍ପର୍କରେ ଚାଷୀମାନଙ୍କୁ ଶିକ୍ଷା ପ୍ରଦାନ କରିବାର ପ୍ରସ୍ତାବ ରହିଛି। ୨୦୨୦ ନଭେମ୍ବରରେ ଏହି ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା। ଏହାପରେ ପାଣିକୋଇଲି ନିକଟସ୍ଥ ଷଠିପୁରଠାରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ମଞ୍ଜୁର ଅର୍ଥର ପ୍ରାୟ ୯୦ ପ୍ରତିଶତ ଖର୍ଚ୍ଚ ହୋଇ ସାରିଥିବା ସୂଚନା ମିଳିଛି। ହେଲେ ପ୍ରକଳ୍ପ ଏଯାଏ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଚାଷୀଙ୍କ ଆଶା ପୂରଣ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି। ଉଦ୍ୟାନ ବିଭାଗ ପକ୍ଷରୁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ମାଧ୍ୟମରେ ପ୍ରଦର୍ଶନ କ୍ଷେତ୍ର, ନୂତନ ଜ୍ଞାନକୌଶଳ ତାଲିମ ଶିବିର, ପ୍ରାୟ ୫୦ ଭାଗ ରିହାତି ମାଧ୍ୟମରେ ଫୁଆର ଜଳସେଚନ, ପାଣି ମଡାଇବା ପାଇପ, ରେନ୍‌ଗନ୍, ପାଣି ପମ୍ପ, ହସ୍ତ ଓ ଶକ୍ତିଚାଳିତ କୀଟନାଶକ, ସିଞ୍ଚନ ଯନ୍ତ୍ର ଇତ୍ୟାଦି ପ୍ରଦାନ କରାଯାଉଛି। ସେହିପରି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜଳନିଧି ଯୋଜନା, ଗଭୀର ଓ ଅଗଭୀର ନଳକୂପ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯନ୍ତ୍ରୀକରଣ ଯୋଜନା, ସୌର ଜଳନିଧି ଯୋଜନା କାର୍ଯ୍ୟକାରୀ ହେଉଛି। ଅପରପକ୍ଷରେ ଉଦ୍ୟାନକୃଷି, ପ୍ରାଣୀ ସମ୍ପଦ ବିକାଶ, ଜଳଛାୟା ପ୍ରକଳ୍ପ, ମତ୍ସ୍ୟ ସମ୍ପଦରେ ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ହେଲେ ପ୍ରକୃତ ଚାଷୀ ଏହିସବୁ ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଡିଏମ୍ଏଫ୍ ସେଲ୍ ଜରିଆରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ କେତେ କାର୍ଯ୍ୟ ହୋଇଛି ଏବଂ କେତେ ଟଙ୍କା ଖର୍ଚ୍ଚ ହୋଇସାରିଛି, ତାଙ୍କ ପାଖରେ ଖବର ନାହିଁ।

# ଶାଗ ଚୋରିକୁ କେନ୍ଦ୍ରକରି ଗଣ୍ଡଗୋଳ

**୨ ଥାନାରେ ମାମଲା, ଗ୍ରାମରେ ଉତ୍ତେଜନା**

ରସୁଲପୁର,୨୬।୧୦(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଭଗତପୁର ଗ୍ରାମରେ ଶାଗ ଚୋରିକୁ ନେଇ ଗଣ୍ଡଗୋଳ ହୋଇଛି। ଗ୍ରାମର ଚାଷୀ କାଠିଆ ବିଶ୍ୱାଳଙ୍କ ଜମିରୁ ଶାଗ ଚୋରି ହେଉଥିବାବେଳେ ସେ ବିରୋଧ କରିବାରୁ ତାଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଉକ୍ତ ଘଟଣାକୁ ନେଇ ତାଙ୍କ ସ୍ତ୍ରୀ ମଞ୍ଜୁଲତା ବିଶ୍ୱାଳ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ନମ୍ବର ୬୭୧/୨୩ ରୁଜୁ ହୋଇଛି। ଅପରପକ୍ଷରେ ଶାଗଚୋରିରେ ସମ୍ପୃକ୍ତ ସିଂହାପୁର ପଂଚାୟତ ବାମଦେଇପୁର ଗ୍ରାମର ବ୍ୟକ୍ତିମାନେ କୁଆଖିଆ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ଥାନାରେ ନମ୍ବର-୩୧୭/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଉଭୟ ପୋଲିସ ପକ୍ଷରୁ ଅଭିଯୋଗକୁ ନେଇ ତଦନ୍ତ ଜାରି ରହିଛି।

ଅଭିଯୋଗ ମୁତାବକ, ବୁଧବାର ରାତିରେ କାଠିଆ ତାଙ୍କ ଶାଗ ବିଲ ଜଗିବାକୁ ଯାଇଥିଲେ। ଏହିସମୟରେ ବାମଦେଇପୁର ଗ୍ରାମର ୫/୬ଜଣ ଯୁବକ ତାଙ୍କ ବିଲରୁ ଶାଗ ଚୋରି କରୁଥିଲେ। ସେ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଶାଗଚାଷୀଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ପହଞ୍ଚି କାଠିଆଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ଶାଗଚାଷୀଙ୍କ ବିରୋଧରେ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଉଭୟ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ପାଟ୍ରୋଲିଂ ଭ୍ୟାନ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ଉଭୟ ପକ୍ଷଙ୍କୁ ପଚରାଉଚରା ଚଳାଇଛି।

# ପ୍ରାଣୀଧନ ଚିକିତ୍ସା ଶିବିର




ଶିବିରରେ ଗୋ ଚାଷୀଙ୍କୁ ଔଷଧ ପ୍ରଦାନ କରାଯାଉଛି।

ଛତିଆ,୨୬।୧୦(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅଧୀନ ପାରିଆ ପଞ୍ଚାୟତର ବିଶାଳିଠାରେ ଓସିଏଲ୍ ଡାଲମିଆ ସିମେଣ୍ଟ ପକ୍ଷରୁ ଏକ ପ୍ରାଣୀଧନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସାହୁ ଓ ମମତା ଭୂୟାଁ ଯୋଗ ଦେଇଥିଲେ। ଚିକିତ୍ସକ ସନ୍ତୋଷ କୁମାର ସେଠୀ, ସାଗର ରଞ୍ଜନ ନାୟକ ଓ ଶ୍ରୀଧର ଧଳ ପ୍ରମୁଖ ଉପସ୍ଥିତ ରହି ୩୦୦ରୁ ଊର୍ଦ୍ଧ୍ୱ ଗୋରୁ, ମେଣ୍ଢା, ଛେଳି ଓ ମଇଁଷିଙ୍କ ଚିକିତ୍ସା କରି ଔଷଧ ବିତରଣ କରିଥିଲେ। ପ୍ରାଣୀଙ୍କୁ କିପରି ବିଭିନ୍ନ ରୋଗଠାରୁ ଦୂରେଇ ରଖାଯାଇ ପାରିବ, ସେ ସମ୍ପର୍କରେ ଚିକିତ୍ସକମାନେ ଲୋକଙ୍କୁ ବୁଝାଇ କହିଥିଲେ।

# ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ସାମିଲ ଦାବି

**ପ୍ରସ୍ତାବିତ ଯାଜପୁରରୋଡ୍-ଧାମରା ରେଳପଥ**

ଯାଜପୁର,୨୬।୧୦(ହର୍ଷବର୍ଦ୍ଧନ ବେହେରା):

ଯାଜପୁରରୋଡ-ଧାମରା ରେଳପଥର ଚୂଡ଼ାନ୍ତ ସର୍ଭେ (ଏଫ୍ଏଲ୍ଏସ୍) ଶେଷ କରି ଏହାର ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର)ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରାଯାଇଛି। ଏହିମର୍ମରେ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟକୁ ଏକ ପତ୍ର ପଠାଇଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି, ରେଳପଥ, ରାଜପଥ, ଜଳପଥ ପରିବହନ, ବନ୍ଦର, ବିମାନ ବନ୍ଦର, ଗଣ ପରିବହନ, ଟେଲି ଯୋଗାଯୋଗ, ବିଦ୍ୟୁତ୍ ଶକ୍ତି, ପେଟ୍ରୋଲିୟମ ତୈଳ ଓ ଗ୍ୟାସ ସମେତ ଅନ୍ୟ ଭିତ୍ତିଭୂମି ସହ ସଂପୃକ୍ତ ୧୬ଟି ମନ୍ତ୍ରଣାଳୟର ସମନ୍ୱୟରେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା କାର୍ଯ୍ୟକାରୀ କରାଯାଉଛି। ତେଣୁ ଯାଜପୁରରୋଡ-ଧାମରା ରେଳପଥ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ୨୦୨୩-୨୪ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉ। ଏହାସହ ବନ୍ଦର ସଂଯୋଗୀକରଣ ନିମନ୍ତେ ଉଦ୍ଦିଷ୍ଟ ୫୭କୋଟି ଟଙ୍କାକୁ ବ୍ୟବହାର ଏବଂ ୨୦୨୪-୨୫ ବଜେଟରେ ଏହି ପ୍ରକଳ୍ପ ପାଇଁ ଅନ୍ୟୁନ୍ୟ ୫୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଉ ବୋଲି ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି।

DSPL-309

ଭାରତ ନିର୍ବାଚନ ଆୟୋଗ
ELECTION COMMISSION OF INDIA

ପ୍ରତିଟି ଭୋଟ୍ ମୂଲ୍ୟବାନ

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ - ୨୦୨୪

(ତାରିଖ ୨୭ ଅକ୍ଟୋବର ୨୦୨୩ ରୁ ୯ ଡିସେମ୍ବର ୨୦୨୩)

ଆବେଦନ କରନ୍ତୁ

ଫର୍ମ -୬ ପଞ୍ଜିକରଣ / ନାମ ଯୋଗ ପାଇଁ
ଫର୍ମ -୭ ତାଲିକାରେ ଥିବା ନାମ କାଟିବା/ ବାଦ୍ ପାଇଁ
ଫର୍ମ -୮ ନାମ/ତଥ୍ୟ/ଫଟୋ/ଠିକଣା ସଂଶୋଧନ ପାଇଁ

ସ୍ୱତନ୍ତ୍ର ପ୍ରଚାର ଦିବସ

ନଭେମ୍ବର ୦୫,୧୧,୧୯ ଓ ୨୫ ତାରିଖ
ଏହି ଦିନ ଆପଣଙ୍କର ବୁଥ୍-ସ୍ତରୀୟ ଅଧିକାରୀ ନିକଟସ୍ଥ ବୁଥ୍‌ରେ ଉପସ୍ଥିତ ରହି ଆବେଦନ ସବୁ ଗ୍ରହଣ କରିବେ।




ଭୋଟ୍ ଦେବା, ଗଣତନ୍ତ୍ରକୁ ସୁଦୃଢ଼ କରିବା

OIPR-12113/13/0004/2324

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

voters.eci.gov.in ceoodisha.nic.in 1950

# ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ୧ନଂ.ପାହ୍ୟାକୁ ରୂପାନ୍ତର ହେବ

## ୨୨ ହଜାର ଚାଷୀଙ୍କୁ ପଟ୍ଟା ହସ୍ତାନ୍ତରକରଣ ହେବ

ଜଗତ୍‌ସିଂହପୁର, ୨୬।୧୦
(ପ୍ରମୋଦ କୁମାର ନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଜଗତ୍‌ସିଂହପୁର ଜିଲ୍ଲାକୁ ପୁଣି ୯୯ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି । ଜିଲ୍ଲାର ୮ଟି ବ୍ଲକ ଅନ୍ତର୍ଗତ ୧୯୮ ପଞ୍ଚାୟତରେ ଏହି ରାଶି ବିନିଯୋଗ ହେବ । ଜିଲ୍ଲାରେ ଜଗନ୍ନାଥ ସଂସ୍କୃତି ଓ ମନ୍ଦିର ସଂରକ୍ଷଣ, ଶିକ୍ଷା, ଡିଜିଟାଲ ସଂଯୋଗୀକରଣ, ଗ୍ରାମଗୁଡ଼ିକର ଗମନାଗମନ ଓ ପରିବହନରେ ଉନ୍ନତି, ବ୍ୟାଙ୍କ ସେବା, ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତକରଣ, ନାରୀ, କ୍ରୀଡ଼ା, ଯୁବ ଏବଂ କୃଷକ ସଶକ୍ତୀକରଣ ଭଳି ନୂତନ ପ୍ରକଳ୍ପରେ ଏହି ରାଶି ବିନିଯୋଗ ହେଲେ ବିକାଶ ଆଗେଇବ ବୋଲି ମୁଖ୍ୟମନ୍ତ୍ରୀ କହି ଖୁସିବ୍ୟକ୍ତ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଖୁବଶୀଘ୍ର ୧ନଂ. ପାହ୍ୟାକୁ ରୂପାନ୍ତର କରାଯିବ। ଏଥିସହ ୨୨ ହଜାର ଚାଷୀଙ୍କୁ ଜମିର ପଟ୍ଟା ହସ୍ତାନ୍ତରକରଣ କରାଯିବ। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତ୍‌ସିଂହପୁର ଜିଲ୍ଲାରେ ଆମ ଓଡ଼ିଶା, ନବୀନ ଓଡ଼ିଶା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି । ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଜଗତ୍‌ସିଂହପୁରର ୪୬ଟି ପଞ୍ଚାୟତରେ ୨୩ କୋଟି ଟଙ୍କା ବିନିମୟରେ ୬୮୬ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ । ସେହିପରି ତିର୍ତ୍ତୋଲର ୬୯ଟି ପଞ୍ଚାୟତର ୧୦୫୨ ପ୍ରକଳ୍ପ ପାଇଁ ୩୪.୫ କୋଟି, ବାଲିକୁଦା-ଏରସମାର ୫୫ଟି ପଞ୍ଚାୟତର ୭୭୮ ପ୍ରକଳ୍ପ ପାଇଁ ୨୭.୫ କୋଟି ଏବଂ ପାରାଦୀପର ୨୮ଟି ଗ୍ରାମ ପଞ୍ଚାୟତର ୪୦୬ ପ୍ରକଳ୍ପ ପାଇଁ ୧୪ କୋଟି ଟଙ୍କା ବିନିଯୋଗ ହେବ । ଏହା ହେଲେ ଆମେ ସଶକ୍ତ ଗ୍ରାମର ପ୍ରତିଛବି ଦେଖିପାରିବା ବୋଲି ସେ ମତବ୍ୟକ୍ତ କରିଥିଲେ। ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ କହିଥିଲେ, ସେ ଯେତେବେଳେ ଜିଲ୍ଲା ଗସ୍ତ କରିଥିଲେ ସେତେବେଳେ ଲୋକଙ୍କ ସହ ସାକ୍ଷାତ ଆଲୋଚନା ହୋଇଥିଲା । ଅନେକ ଲୋକଙ୍କ ଦାବି ଥିଲେ ସୁଦ୍ଧା ମୁଖ୍ୟତଃ ସରକାରୀ ଡାକ୍ତରଖାନା ଓ ଚାଷ ଜମିର ପଟ୍ଟା କଥା ଗୁରୁତ୍ୱ ବହନ କରିଥିଲା । ତେଣୁ ଏହାକୁ ଗୁରୁତ୍ୱ ଦିଆଯିବା ସହ ଜିଲ୍ଲାର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ବାଲିକୁଦା-ଏରସମାରେ ହାଇଲେବଲ ପୋଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦ୍ୱାରା ସିବିଏସ୍‌ଇ ପାଠ୍ୟକ୍ରମ, ୧୦୦ ଶଯ୍ୟାବିଶିଷ୍ଟ ମାତୃ ଓ ଶିଶୁ ୱାର୍ଡ, ମା'ଶାରଳା ମନ୍ଦିରର ୪୪.୫୦ କୋଟିର ବ୍ୟୟ ଅଟକଳ ରୂପାନ୍ତକରଣ, ମେଗା ଜଳ ପ୍ରକଳ୍ପ, ୧୨୫ ଲକ୍ଷ ବ୍ୟୟ ଅଟକଳରେ ଶ୍ୱେତା ଉନ୍ନତ ଦୁଗ୍ଧ ଚାଷ, ବୟନ ଗ୍ରାମ ଜୟପୁରର ଉନ୍ନୟନ ପାଇଁ ୨ କୋଟିର ପ୍ରକଳ୍ପ, ଜଗତ୍‌ସିଂହପୁର ଇନ୍‌ଡୋର ଷ୍ଟାଡିୟମ, ପାରାଦୀପର ସମ୍ଭାବୀ ଟେରାକୋଟା କ୍ଲଷ୍ଟର, ଟାଇଡାଲ ଟ୍ରେଡ଼ିଂ, ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ୫-ଟି ରୂପାନ୍ତକରଣ, ଶିଆଳି ବିଚ୍, ଗୋରେଖନାଥ ମନ୍ଦିର, କୁଞ୍ଜବିହାରୀ ମନ୍ଦିର ଆଦିର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି । ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଉନ୍ନତି ପାଇଁ ୧.୨୫ କୋଟି, ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଦିକବି ସାରଳା ମହାବିଦ୍ୟାଳୟ, ଅଳକା ମହାବିଦ୍ୟାଳୟ, ଗାଦିବ୍ରହ୍ମ ସରକାରୀ ମହାବିଦ୍ୟାଳୟ ଆଦିର ଉନ୍ନତୀକରଣ ପାଇଁ ୧. ୫୦ କୋଟି ଲେଖାଏଁ ସହାୟତା ରାଶି ମଞ୍ଜୁର ହୋଇଛି ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ। ଷ୍ଟାଡିୟମରେ ଅନୁଷ୍ଠିତ ଉତ୍ସବରେ ଜଗତ୍‌ସିଂହପୁରରୁ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ନାଉଗାଁରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଏରସମାରେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ବିରିଡ଼ିରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ବାଲିକୁଦାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ରଘୁନାଥପୁରରୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ତିର୍ତ୍ତୋଲରେ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ ଏବଂ ମନୋଜ କୁମାର ବେହେରା, କୁଜଙ୍ଗରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଯୋଡି ହୋଇ ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ଶେଷରେ ଜିଲ୍ଲାପାଳ ପାରୁଲ ପଟାୱରୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତୃମଣ୍ଡଳୀ, କର୍ମୀ ଓ ଅନ୍ୟମାନେ।

# କାମ, କ୍ରୋଧ ଦାହ କରିବା ରାବଣପୋଡ଼ି ଉତ୍ସବର ତାତ୍ପର୍ଯ୍ୟ



ଏରସମା,୨୬।୧୦(ଦୀପ୍ତି ରଞ୍ଜନ ଖଣ୍ଡୁଆଳ): ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ଯୁବ ପରିଷଦ ସମ୍ମୁଖରେ ଶାରଦୀୟ ଦୁର୍ଗାପୂଜା ଅବସରରେ ରାବଣ ପୋଡ଼ି ଉତ୍ସବ ବୁଧବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ସାର୍ବଜନୀନ ଦୁର୍ଗା କମିଟି ସଭାପତି ଦୀପ୍ତି ରଞ୍ଜନ କୁଅଁର ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ରାବଣ ବ୍ରାହ୍ମଣ, ତାକୁ ପୋଡ଼ା ଯାଏ ନାହିଁ। ପ୍ରକୃତରେ ମନୁଷ୍ୟ ମଧ୍ୟରେ ଥିବା କାମ, କ୍ରୋଧ, ଲୋଭ ଭଳି ଷଡ଼ରିପୁକୁ ଦାହ କରିବା ଏହି ଦିବସର ତାତ୍ପର୍ଯ୍ୟ। ଏଥିରେ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଏହା ଏକ ଭାଇଚାରାର ପର୍ବ। ଏଥିରେ ସମସ୍ତ ଶତ୍ରୁତାକୁ ଭୁଲି ଏକତ୍ର ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର କୁମାର ପରିଜା, ଜେଏସ୍‌ଡବ୍ଲ୍ୟୁର ଅଧିକାରୀ ଧନଞ୍ଜୟ ସିହ୍ନା, ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗଛାୟତ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ଦୁର୍ଗା ପୂଜାର କର୍ତ୍ତା ଦେବେନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ଲୋକନାଥ ମହାନ୍ତି ଅତିଥି ପରିଚୟ, ବିଜେଡି ଏରସମା ବ୍ଲକ ଉପସଭାପତି ବିଜୟ ପାଳ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ । ପରେ ବାଣ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

# କୁମାର ଉତ୍ସବ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ ରଖିଛି

## ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ତିର୍ତ୍ତୋଲ, ୨୬।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ): ତିର୍ତ୍ତୋଲ ବ୍ଲକର ପୁରାତନ ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତିର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସଭା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମିତିର ସଭାପତି ବିମଳକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଗ୍ରାମାଞ୍ଚଳରେ କୁମାର ଉତ୍ସବ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ କରି ରଖିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଜଗତ୍‌ସିଂହପୁର ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା, ଜିଲ୍ଲାପରିଷଦ ସଭ୍ୟ ପୀତବାସ ଗୋଚ୍ଛାୟତ, ବିଜେଡି ଜିଲ୍ଲା ସମ୍ପାଦକ ବସନ୍ତ କୁମାର ମହାପାତ୍ର, ସିନେ ଅଭିନେତା ଚନ୍ଦନ କୁମାର କର, ବିଭୂତି ଭୂଷଣ ବିଶ୍ୱାଳ,ରାକେଶ ମହାପାତ୍ର ଓ ସୁଖେନ୍ଦୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଅଧ୍ୟାପକ ନରେଶ ମହାପାତ୍ର ଅତିଥି ପରିଚୟପତ୍ର ପ୍ରଦାନ କରିଥିଲେ।

# ୫ ଦଫା ଦାବିରେ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ବିକ୍ଷୋଭ

## ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ନାଉଗାଁ,୨୬।୧୦(ସୁଧା ବେହୁରା): କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ସହ ବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଗୁରୁବାର ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ପ୍ରଦାନ କରାଯାଇଛି। ଏସବୁ ଦାବି ମଧ୍ୟରେ ପାଚିକା, ସହାୟିକାଙ୍କୁ ନିୟମିତ କର୍ମଚାରୀର ମାନ୍ୟତା ଓ ସର୍ବନିମ୍ନ ମଜୁରି ପ୍ରଦାନ ଅନ୍ତର୍ଭୁକ୍ତ। ସେହିପରି ଅଙ୍ଗେଶ୍ୱରପଡ଼ା, ମାରେଡା, ଗାରୋଇ ଆଦି ଅଧିକ ଉପସ୍ଥାନ ଥିବା ବିଦ୍ୟାଳୟରେ ଅବିଳମ୍ବେ ପାଚିକା ସହାୟିକାଙ୍କୁ ନିଯୁକ୍ତି ପ୍ରଦାନ, ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ହୋଇଥିବା ବିଦ୍ୟାଳୟରେ ଛଟେଇ ହୋଇଥିବା ପାଚିକା ସହାୟିକାଙ୍କୁ ପୁନଃ ନିଯୁକ୍ତି, ମାସର ପ୍ରଥମ ସପ୍ତାହରେ ନିୟମିତ ପାରିଶ୍ରମିକ ପ୍ରଦାନ, ବକେୟା ଥିବା ୨୮ ମାସର ପାରିଶ୍ରମିକ ଶୀଘ୍ର ପ୍ରଦାନ କରିବା ଆଦି ଦାବି କରାଯାଇଛି। ଜିଲ୍ଲା ସଭାପତି ପ୍ରଦୀପ୍ତ ରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟ ସମ୍ପାଦକ ରାଜକିଶୋର ମଲିକ, ଜିଲ୍ଲା ସଙ୍ଗଠକ ସୁବାସ ସ୍ୱାଇଁ, ବ୍ଲକ କମିଟି ସଭାପତି ସାବିତ୍ରୀ ମହାପାତ୍ର, କବିତା ସେଠୀ, ଉଷାରାଣୀ ବାଲ, କାମିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

DSPL-309

ଭାରତ ନିର୍ବାଚନ ଆୟୋଗ ELECTION COMMISSION OF INDIA

ପ୍ରତିଟି ଭୋଟ୍ ମୂଲ୍ୟବାନ

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ - ୨୦୨୪

(ତାରିଖ ୨୭ ଅକ୍ଟୋବର ୨୦୨୩ ରୁ ୯ ଡିସେମ୍ବର ୨୦୨୩)

ଆବେଦନ କରନ୍ତୁ

ଫର୍ମ -୬ ପଞ୍ଜିକରଣ / ନାମ ଯୋଗ ପାଇଁ

ଫର୍ମ -୭ ତାଲିକାରେ ଥିବା ନାମ କାଟିବା/ ବାଦ୍ ପାଇଁ

ଫର୍ମ -୮ ନାମ/ତଥ୍ୟ/ଫଟୋ/ଠିକଣା ସଂଶୋଧନ ପାଇଁ

ସ୍ୱତନ୍ତ୍ର ପ୍ରଚାର ଦିବସ

ନଭେମ୍ବର ୦୫,୧୧,୧୯ ଓ ୨୫ ତାରିଖ

ଏହି ଦିନ ଆପଣଙ୍କର ବୁଥ୍-ସ୍ତରୀୟ ଅଧିକାରୀ ନିକଟସ୍ଥ ବୁଥ୍‌ରେ ଉପସ୍ଥିତ ରହି ଆବେଦନ ସବୁ ଗ୍ରହଣ କରିବେ ।



OIPR-12113/13/0004/2324

ଭୋଟ୍ ଦେବା, ଗଣତନ୍ତ୍ରକୁ ସୁଦୃଢ଼ କରିବା

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

voters.eci.gov.in ceoodisha.nic.in 1950

# ସୈନିକ କଲ୍ୟାଣ, ଅଗ୍ନିବୀର ଭର୍ତ୍ତି, ସାମାଜିକ ସେବାକୁ ଗୁରୁତ୍ୱ

## ରାଜ୍ୟ ପୂର୍ବତନ ସୈନିକ ସଂଘ ସଭାପତିଙ୍କ ଓଡ଼ଗାଁ ଗସ୍ତ

ଓଡଗାଁ,୨୬।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ରାଜ୍ୟ ପୂର୍ବତନ ସୈନିକ ସଂଘ ସଭାପତି ବ୍ରିଗେଡ଼ିଆର ଅନ୍ତର୍ଯ୍ୟାମୀ ପ୍ରଧାନ ସୋମବାର ଓଡଗାଁ ଗସ୍ତରେ ଆସି ଶ୍ରୀରଘୁନାଥ ଜୀଉଙ୍କୁ ପୂଜାର୍ଚ୍ଚନା କରିବା ସହ ପୂର୍ବତନ ସୈନିକ ଓ ପରିବାରଙ୍କୁ ଭେଟିଛନ୍ତି। ବ୍ରିଗେଡ଼ିଆର ପ୍ରଧାନ ଓଡ଼ଗାଁରେ ପହଞ୍ଚିବା ପରେ ମନ୍ଦିର ସାମ୍ନାରେ ଓଡ଼ଗାଁ ଆଞ୍ଚଳିକ ପୂର୍ବତନ ସୈନିକ ସଂଘ (ପଞ୍ଜୀକୃତ ) (ରେସମା)ର କର୍ମକର୍ତ୍ତା ଓ ଉପସ୍ଥିତ ସଦସ୍ୟ ପ୍ରଧାନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମନ୍ଦିର ପୂଜପଣ୍ଡା ତଥା ରେସମା ସଭାପତି ସୁବେଦାର ବିଜୟ କୁମାର ଦାଶ ଶ୍ରୀଜୀଉଙ୍କ ଦର୍ଶନ କରାଇବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରେସମା ସମ୍ପାଦକ ଆଦର୍ଶ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସଭାପତି ବ୍ରିଗେଡ଼ିଆର ପ୍ରଧାନ ଉପସ୍ଥିତ ସମସ୍ତ ପୂର୍ବତନ ସୈନିକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ସୈନିକ କଲ୍ୟାଣ, ସୈନିକ ଭବନ ସୁବିଧା ଓ ଭେଟେରାନ ହସ୍ପିଟାଲ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷିତ ଯୁବତୀଯୁବକଙ୍କୁ ଅଗ୍ନିବୀରରେ ଭର୍ତ୍ତି ସହ ଦେଶ ରକ୍ଷା ଓ ସ୍ୱାବଲମ୍ବୀ ହେବାକୁ ଉତ୍ସାହିତ କରିବାକୁ କହିଥିଲେ। ଏହାସହ ଆର୍ମି, ସିଭିଲ ଓ ସାମାଜିକ ଅନୁଶାସନ ପାଳନ ପୂର୍ବକ ନିଜକୁ କେତେକାଂଶରେ ସାମାଜିକ କାର୍ଯ୍ୟରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଭେଟେରାନ କୁବେର ବାରିକ, ବିଭୂପ୍ରସାଦ ସାହୁ, ନାରାୟଣ ସାହୁ, ସତ୍ୟ ନାରାୟଣ ସାହୁ, ମହେନ୍ଦ୍ର କୁମାର ଭୂୟାଁ, ବନମାଳୀ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଜିତେନ୍ଦ୍ର କୁମାର ମିଶ୍ର ରାଜ୍ୟ ସଭାପତିଙ୍କୁ ମନ୍ଦିର ଐତିହ୍ୟ ପୁସ୍ତକ ସହ ଉପଢୌକନ ପ୍ରଦାନ କରିଥିଲେ।


ଶ୍ରୀରଘୁନାଥ ଜୀଉ ମନ୍ଦିରରେ ରାଜ୍ୟ ପୂର୍ବତନ ସୈନିକ ସଂଘର ସଭାପତି।

# ନୟାଗଡ଼ର ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକ

ନୟାଗଡ଼,୨୬।୧୦
(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ଇଟାମାଟି ବଂଶୀଧର ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ରାଜନେତା, ସାହିତ୍ୟିକ, ଶିକ୍ଷାବିତ ତଥା ନୟାଗଡ଼ର ପୂର୍ବତନ ବିଧାୟକ ବଂଶୀଧର ସାହୁଙ୍କ ୫ମ ଶ୍ରାଦ୍ଧ ବାର୍ଷିକ ଅନୁବଂଶୀଧର ଇଣ୍ଟର ନ୍ୟାଶନାଲ ଫାଉଣ୍ଡେଶନ ଫର ପିସ ଆଣ୍ଡ ଡେଭଲପମେଣ୍ଟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଂଶୀଧର ସ୍ମୃତି କମିଟି ସଭାପତି ଡ଼. ରଙ୍ଗନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ପିସିସି ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ମୁଖ୍ୟ ବକ୍ତା ଭାବେ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସମ୍ମାନିତ ଅତିଥି ଭାବେ ପିସିସି ସଭ୍ୟ ଡ. ଶମ୍ଭୁ ପାଣିଗ୍ରାହୀ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ସାହୁ, ବେଣୁଧର ନାୟକ ଏବଂ ବଂଶୀଧର ମହାବିଦ୍ୟାଳୟ ଅଧ୍ୟକ୍ଷ ହରପ୍ରସାଦ ରଣସିଂହ ଯୋଗଦେଇ ବଂଶୀଧରଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟବକ୍ତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଥିଲେ, ବଂଶୀବାବୁ ଜଣେ ସର୍ବଗୁଣ ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ। ମୁଖ୍ୟ ଅତିଥି କାନୁନ୍‌ଗୋ ବକ୍ତବ୍ୟରେ କହିଥିଲେ, ବଂଶୀବାବୁ ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ନୟାଗଡ଼ ଉନ୍ନତି ପାଇଁ ଚେଷ୍ଟା କରୁଥିଲେ। ସେ ଜଣେ ସାରସ୍ୱତ ସାଧକ ଭାବେ ଓଡ଼ିଶାର ବାଣୀ ଭଣ୍ଡାରକୁ ଅନେକ ପୁସ୍ତକ ରଚନା କରି ଋଦ୍ଧିମନ୍ତ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ପସିସି ସମ୍ପାଦକ ହୁସେନ ଖାଁ, ବରିଷ୍ଠ ନେତା ବିଶ୍ୱନାଥ ବରାଡ଼, ନୟାଗଡ଼ ଜିଲା କଂଗ୍ରେସ ସମ୍ପାଦକ ବିଭୁତି ଜେନା, ଭାଜପା ନେତା ସନ୍ତୋଷ ପ୍ରଧାନ, ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ଦାସ, ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ଏହା ବ୍ୟତୀତ ନୟାଗଡ଼ ଜିଲା ଛାତ୍ର କଂଗ୍ରେସ ପୂର୍ବତନ ସଭାପତି ଅକ୍ଷୟ କୁମାର ମଲ୍ଲ, ବିନୋଦିନୀ ମହାନ୍ତି, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ନୟାଗଡ଼ ଜିଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ବିମଳ କୁମାର ଦାସ ଯୋଗ ଦେଇଥିଲେ। ବ୍ୟଙ୍ଗ କବି ରବୀନ୍ଦ୍ର ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା।

# ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନର ଶାରଦୀୟ କବିତା ଆସର


କବିତା ଆସରରେ ଉପସ୍ଥିତ ଅତିଥିମାନେ।

ଦଶପଲ୍ଲା ୨୬।୧୦
(ପ୍ରକାଶ କୁମାର ପାଣି)

ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ଦଶପଲ୍ଲା ପକ୍ଷରୁ ସ୍ଥାନୀୟ ଦୁର୍ଗା ବଜାରଠାରେ ଶାରଦୀୟ କବିତା ଆସର ପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୋଲକ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଆସରରେ ମୁଖ୍ୟ ଅତିଥି ରୂପେ ଅଧ୍ୟାପକ ହରିହର ପଣ୍ଡା, ମୁଖ୍ୟ ବକ୍ତା ଭାବେ ଯୁବ ଶିକ୍ଷାବିତ୍ ମାନସ ରଞ୍ଜନ ବେହେରା, ସମ୍ମାନୀତ ଅତିଥି ରୂପେ ସାହିତ୍ୟିକ ନାରାୟଣ ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣବନ୍ଧୁ ବେହେରା ଯୋଗ ଦେଇଥିଲେ। ଏହି ସାରସ୍ୱତ କବିତା ଆସରରେ ଭାଗତ ପ୍ରେମୀ ପ୍ରାଣବନ୍ଧୁ ବେହେରା, ମୁରଲିଧର ମହାରଣା, ମହେଶ୍ୱର ବେହେରା, ସନ୍ତୋଷ କୁମାର ସାହୁ, ପ୍ରଫୁଲ୍ଲ କୁମାର ଦାଶ, ଅନ୍ତର୍ଯ୍ୟାମୀ ଭୂୟାଁ, ଅରୁଣ ଡାକୁଆ, ରବୀନ୍ଦ୍ର ସେଠୀ, ପ୍ରମୋଦ ପ୍ରଧାନ ଆଡଭୋକେଟ ଶରତ ବେହେରା, ବନମାଳୀ ପ୍ରଧାନ, ପ୍ରଫୁଲ୍ଲ କୁମାର ମିଶ୍ର, କଳ୍ପନା ଗଜେନ୍ଦ୍ର, ସୁରେନ୍ଦ୍ର ମିଶ୍ର, କିଶୋର ଦଳବେହେରା, ରବୀନ୍ଦ୍ରନାଥ ମିଶ୍ର, ପ୍ରକାଶ କୁମାର ସାହୁ, ରାଜେନ୍ଦ୍ର ସାହୁ, ପଞ୍ଚାନନ ବେହେରାଙ୍କ ସମେତ ବହୁ କବି ଯୋଗ ଦେଇ କବିତା ପାଠ କରିଥିଲେ। ଅତିଥି ପରିଚୟ ଏବଂ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ ଯୁବ କବି ରତ୍ନାକର ହୋତା। ଶେଷରେ ଅନୁଷ୍ଠାନର ସମ୍ପାଦକ ପ୍ରକାଶ କୁମାର ପାଣି ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ବାଲୁଗାଁ ବିଜୟୀ

ଖଣ୍ଡପଡା,୨୬।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ କଣ୍ଟିଲୋ ପଲଟନ ପଡିଆରେ ଆରମ୍ଭ ହୋଇଥିବା ୧୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ହେଉଛି ୪ର୍ଥ ଦିବସ। ପ୍ରଥମ ସେମିଫାଇନାଲ ମ୍ୟାଚରେ ଏସ୍‌ଏନ ୱାଇ ବାଲୁଗାଁ (ଖୋର୍ଦ୍ଧା) ଫୁଟବଲ ଆସୋସିଏଶନ ୩-୦ ଗୋଲରେ ଖୁଣ୍ଟୁକଟା କ୍ରୀଡା ପରିଷଦ ଆଠଗଡ଼କୁ ହରାଇ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ବାଲୁଗାଁ ଦଳ ପ୍ରଥମ ହାପରେ ୨ଟି ଓ ଦ୍ୱିତୀୟ ହାଫରେ ଗୋଟିଏ ଗୋଲ ସ୍କୋର କରିଥିଲା। ପରବର୍ତ୍ତୀ ସମୟରେ ଖୁଣ୍ଟୁକଟା ଦଳ କୌଣସି ଗୋଲ କରି ପାରି ନ ଥିଲା। ପ୍ରସନ୍ନ କୁମାର ନାୟକ, ସୁବାସ ଚନ୍ଦ୍ର ବେହେରା, ଶତ୍ରୁଘ୍ନ ବେହେରା ଓ ନିଗମାନନ୍ଦ ବେହେରା ଖେଳକୁ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ପ୍ରଭାତ କୁମାର ବେହେରା ଅତିଥି ଭାବେ ଯୋଗଦେଇଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଖଣ୍ଡପଡ଼ା ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଖଣ୍ଡପଡା,୨୬।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ବିଭିନ୍ନ ବିଭାଗର ଅଭିଜ୍ଞ ଓ ବରିଷ୍ଠ ଡାକ୍ତର ବି ସୂର୍ଯ୍ୟା ରାଓ, ଡା. ବୈଦ୍ୟନାଥ ନନ୍ଦ, ଡା. ଲୋଚନ କୁମାର କାଟ, ଡା. ପିପି ସାହୁ, ଡା. ସିଦ୍ଧାର୍ଥ ଦାଶ, ଡା. ପି ନାୟକ ଓ ଡା. ନିଷ୍ଠା ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏବିଡିଓ ସୁବାସ ଚନ୍ଦ୍ର ସେଠୀ, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଓ ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର ପ୍ରମୁଖ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡା ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ଓ ଏନଏସି ଅଞ୍ଚଳରୁ ସମୁଦାୟ ୨୬୬ ଜଣ ବ୍ୟକ୍ତି ଶିବିରରେ ଉପସ୍ଥିତ ରହି ନାମ ପଞ୍ଜୀକରଣ କରିବା ପରେ ଡ଼ାକ୍ତରମାନଙ୍କଠାରୁ ଆବଶ୍ୟକ ପରାମର୍ଶ ଗ୍ରହଣ କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଦୃଷ୍ଟିଶକ୍ତି ବାଧିତ ୨୪ଜଣ, ମାନସିକ ଅନଗ୍ରସର ୩୫ ଜଣ, ଚଳଣ ବାଧିତ ଶ୍ରେଣୀର(ଅସ୍ଥିଶଲ୍ୟ ବିଭାଗ) ୧୨୨ ଜଣ, ଶ୍ରବଣ ଶକ୍ତି ବାଧିତ ଶ୍ରେଣୀର ୭୨ଜଣ ଓ ଅନ୍ୟ ୧୩ଜଣଙ୍କୁ ଚିହ୍ନଟ କରାଯାଇ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିବା ବ୍ଲକ ସୁରକ୍ଷା ଅଧିକାରିଣୀ ଜାସେଶ୍ୱରୀ ସ୍ୱାଇଁଙ୍କଠାରୁ ପ୍ରକାଶ। ଶିବିର ପରିଚାଳନାରେ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।


ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଉଛି।

DSPL-309
ପ୍ରତିଟି ଭୋଟ୍ ମୂଲ୍ୟବାନ
ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ - ୨୦୨୪
(ତାରିଖ ୨୭ ଅକ୍ଟୋବର ୨୦୨୩ ରୁ ୯ ଡିସେମ୍ବର ୨୦୨୩)
ଆବେଦନ କରନ୍ତୁ
ଫର୍ମ -୬ ପଞ୍ଜିକରଣ / ନାମ ଯୋଗ ପାଇଁ
ଫର୍ମ -୭ ତାଲିକାରେ ଥିବା ନାମ କାଟିବା/ ବାଦ୍ ପାଇଁ
ଫର୍ମ -୮ ନାମ/ତଥ୍ୟ/ଫଟୋ/ଠିକଣା ସଂଶୋଧନ ପାଇଁ
ସ୍ୱତନ୍ତ୍ର ପ୍ରଚାର ଦିବସ
ନଭେମ୍ବର ୦୫,୧୧,୧୯ ଓ ୨୫ ତାରିଖ
ଏହି ଦିନ ଆପଣଙ୍କର ବୁଥ୍-ସ୍ତରୀୟ ଅଧିକାରୀ ନିକଟସ୍ଥ ବୁଥ୍‌ରେ ଉପସ୍ଥିତ ରହି ଆବେଦନ ସବୁ ଗ୍ରହଣ କରିବେ।

ଭୋଟ୍ ଦେବା, ଗଣତନ୍ତ୍ରକୁ ସୁଦୃଢ କରିବା
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
voters.eci.gov.in ceoodisha.nic.in 1950
OIPR-12113/13/0004/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୭ ଅକ୍ଟୋବର, ୨୦୨୩



ଲୋକଙ୍କୁ ଶେୟାର ମାର୍କେଟରେ ନିବେଶ ଶିଖାଇବା ନାମରେ ବିଭ୍ରାନ୍ତ କରୁଥିବା ଅନେକ ଫିନ୍‌ଫ୍ଲୁଏନ୍‌ସର ସାମାଜିକ ଗଣମାଧ୍ୟମରେ ସକ୍ରିୟ ଅଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ବାପ୍ ଅଫ୍ ଚାର୍ଟ (ବିଓସି) ପ୍ରୋପାଇଟର ମହମ୍ମଦ ନାସିରୁଦ୍ଦିନ ଅନ୍ସାରୀ, ଯାହାଙ୍କୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ପୁଞ୍ଜି ବଜାରରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଛି। ନିବେଶକମାନଙ୍କଠାରୁ ନେଇଥିବା ୧୭.୨ କୋଟି ଟଙ୍କା ଫେରସ୍ତ କରିବା ପାଇଁ ମାର୍କେଟ ରେଗୁଲେଟର ତାଙ୍କୁ ନିର୍ଦ୍ଦେଶ ଦେଇଛି।



# ପୁଞ୍ଜି ବଜାରରେ ଗ୍ରହଣ

## ▸▸ ୬ ଦିନରେ ୩,୨୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ ▸▸ ନିବେଶକଙ୍କ କ୍ଷତି ୧୮ ଲକ୍ଷ କୋଟି ଟଙ୍କା

**ମୁଦ୍ରାସ୍ଫୀତି ସାଙ୍ଗକୁ ସୁଧହାର ବୃଦ୍ଧି ଓ ମାନ୍ଦାବସ୍ଥା ଭୟ। ରୁଷିଆର ୟୁକ୍ରେନ୍ ଆକ୍ରମଣ ଚାଲିଥିବାବେଳେ ଇସ୍ରାଏଲ-ହମାସ୍ ଯୁଦ୍ଧ ଯୋଗୁ ଅନିଶ୍ଚିତତା। ପୁଞ୍ଜି ବଜାର ପାଇଁ ପ୍ରତିକୂଳ ସମଗ୍ର ବୈଶ୍ୱିକ ସଙ୍କେତ। ବିଶେଷକରି ଇସ୍ରାଏଲର ଗାଜା ବିରୋଧୀ ଲଢ଼େଇକୁ ଆମେରିକା ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ଏବଂ ହମାସ୍ ସପକ୍ଷରେ ଇରାନ ଓ ଇସ୍‌ଲାମୀୟ ଦେଶଗୁଡ଼ିକ ବାହାରିବା କୌଣସି ଦୃଷ୍ଟିରୁ ଶେୟାର ମାର୍କେଟ ପାଇଁ ଶୁଭ ସଙ୍କେତ ନୁହେଁ। ଏଭଳି ସମୟରେ ବିଏସ୍‌ଇ ତାଲିକାଭୁକ୍ତ ଷ୍ଟକ୍ସରେ ଗୁରୁବାର ନିବେଶକମାନେ ସାମଗ୍ରିକ ଭାବେ ୩ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଏହିପରି ଭାବେ ୬ ଟ୍ରେଡିଂ ଦିବସରେ ନିବେଶକଙ୍କୁ ମୋଟ ୧୮ ଲକ୍ଷ କୋଟିର କ୍ଷତି ସହିବାକୁ ପଡ଼ିଛି।**



- ❖ ସେନ୍‌ସେକ୍ସ: ୬୩,୧୪୮.୧୫ -୯୦୦.୯୧(୧.୪୧%)
- ❖ ନିଫ୍ଟି ୫୦: ୧୮,୮୫୭.୨୫ -୨୬୪.୯୦(୧.୩୯%)
- ❖ ବ୍ୟାଙ୍କ ନିଫ୍ଟି: ୪୨,୨୮୦.୧୫ - ୫୫୧.୮୫(୧.୨୯%)
- ❖ ଫିନ୍ ନିଫ୍ଟି: ୧୮,୯୨୨ -୩୦୧.୪୦(୧.୫୭%)
- ❖ ମିଡ୍‌କ୍ୟାପ୍ ନିଫ୍ଟି: ୮,୬୩୧.୪୫ -୧୫୫.୫୫(୧.୭%)

ମୁମ୍ବାଇ,୨୬।୧୦

ଭାରତୀୟ ଇକ୍ୱିଟି ମାର୍କେଟ ଗୁରୁବାର ଆହୁରି ଧରାଶାୟୀ ହୋଇଯାଇଛି। ବେଞ୍ଚମାର୍କ ଇଣ୍ଡେକ୍ସ ଏନ୍‌ଏସ୍‌ଇ ନିଫ୍ଟି ୫୦ ଏବଂ ବିଏସ୍‌ଇ ସେନ୍‌ସେକ୍ସ ପ୍ରାୟ ୧.୪% ଖସିଛି। ନିଫ୍ଟି ୫୦ ଦିନକରେ ୨୬୫ ପଏଣ୍ଟ ତଳକୁ ଖସି ୧୮,୮୫୭ରେ ସୀମିତ ରହିଥିବାବେଳେ ସେନ୍‌ସେକ୍ସ ୯୦୧ ପଏଣ୍ଟର ପତନ ଦେଖିଛି। ଗତ ୬ଟି ଟ୍ରେଡିଂ ସେସନ୍‌ରେ ନିଫ୍ଟି ୫୦ ମୋଟ ୯୩୪ ପଏଣ୍ଟ ଦୁର୍ବଳ ହୋଇଛି। ୫ ପ୍ରତିଶତର ଏହି ଉଲ୍ଲେଖନୀୟ ଦୁର୍ବଳତା ପାଇଁ ମଧ୍ୟପ୍ରାଚ୍ୟର ଉତ୍ତେଜନା ଏବଂ ବୈଶ୍ୱିକ ଅର୍ଥନୀତି ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦାୟୀ କରାଯାଉଛି। ଇସ୍ରାଏଲ-ହମାସ୍ ସଂଘର୍ଷ ସମେତ ଆହୁରି କେତେକ ଘଟଣାକ୍ରମ ଯୋଗୁ ବଜାରରେ ଜୋର୍‌ଦାର ସେଲିଂର ପର୍ବ ଚାଲିଥିବା କୁହାଯାଉଛି।

ଗ୍ଲୋବାଲ ମାର୍କେଟ୍‌ରେ ଅନିଶ୍ଚିତତା ହେତୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ଭାରତୀୟ ଇକ୍ୱିଟି ସେଲ୍ କରିବାରେ ଲାଗିଛନ୍ତି। ୟୁଏସ୍ ବଣ୍ଡ ଇଲ୍ଡ ଆମେରିକା ସରକାରଙ୍କ ଏକ ନିର୍ଭରଯୋଗ୍ୟ ନିବେଶ ପାଲଟିଛି। ଡଲାର ଇଣ୍ଡେକ୍ସ ସବଳ ହେବାରେ ଲାଗିଛି। ଏହି ସବୁ ଫ୍ୟାକ୍ଟର୍ସର ପରିଣାମ ମାର୍କେଟର ସେଣ୍ଟିମେଣ୍ଟକୁ ବିଗାଡ଼ିଦେଇଛି। ଲଗାତର ୬ ଦିନ ଧରି ସେଲିଂ ଲାଗିରହିବାରୁ ଇନ୍‌ଭେଷ୍ଟର୍ସ ବିଏସ୍‌ଇ ତାଲିକାଭୁକ୍ତ ଷ୍ଟକ୍ସରେ ୧୭.୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବିଏସ୍‌ଇରେ ଥିବା ସମସ୍ତ କମ୍ପାନୀର ମାର୍କେଟ କ୍ୟାପିଟାଲାଇଜେଶନ୍ ୩୨୩.୮ ଲକ୍ଷ କୋଟିରୁ ୩୦୬ ଲକ୍ଷ କୋଟି ଟଙ୍କାକୁ ଖସିଯାଇଛି। ଦିନକରେ ନିବେଶକମାନେ ପ୍ରାୟ ୩ ଲକ୍ଷ କୋଟି ହରାଇଦେଇଛନ୍ତି।

ୟୁଏସ୍ ଟ୍ରେଜେରି ଇଲ୍ଡ ପୁଣି ୫% ନିକଟତର ହୋଇଛି, ଯାହାକି ୧୭ ବର୍ଷରେ ସର୍ବାଧିକ। ଏଥିଯୋଗୁ କର୍ପୋରେଟ୍ ଆର୍ନିଂର ବ୍ୟସ୍ତବହୁଳ ସପ୍ତାହରେ ମଧ୍ୟ ବିଶ୍ୱର ଅନେକ ଶେୟାର ମାର୍କେଟ ଏତେ ତଳକୁ ଖସିଯାଇଛି, ଯାହାକି ଅନେକ ମାସ ଧରି ଦେଖିବାକୁ ମିଳି ନ ଥିଲା। ନିଫ୍ଟି ୫୦ ଗୁରୁବାର ୨୬୫ ପଏଣ୍ଟ ହରାଇ ୧୮,୮୫୭.୨୫ରେ ସୀମିତ ରହିଛି। ସେନ୍‌ସେକ୍ସ ୯୦୧ ପଏଣ୍ଟ ଖସି ୬୩,୧୪୮.୧୫ରେ ରହିଛି। ମିଡ୍ ଏବଂ ସ୍ମଲକ୍ୟାପ୍ସ ମଧ୍ୟ ବିପୁଳ କ୍ଷତି ସହିଛି। କିନ୍ତୁ ସେଗୁଡ଼ିକର କ୍ଷତିର ପରିମାଣ ସେତେ ଅଧିକ ନୁହେଁ। ବିଏସ୍‌ଇ ମିଡ୍‌କ୍ୟାପ ୧.୦୬% ଏବଂ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୦.୩୨% ନିମ୍ନଗାମୀ ହୋଇଛି। ୟୁପିଏଲ୍, ଆଦାନୀ ଟୋଟାଲ ଗ୍ୟାସ୍, ଆଦାନୀ ୱିଲ୍‌ମାର, ଇନ୍ଦ୍ରପ୍ରସ୍ଥ ଗ୍ୟାସ୍, ଗୁଜରାଟ ଗ୍ୟାସ୍ ଏବଂ ଅତୁଲ ଭଳି ଶତାଧିକ ଷ୍ଟକ୍ସ ବିଏସ୍‌ଇ ଇଣ୍ଟ୍ରାଡେ ଟ୍ରେଡ୍‌ରେ ୫୨ ସପ୍ତାହର ତଳସ୍ତରକୁ ଛୁଇଁଛି। ଇତିମଧ୍ୟରେ କ୍ରୁଡ୍ ଅଏଲ୍ ମୂଲ୍ୟ ପ୍ରାୟ ୧% ହ୍ରାସ ପାଇଛି। ୟୁଏସ୍ କ୍ରୁଡ୍ ଇନ୍‌ଭେଣ୍ଟୋରିଜ ଏବଂ ବୈଶ୍ୱିକ ଅର୍ଥନୀତି ଶଟ୍‌ଡାଉନ୍ ଯୋଗୁ ତୈଳ ଦରରେ ହ୍ରାସ ପରିଲକ୍ଷିତ ହୋଇଛି। ଭାରତୀୟ ବଜାର ବନ୍ଦ ହେବା ବେଳକୁ ଇଣ୍ଟରନ୍ୟାଶନାଲ ମାର୍କେଟରେ ବ୍ରେଣ୍ଟ ବ୍ୟାରେଲ ପିଛା ୮୯ ଆମେରିକୀୟ ଡଲାରରେ କାରବାର ଚାଲିଥିଲା। ସେହିପରି ଟଙ୍କା ୪ ପଇସା ଦୁର୍ବଳ ହୋଇ ଡଲାର ତୁଳନାରେ ୮୩.୨୩ ରହିଥିଲା।



ଉତ୍ତର ଗାଜାରେ ଇସ୍ରାଏଲ୍‌ର ଟ୍ୟାଙ୍କ୍ ପ୍ରବେଶ କରୁଛି।

# ବଡ଼ ଆକ୍ରମଣ ପାଇଁ ଇସ୍ରାଏଲ୍‌ର ପ୍ରସ୍ତୁତି

ରାଫାହ(ଗାଜା ଷ୍ଟ୍ରିପ୍),୨୬।୧୦

ଇସ୍ରାଏଲୀ ସୈନ୍ୟ ଓ ଟ୍ୟାଙ୍କ୍‌ଗୁଡ଼ିକର ଉତ୍ତର ଗାଜାରେ ପ୍ରବେଶ କରି ବୁଧବାର ରାତି ସାରା ହମାସ୍ ଆତଙ୍କବାଦୀମାନଙ୍କ ବିଭିନ୍ନ ଟାର୍ଗେଟ୍‌କୁ ଆକ୍ରମଣ କରିଥିଲେ। ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ଇସ୍ରାଏଲ୍ ଗାଜା ଉପରେ ଆକାଶ ମାର୍ଗରୁ ଆକ୍ରମଣ ଚଳାଇଥିବାବେଳେ ଏବେ ସ୍ଥଳଭାଗରେ ବଡ଼ ଆକ୍ରମଣ କରିବା ଯୋଜନାରେ ରହିଛି। ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ୍ କରି ଇସ୍ରାଏଲୀ ସୈନ୍ୟ ବଡ଼ ଆକ୍ରମଣ ଲାଗି ଯୁଦ୍ଧକ୍ଷେତ୍ର ପ୍ରସ୍ତୁତ କରୁଥିବା କୁହାଯାଉଛି। ଆକ୍ରମଣ ଯୋଗୁ ଗାଜା ଷ୍ଟ୍ରିପ୍‌ରେ ସହାୟତା ପହଞ୍ଚିପାରୁ ନାହିଁ। ସେଠାରେ ଇନ୍ଧନ ଶେଷ ହେବାକୁ ବସିଥିବା ନେଇ ଜାତିସଂଘ ପକ୍ଷରୁ ସତର୍କ କରାଯାଇଥିଲା। ଯୁଦ୍ଧରେ ୭,୦୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇସ୍ରାଏଲ୍ ସ୍ଥଳ ଭାଗରେ ଆକ୍ରମଣ କଲେ ମୃତାହତଙ୍କ ସଂଖ୍ୟା ବହୁତ ବଢ଼ିଯିବ।

ହମାସ୍ ଆତଙ୍କବାଦୀଙ୍କ ମୂଳପୋଛ ଲାଗି ଗାଜାରେ ସ୍ଥଳ ଯୁଦ୍ଧ ପାଇଁ ପ୍ରସ୍ତୁତି ସମ୍ପର୍କରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଘୋଷଣା କରିବାର କିଛି ଘଣ୍ଟା ପରେ ସେନା ଉତ୍ତର ଗାଜାରେ ପ୍ରବେଶ କରି ଆକ୍ରମଣ ଆରମ୍ଭ କରିଥିଲା। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ ଏହାକୁ 'ଟାର୍ଗେଟେଡ୍ ରେଡ୍'ବୋଲି କହିଛି। କେବଳ ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡା, ଭିତ୍ତିଭୂମି ଏବଂ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ଘାଟି ଉପରେ ଏହି ଆକ୍ରମଣ ହୋଇଛି।

### ୫୦ ପଣବନ୍ଦୀ ନିହତ ହେଲେଣି: ହମାସ୍

ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ଚଳାଇଥିବା ଏୟାର ଷ୍ଟ୍ରାଇକ୍‌ରେ ବର୍ତ୍ତମାନ ସୁଦ୍ଧା ୫୦ ଜଣ ଇସ୍ରାଏଲୀ ପଣବନ୍ଦୀ ନିହତ ହେଲେଣି। ହମାସ୍‌ର ସଶସ୍ତ୍ର ବାହିନୀ ଅଲ୍-କାସମ୍ ବ୍ରିଗେଡ୍ ପକ୍ଷରୁ ଏହି ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍‌ରେ ପ୍ରବେଶ କରି ଅତର୍କିତ ଆକ୍ରମଣ କରିବା ସହ ପ୍ରାୟ ୨୦୦ ଲୋକଙ୍କୁ ପଣବନ୍ଦୀ କରି ନେଇଯାଇଥିଲେ। ସେମାନଙ୍କୁ ଗାଜା ଷ୍ଟ୍ରିପ୍‌ର କେଉଁ ସ୍ଥାନରେ ରଖାଯାଇଛି ତାହା ଜଣାପଡ଼ି ନାହିଁ।

# ମହୁଆଙ୍କୁ ଏଥିକ୍ସ କମିଟି ସମନ

## ପ୍ରଶ୍ନ ପାଇଁ ଲାଞ୍ଚ ବିବାଦ

ନୂଆଦିଲ୍ଲୀ,୨୬।୧୦

ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ବିବାଦ ଘେରକୁ ଆସିଥିବା ତୃଣମୂଳକ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ୩୧ ତାରିଖରେ ହାଜର ହେବା ପାଇଁ ଲୋକ ସଭା ଏଥିକ୍ସ କମିଟି ଗୁରୁବାର ସମନ ଜାରି କରିଛି। ମହୁଆଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତ୍ୟନ୍ତ ଗମ୍ଭୀର ବୋଲି କମିଟି ଏକମତ ହୋଇଛି। କମିଟି ଗୁରୁବାର ୩ ଘଣ୍ଟା ଧରି ଉକ୍ତ ପ୍ରସଙ୍ଗ ଉପରେ ଅନୁଧ୍ୟାନ କରିବା ସହ ଉଭୟ ଅଭିଯୋଗକାରୀ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଏବଂ ଆଇନଜୀବୀ ଜୟ ଅନନ୍ତ ଦେହଦ୍ରାଇଙ୍କ ଯୁକ୍ତି ଶୁଣିଥିଲା। ଟିଏମ୍‌ସି ଏମ୍‌ପିଙ୍କ ବିରୋଧରେ ଆସିଥିବା ଅଭିଯୋଗର ସବୁ ଦିଗ ଉପରେ କମିଟି ଆଲୋଚନା କରିଥିଲା। ଘଟଣାର ଅଧିକ ତଦନ୍ତ ଲାଗି ଏଥିକ୍ସ କମିଟି ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ସବିଶେଷ ତଥ୍ୟ ମାଗିଛି। ଆସନ୍ତା ମଙ୍ଗଳବାର ମହୁଆ କମିଟି ଆଗରେ ହାଜର ହୋଇ ଅଭିଯୋଗ ଉପରେ ତାଙ୍କ ପକ୍ଷ ରଖିବାକୁ ସମନ ଜାରି ହୋଇଥିବା ଏଥିକ୍ସ କମିଟି ଅଧ୍ୟକ୍ଷ ଗଣମାଧ୍ୟମକୁ କହିଛନ୍ତି।



ମହୁଆ ମୋଇତ୍ର

# ବିରୋଧୀଙ୍କ ଘରେ ଇଡି ଚଢ଼ାଉ

### ରାଜସ୍ଥାନ ପିସିସି ସଭାପତିଙ୍କ ୫ ସ୍ଥାନରେ ଯାଞ୍ଚ

### ଏଫ୍‌ଇଏମ୍‌ଏ ମାମଲାରେ ଗେହଲଟ୍‌ଙ୍କ ପୁଅଙ୍କୁ ସମନ

ଜୟପୁର,୨୬।୧୦

ରାଜସ୍ଥାନ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସମ୍ପୃକ୍ତି ନେଇ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଗୋବିନ୍ଦ ସିଂ ଡୋଟାସରାଙ୍କ ଘର ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଚଢ଼ାଉ କରିଛି। ଏଥିସହିତ ବିଦେଶ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ମାମଲାରେ ଜେରାର ସମ୍ମୁଖୀନ ହେବା ଲାଗି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ପୁଅ ବୈଭବ ଗେହଲଟ୍‌ଙ୍କୁ ଇଡି ସମନ କରିଛି। ଇଡି ଅଧିକାରୀମାନେ ଗୁରୁବାର ରାଜସ୍ଥାନର ୧୨ଟି ସ୍ଥାନରେ ଚଢ଼ାଉ କରିଥିଲେ। ସେଥିରୁ ଜୟପୁରର ୩ଟି ଏବଂ ସିକରର ୨ଟି ସ୍ଥାନ ସହ ପିସିସି ସଭାପତିଙ୍କ ସମ୍ପର୍କ ରହିଛି। ଏହା ବ୍ୟତୀତ ସ୍ୱାଧୀନ ବିଧାୟକ ଓମ୍‌ପ୍ରକାଶ ହୁଡ୍‌ଲାଙ୍କର ୭ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ଡୋଟାସରା ତାଙ୍କ ସିକର ବାସଭବନରେ ଉପସ୍ଥିତ ଥିଲେ। ଇଡି ଅଧିକାରୀମାନେ ପ୍ରଥମେ ତାଙ୍କୁ ଜେରା କରିବା ସହ ଅଧିକ ତଦନ୍ତ ଲାଗି ଘର ଭିତରେ ଥିବା କାର୍ଯ୍ୟାଳୟକୁ ନେଇ ପଚରାଉଚରା କରିଥିଲେ।

ପିସିସି ସଭାପତିଙ୍କ ଘରେ ଇଡି ଚଢ଼ାଉ ଓ ବୈଭବ ଗେହଲଟ୍‌କୁ ସମନ ଘଟଣାରେ ମୁଖ୍ୟମନ୍ତ୍ରୀ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ଏହାକୁ ସେ ଗୁଣ୍ଡାଗର୍ଦ୍ଦି ବୋଲି କହିଛନ୍ତି। ରାଜସ୍ଥାନରେ କଂଗ୍ରେସ ଦେଇଥିବା ଗ୍ୟାରେଣ୍ଟିର ସୁବିଧା ମହିଳା, କୃଷକ ଓ ଗରିବ ଜନସାଧାରଣ ପାଇବାକୁ ଭାଜପା ଚାହୁଁ ନ ଥିବା ସେ ଅଭିଯୋଗ କରିଛନ୍ତି। ଚଢ଼ାଉକୁ ବିରୋଧ କରି କଂଗ୍ରେସ କର୍ମୀମାନେ ସିକର ଏବଂ ଜୟପୁରରେ ଧାରଣାରେ ବସିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।



ଗୋବିନ୍ଦ ସିଂ ଡୋଟାସରା

# 'ଭାରତ-ମଧ୍ୟପ୍ରାଚ୍ୟ ଅର୍ଥନୈତିକ କରିଡର ହମାସ୍ ଆକ୍ରମଣର ସମ୍ଭାବ୍ୟ କାରଣ'

ୱାଶିଂଟନ ଡିସି,୨୬।୧୦

ନୂଆଦିଲ୍ଲୀରେ ଜି୨୦ ସମିଟ୍ ଅବସରରେ ଘୋଷଣା କରାଯାଇଥିବା ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ୍ ଅର୍ଥନୈତିକ କରିଡର ହମାସ୍ ଆକ୍ରମଣର ଅନ୍ୟତମ କାରଣ ହୋଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଉକ୍ତ ଅଞ୍ଚଳକୁ ରେଳ, ସଡ଼କ ଓ ବନ୍ଦର ଭିତ୍ତିଭୂମି ନେଟ୍‌ୱର୍କରେ ଯୋଡ଼ିବା ଏହି କରିଡରର ଉଦ୍ଦେଶ୍ୟ। ଗତ ୭ ତାରିଖରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପଛରେ ଉକ୍ତ କରିଡର ଏକ କାରଣ ହୋଇଥାଇପାରେ ତାଙ୍କ ଅନ୍ତରାତ୍ମା କହୁଥିବା ବାଇଡେନ୍ କହିଛନ୍ତି, ଯଦିଓ ଏହାର କୌଣସି ପ୍ରମାଣ ନାହିଁ। ଅର୍ଥନୈତିକ କରିଡର ଇସ୍ରାଏଲ୍ ସମେତ ସମଗ୍ର ଅଞ୍ଚଳକୁ ଯୋଡ଼ିବାରେ ସହାୟକ ହେବ। ଏହି କାମକୁ ଆମେ ଛାଡ଼ିଦେଇପାରିବା ନାହିଁ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି। ଉକ୍ତ ସମ୍ମିଳନୀରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିସ୍ ଉପସ୍ଥିତ ଥିଲେ।



ଜୋ ବାଇଡେନ୍

# ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ

ଶ୍ରୀନଗର,୨୬।୧୦

ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା(ଏଲ୍‌ଓସି) ନିକଟରେ ସେନା ଏବଂ ପୋଲିସର ଅନୁପ୍ରବେଶ ନିରୋଧୀ ମିଳିତ ଅଭିଯାନ ବେଳେ ଏନ୍‌କାଉଣ୍ଟରରେ ୫ ଲସ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। କୁପୱାଡ଼ା ଜିଲାର ମଚିଲ ସେକ୍ଟରରେ ଗୁରୁବାର ଏହି ଗୁଳିବିନିମୟ ହୋଇଥିଲା। ସମସ୍ତ ଆତଙ୍କବାଦୀ ଲସ୍କର-ଇ-ତୋଇବା ସଂଗଠନର ବୋଲି ପୋଲିସ କହିଛି। ପୂର୍ବରୁ ଅନୁପ୍ରବେଶ ନିରୋଧୀ ଅଭିଯାନରେ କେବଳ ସେନା ଯବାନ ସାମିଲ ହେଉଥିବାବେଳେ ଏଥର ପୋଲିସକୁ ମଧ୍ୟ ସାମିଲ କରାଯାଇଥିଲା। ଏଲ୍‌ଓସି ଅପରପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୧୬ଟି ଲଞ୍ଚ ପ୍ୟାଡ୍ ଏବେ ବି ସକ୍ରିୟ ରହିଛି। ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନ ଉଦ୍ୟମ ଜାରି ରଖିଥିବା ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ ସିଂ କହିଛନ୍ତି।

# ରାଶନ ଦୁର୍ନୀତି: ଟିଏମ୍‌ସି ମନ୍ତ୍ରୀଙ୍କ ଘରେ ଖୋଳତାଡ଼

କୋଲକାତା,୨୬।୧୦(ପି.ଟି.)

ବହୁ କୋଟି ଟଙ୍କା ରାଶନ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ଚଢ଼ାଉ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ପଶ୍ଚିମବଙ୍ଗର ଜଙ୍ଗଲ ମନ୍ତ୍ରୀ ଜ୍ୟୋତିପ୍ରିୟୋ ମଲ୍ଲିକଙ୍କ ଘର ଉପରେ ଚଢ଼ାଉ କରିଛି। ଇଡି ଅଧିକାରୀମାନେ ମଲ୍ଲିକଙ୍କ କୋଲକାତା ସଲ୍ଟ ଲେକ୍ ଅଞ୍ଚଳରେ ଥିବା ଦୁଇଟି ଫ୍ଲାଟ୍ ଉପରେ ଚଢ଼ାଉ କରିଥିଲେ। ଏହା ବ୍ୟତୀତ ମଲ୍ଲିକ ଖାଦ୍ୟ ଯୋଗାଣ ମନ୍ତ୍ରୀ ଥିବାବେଳେ ସେତେବେଳେ ତାଙ୍କର ବ୍ୟକ୍ତିଗତ ସଚିବ ଥିବା ଅଧିକାରୀଙ୍କର ଘର ସମେତ ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚଢ଼ାଉ କରାଯାଇଛି। ରାଶନ ଦୁର୍ନୀତି ମାମଲାରେ ଗିରଫ ଅଭିଯୁକ୍ତଙ୍କର ଟିଏମ୍‌ସି ଏବଂ ମଲ୍ଲିକଙ୍କ ସହ ଘନିଷ୍ଠ ସମ୍ପର୍କ ରହିଥିବା ଇଡି କହିଛି। ରାଜ୍ୟରେ ଉତ୍ସବ ଚାଲିଥିବାବେଳେ କେନ୍ଦ୍ରୀୟ ଏଜେନ୍ସିର ଏହି ଚଢ଼ାଉ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କହିଛି। ବିରୋଧୀ ନେତାମାନଙ୍କ ବିରୋଧରେ ଇଡି କାର୍ଯ୍ୟାନୁଷ୍ଠାନକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଳୁଷିତ ରାଜନୀତି ବୋଲି କହିବା ସହ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ୧୩ ମୃତ

ଚିକ୍କାବଲ୍ଲପୁର,୨୬।୧୦

କର୍ନାଟକର ଚିକ୍କାବଲ୍ଲପୁର ସହର ଉପକଣ୍ଠରେ ଗୁରୁବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୪ ମହିଳାଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଆନ୍ଧ୍ରପ୍ରଦେଶରୁ ବେଙ୍ଗାଲୁରୁ ଯାଉଥିବା ସେମାନଙ୍କ କାର୍ ୪୪ ନମ୍ବର ଜାତୀୟ ରାଜପଥରେ ଛିଡ଼ାହୋଇଥିବା ଏକ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ସେମାନଙ୍କ ଘର ଅନନ୍ତପୁର ଜିଲାର ଗୋରନ୍ତଲାରେ। କୁହୁଡ଼ି ଯୋଗୁ ରାସ୍ତା ଭଲ ଭାବେ ଦୃଶ୍ୟ ନ ହେବା ଦୁର୍ଘଟଣାର ଅନ୍ୟତମ କାରଣ ହୋଇଥାଇପାରେ ବୋଲି କୁହାଯାଉଛି। କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଦାରାମାୟା ମୃତକମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

## ଫୁରସତ

# ୨୬ ବର୍ଷରେ ୨୨ ଶିଶୁ

**ଟିବିଲିସି:** ମହିଳାଙ୍କ ପାଇଁ ମା' ହେବା ଏକ ଅମୃତ ଅନୁଭବ। ହେଲେ ଏହା ଏତେ ସହଜ ହୋଇ ନ ଥାଏ। ଗର୍ଭଧାରଣ ସମୟରେ ମହିଳାଙ୍କୁ ବିଭିନ୍ନ ପ୍ରକାରର ସମସ୍ୟା ଦେଇ ଗତି କରିବାକୁ ପଡ଼ିଥାଏ। ପିଲା ଜନ୍ମ ପରେ ମଧ୍ୟ ସେମାନଙ୍କ ଦାୟିତ୍ୱ ବଢ଼ିଯାଏ। ଏଥିପାଇଁ ଏବେ ଲୋକେ ଅଧିକ ପିଲା ଚାହାନ୍ତି ନାହିଁ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ, ଜଣେ ମହିଳା ବର୍ତ୍ତମାନ ୨୨ ପିଲାଙ୍କ ମା' ହୋଇସାରିଲେଣି, ତାହା ପୁଣି ୨୬ ବର୍ଷ ବୟସରେ। ୨୬ ବର୍ଷୀୟା ରୁଷିଆନ ମହିଳା କ୍ରିଷ୍ଟିନା ଓଜତୁର୍କ ଜର୍ଜିଆରେ ରୁହନ୍ତି। ତାଙ୍କର ୨୨ ସନ୍ତାନ ଅଛନ୍ତି। ତାଙ୍କ ପରିବାରକୁ ୩ ଅଙ୍କକୁ ନେବାକୁ ଚାହୁଁଛନ୍ତି। କ୍ରିଷ୍ଟିନାଙ୍କ ପ୍ରଥମ ସନ୍ତାନ ଭିକ୍ଟୋରିଆ ୨୦୧୪ରେ ଜନ୍ମ ହୋଇଥିଲେ। ତାଙ୍କ ପରେ ୨୧ ସନ୍ତାନ ସରୋଗେସି ମାଧ୍ୟମରେ ଜନ୍ମ ହୋଇଛନ୍ତି। ସେଥିମଧ୍ୟରୁ ଜଣେ ୨୦୨୧ରେ ଜନ୍ମ ହୋଇଥିବାବେଳେ ବାକି ୨୦ ଜଣ ୨୦୨୦ରେ ଜନ୍ମ ହୋଇଛନ୍ତି। ସେମାନେ ୨୦୨୧ରେ ସବୁଠୁ ଛୋଟ ଝିଅ ଓଲିଭିଆକୁ ସ୍ୱାଗତ କରିଛନ୍ତି। ମହିଳା ଜଣଙ୍କ କହିଛନ୍ତି, ସେ ତାଙ୍କ କୋଟିପତି ସ୍ୱାମୀଙ୍କଠାରୁ ୧୦୫ ସନ୍ତାନ ଆଶା କରୁଛନ୍ତି। ୫୮ ବର୍ଷୀୟ ଗଲିପ, ଯିଏ କି ଏକ ହୋଟେଲର ମାଲିକ। ବେଆଇନ ଡ୍ରଗ୍‌ସ କିଣିବା ଏବଂ ରଖିବା ଅପରାଧରେ ଚଳିତବର୍ଷ ଆରମ୍ଭରେ ତାଙ୍କୁ ୮ ବର୍ଷର ପାଇଁ ଜେଲ ହୋଇଯାଇଛି। ଦମ୍ପତି ସରୋଗେସି ଜରିଆରେ ପିଲା ଜନ୍ମ କରୁଥିବାରୁ ଗଲିପ ଜେଲରେ ଥାଇ ମଧ୍ୟ ବାପା ହୋଇପାରୁଛନ୍ତି। କ୍ରିଷ୍ଟିନା ଜର୍ଜିଆରେ ଛୁଟି କଟାଇବାକୁ ଯାଇଥିବାବେଳେ ସେଠାରେ ଗଲିପଙ୍କ ସହ ସାକ୍ଷାତ୍ ହୋଇଥିଲା। ଚଳିତବର୍ଷ ଫେବୃୟାରୀରେ କ୍ରିଷ୍ଟିନା ଏକ ବହି ବାହାର କରିଛନ୍ତି। ଯେଉଁଥିରେ ସେ ମେଗା- ମମ୍ ହେବାର ନିଜର ଅନୁଭବ ପ୍ରକାଶ କରିଛନ୍ତି। ତାଙ୍କ ସ୍ୱାମୀଙ୍କ ଗିରଫ ପରଠାରୁ ସେ ସମସ୍ତ ପିଲାଙ୍କ ଦାୟିତ୍ୱ ନିଜେ ବହନ କରୁଛନ୍ତି।



# ବିବାହ କରିବେ କଙ୍ଗନା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ସବୁବେଳେ ତାଙ୍କ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ଏଥିପାଇଁ ତାଙ୍କୁ ଅନେକ ବିବାଦର ସାମ୍ନା ମଧ୍ୟ କରିବାକୁ ପଡ଼େ। ଏହାପରେ ସେ ତାଙ୍କ ମନକଥା ଉପସ୍ଥାପନ କରିଥାନ୍ତି। ସବୁବେଳେ ରାଜନୈତିକ ସହ ଅନେକ ପ୍ରସଙ୍ଗ ଉପରେ ମତ ରଖୁଥିବା କଙ୍ଗନା ଏବେ ବ୍ୟକ୍ତିଗତ ଭାବେ କିଛି କଥା କହିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ସେ ବିବାହ କରିବେ ବୋଲି କହିଛନ୍ତି। କଙ୍ଗନା ଏକ ସାକ୍ଷାତ୍‌କାରରେ କହିଛନ୍ତି, ପ୍ରତ୍ୟେକ ଝିଅ ନିଜ ବିବାହ ଓ ପରିବାର ଗଢ଼ିବା ସ୍ୱପ୍ନ ଦେଖିଥାନ୍ତି। ସେ ମଧ୍ୟ ପରିବାର ସହିତ ରହିବାକୁ ବେଶ୍ ଭଲ ପାଆନ୍ତି। ଏହା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ ମଧ୍ୟ ବିବାହ, ପରିବାର ଗଢ଼ିବାକୁ ଚାହୁଁଛନ୍ତି। ଯାହା ଆସନ୍ତା ୫ ବର୍ଷ ମଧ୍ୟରେ ହେବ ବୋଲି ସେ କହିଛନ୍ତି। କଙ୍ଗନା ୨୦୦୬ରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି। ନିକଟରେ ତାଙ୍କ ଫିଲ୍ମ 'ତେଜସ୍' ପାଇଁ ସେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସେ ବାୟୁସେନା ଯବାନ ତେଜସ୍ ଗିଲ୍‌ଙ୍କ ଭୂମିକାରେ ନଜରକୁ ଆସିବେ। ଏହାପରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ର ଉପରେ ଆଧାରିତ 'ଏମର୍ଜେନ୍ସି'ରେ ନଜରକୁ ଆସିବେ।





# ୪୩ ବର୍ଷର ବନ୍ଧୁତା ଚିଠିରେ

**ସାକ୍ରାମେଣ୍ଟୋ:** ନା କେବେ ଦେଖା ହୋଇଛନ୍ତି, ନା ଫୋନରେ କଥା ହୋଇଛନ୍ତି। ତାଙ୍କ ପାଇଁ କେବଳ ଚିଠି ହିଁ ଥିଲା କଥା ହେବାର ସୁନ୍ଦର ମାଧ୍ୟମ। ୧୦ ବର୍ଷ ବୟସରୁ ଦୁହେଁ ଦୁହିଁଙ୍କୁ ଚିଠି ଲେଖିଚାଲିଛନ୍ତି। ୧୯୮୦ ପରେ ସେମାନେ ପ୍ରଥମ ଥର ପାଇଁ ଉଭୟଙ୍କୁ ଦେଖା କରିଛନ୍ତି। ସେବେଠାରୁ ଦୁହେଁ ଚିଠି ମାଧ୍ୟମରେ କଥା ହେଉଛନ୍ତି। ଯେବେ ଉଭୟ ଏଲିମେଣ୍ଟାରି ସ୍କୁଲରେ ପଢୁଥିଲେ। ଆମେରିକାର ପେନ୍‌ସିଲଭାନିଆରେ ଦୁହିଁଙ୍କ ଭେଟ ହୋଇଥିଲା। ରିପୋର୍ଟ ମୁତାବକ, ଚାରି ଦଶକ ପୂର୍ବେ ସ୍କୁଲ ପ୍ରୋଜେକ୍ଟ ସମୟରେ କ୍ରିଷ୍ଟେଲ ଅଲଷ୍ଟନ ଓ ହେଲି ବ୍ରିଜ୍‌ସଙ୍କ ଦେଖା ହୋଇଥିଲା। ସେବେଠାରୁ ସେମାନେ ସାଙ୍ଗ ହୋଇଯାଇଥିଲେ। ଅଲଷ୍ଟନଙ୍କ କହିବା କଥା, ସେତେବେଳେ ତାଙ୍କୁ ଏକ ପ୍ରୋଜେକ୍ଟ ଦିଆଯାଇଥିଲା। ସେଥିରେ ସେମାନଙ୍କୁ ତାଙ୍କ ସାଙ୍ଗକୁ ଏକ ଚିଠି ଲେଖିବାକୁ କୁହାଯାଇଥିଲା। ସେବେଠାରୁ ହିଁ ଦୁହେଁ ଦୁହିଁଙ୍କୁ ଚିଠି ଲେଖୁଛନ୍ତି। ଅଲଷ୍ଟନଙ୍କ ମୁତାବକ, ଦୁହେଁ ଦୁହିଁଙ୍କୁ ଯେତିକି ଜାଣିଛନ୍ତି, ସେଥିରେ ସେମାନଙ୍କ ଜୀବନ କିଛି ଅଲଗା ବୋଲି କହିଛନ୍ତି।



ଶ୍ରୀମନ୍ଦିର ଦର୍ଶନ ପାଇଁ ପୁରୀ ଆସିଥିବା ଭାରତୀୟ ମହିଳା କ୍ରିକେଟ ଦଳର ସଦସ୍ୟା ଯାସ୍ତିକା ଭାଟିଆ ଗୁରୁବାର ସିଂହଦ୍ୱାର ସମ୍ମୁଖରେ।

# ଜାତୀୟ କ୍ରୀଡ଼ା ଉଦ୍‌ଘାଟିତ

**ପାଣାଜୀ,୨୬।୧୦**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡା ଆନୁଷ୍ଠାନିକ ଭାବରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦକ୍ଷିଣ ଗୋଆ ସ୍ଥିତ ଜୱାହାରଲାଲ ନେହେରୁ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆତସବାଜି ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଏହାର ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଗୋଆ କ୍ରୀଡା ମନ୍ତ୍ରୀ ଗୋବିନ୍ଦ ଗାୱଡେ ଓ ପର୍ଯ୍ୟଟନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ୨୮ ରାଜ୍ୟର ୧୦ ହଜାରରୁ ଅଧିକ କ୍ରୀଡାବିତ ୪୩ଟି କ୍ରୀଡା ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରୁ ୪୯ ପ୍ରତିଶତ ମହିଳା ପ୍ରତିଯୋଗୀ ରହିଛନ୍ତି। ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଜାରି ରହିବ। ମାପୁସା, ମାର୍ଗାଓ, ପଞ୍ଜିମ, ପୋଣ୍ଡା, ଭାସ୍କୋର ୨୮ ଭେନ୍ୟୁରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ୧୯୨୪ରେ ଆୟୋଜିତ ପ୍ରଥମ ନ୍ୟାଶନାଲ ଗେମ୍ସର ମୋଟୋ 'ଗେଟ୍ ସେଟ୍ ପ୍ଲେ' ରହିଥିବା ବେଳେ ଚଳିତ ସଂସ୍କରଣର ମୋଟୋ 'ଗେଟ୍ ସେଟ୍ ଗୋଆ' ରଖାଯାଇଛି।



ଜାତୀୟ କ୍ରୀଡା ଉଦ୍‌ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ।

# ଓଡ଼ିଶା ବିଚ୍ ଫୁଟ୍‌ବଲ ଦଳ ଘୋଷିତ

**ଭୁବନେଶ୍ୱର, ୨୬।୧୦**
(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ା ପାଇଁ ଗୁରୁବାର ଓଡ଼ିଶା ବିଚ୍ ଫୁଟବଲ ଦଳ ଘୋଷିତ ହୋଇଛି। ରାହୁଲ ସାମଲଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଗୋଆ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ

**ଜାତୀୟ କ୍ରୀଡ଼ା**

ଖେଳାଳିମାନେ ହେଲେ ଅନିଲ ସାମଲ, ଆଦର୍ଶ ଦାସ, ସେକ୍ ନୱାଜିଶ୍ ନୁର୍, ମହମ୍ମଦ ବିଲାଲ, ରାକେଶ କୁମାର ସାହୁ, ସେକ୍ ମହମ୍ମଦ ମୁସ୍ତାଫିଜ୍, ବବୁଲ ସିଂ, ସୁବାସ ପୂଜାରି, ତ୍ରିପତି ଖିଲୋ, ସତ୍ୟମ ସିଂ ଓ ପ୍ରସାଦ ହାଁସଦା। ମୁଖ୍ୟ କୋଚ୍ ନିପେନ୍ଦ୍ର ଦାସ, ସହକାରୀ କୋଚ୍ ସେକ୍ ମନଜୁର ଓ ମ୍ୟାନେଜର ଅଭିଜିତ ପାତ୍ର ଦଳ ସହ ଗୋଆ ଯାଇଛନ୍ତି।



ସପୋର୍ଟ ଷ୍ଟାଫ୍‌ଙ୍କ ସହ ଓଡ଼ିଶା ବିଚ୍ ଫୁଟବଲ ଦଳ।

## ରଗ୍‌ବୀ ସେମିରେ ମହିଳା, ପୁରୁଷ ଦଳ

ପ୍ରତିଯୋଗିତାର ରଗ୍‌ବୀ ୭ଏସ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର କ୍ୱାର୍ଟର ଫାଇନାଲରେ ପୁରୁଷ ଦଳ ବିହାରକୁ ୧୯-୪ରେ ହରାଇଥିବାବେଳେ ମହିଳା ଦଳ ୬୪-୦ରେ କର୍ନାଟକକୁ ପରାସ୍ତ ପରାସ୍ତ କରିଛି। ସେମିଫାଇନାଲରେ ଓଡ଼ିଶା ପୁରୁଷ ଦଳ ମହାରାଷ୍ଟ୍ରକୁ ଏବଂ ମହିଳା ଦଳ ବେଙ୍ଗଲକୁ ଶୁକ୍ରବାର ଭେଟିବ। କ୍ୱାର୍ଟର ଫାଇନାଲ ପୂର୍ବରୁ ପୁଲ୍ 'ଏ'ର ଏକ ମ୍ୟାଚରେ ଓଡ଼ିଶା ମହିଳା ଦଳ ୨୫-୦ରେ କେରଳକୁ ହରାଇଥିବାବେଳେ ପୁରୁଷ ଦଳ ହରିୟାଣାଠାରୁ ୧୦-୧୭ରେ ହାରି ଯାଇଥିଲା। ଫଳରେ ପୁଲ୍ 'ଏ' ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶା ମହିଳା ଦଳ ଶୀର୍ଷ ସ୍ଥାନ ହାସଲ କରିଥିବାବେଳେ ପୁରୁଷ ଦଳ ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରରେ ପ୍ରବେଶ କରିଥିଲା।




ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଓଡ଼ିଶା ମହିଳା ରଗ୍‌ବୀ ଦଳ।

**ଆଇପିଏଲ୍ ନିଲାମ**

## ଭେନ୍ୟୁ ଦୌଡ଼ରେ ଦୁବାଇ ଆଗରେ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ ସିଜନର ଖେଳାଳି ନିଲାମ ଭେନ୍ୟୁ ଦୌଡ଼ରେ ଦୁବାଇ ସବୁଠାରୁ ଆଗରେ ରହିଛି। ବେଙ୍ଗାଲୁରୁ ଓ ମୁମ୍ବାଇ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ଏଥିପାଇଁ ଅବଶ୍ୟ ଦିନ ଧାର୍ଯ୍ୟ ହୋଇ ନାହିଁ। ଭେନ୍ୟୁ ସ୍ଥିର କରିବା ପାଇଁ ବିଚାର ଆଲୋଚନା ଚାଲିଥିବା ଆଇପିଏଲ୍‌ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଆଇପିଏଲ୍ ନିଲାମି ବର୍ତ୍ତମାନ ଏକ ସମସ୍ୟା ହୋଇଛି। କାରଣ ଏଥିପାଇଁ ଏକ ୫ ତାରକା ହୋଟେଲ ଆବଶ୍ୟକ, ଯେଉଁଥିରେ ଫ୍ରାଞ୍ଚାଇଜ ସଦସ୍ୟ, ବିସିସିଆଇ ଅଫିସିଆଲ, ପ୍ରସାରଣ କର୍ମଚାରୀମାନଙ୍କ ରହିବା ଲାଗି ଅତି କମ୍‌ରେ ୧୦୦ଟି ପ୍ରକୋଷ୍ଠ ଥିବ। ଏହି ଦୃଷ୍ଟିରୁ ଦୁବାଇକୁ ଫେଭରାଇଟ୍ ବିବେଚନା କରାଯାଉଛି। ଏହା ସତ୍ତ୍ୱେ କୌଣସି ଭାରତୀୟ ସହରରେ ଏହାର ଆୟୋଜନକୁ ଏଡାଇ ଦିଆଯାଇ ପାରେନା ବୋଲି ସେ କହିଛନ୍ତି। ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ନିଲାମ ଡିସେମ୍ବର ୯ରେ ହେବ। ଅନ୍ୟପକ୍ଷରେ ବିଜୟୱାଡାଠାରେ ୪ଟି ଦଳକୁ ନେଇ ଏକ ୧୯ ବର୍ଷରୁ କମ୍ କ୍ରିକେଟ ସିରିଜ ଖେଳାଯିବ। ଏଥିରେ ଭାରତରୁ ଦୁଇଟି ଏବଂ ଇଂଲଣ୍ଡ ଓ ବାଂଲାଦେଶରୁ ଗୋଟିଏ ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ଆସନ୍ତା ବର୍ଷ ଶ୍ରୀଲଙ୍କାରେ ହେବାକୁ ଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବିସିସିଆଇ ତରଫରୁ ଏହା ଆୟୋଜନ କରାଯାଇଛି।

# ଆର୍ଥିକ ସଙ୍କଟରେ ଗ୍ରେଗ୍ ଚାପେଲ

**ଆଡିଲେଡ୍,୨୬।୧୦(ପି.ଟି.)**

ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ରେଗ୍ ଚାପେଲ ବର୍ତ୍ତମାନ ଆର୍ଥିକ ସଙ୍କଟାବସ୍ଥା ଦେଇ ଗତି କରୁଛନ୍ତି। ୭୫ ବର୍ଷୀୟ ଚାପେଲ ବିଗତ କିଛି ବର୍ଷ ହେଲା ଏଭଳି ସଙ୍କଟରେ ଗତି କରୁଥିବାରୁ ତାଙ୍କର କିଛି ବନ୍ଧୁ ପାଣ୍ଠି ଯୋଗାଡ଼ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ୨୦୦୫-୦୭ ପର୍ଯ୍ୟନ୍ତ ଚାପେଲ୍ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରହିଥିଲେ। ଏହି ସମୟରେ ତତ୍କାଳୀନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସହିତ ତାଙ୍କର ବିବାଦ ଚର୍ଚ୍ଚାରେ ରହିଥିଲା। ପରବର୍ତ୍ତୀ ସମୟରେ ସେ ଗାଙ୍ଗୁଲିଙ୍କୁ ଟିମ୍‌ରୁ କାଢି ଥିବା ବେଳେ ୨୦୦୭ ବିଶ୍ୱକପ୍ ବିଫଳତା ପରେ ତାଙ୍କୁ ବିଦା କରାଯାଇଥିଲା। ଚାପେଲ୍ ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରିବା ସହିତ କହିଛନ୍ତି ଯଦିଓ ସେ ସମ୍ପୂର୍ଣ୍ଣ ଦୁର୍ଦ୍ଦିନରେ ଦିନ କାଟୁନାହାନ୍ତି ତଥାପି ବର୍ତ୍ତମାନର କ୍ରିକେଟରମାନଙ୍କ ଭଳି ତାଙ୍କୁ ସୁବିଧା ମିଳୁନାହିଁ। ଚାପେଲଙ୍କ ଏଭଳି ଅବସ୍ଥା ପାଇଁ ତାଙ୍କର କିଛି ବନ୍ଧୁ ପାଣ୍ଠି ଯୋଗାଡ଼ କରିବାକୁ ପ୍ରୟାସ କରିଥିବା ବେଳେ ସେ ସହମତି ପ୍ରକାଶ କରିଥିବା ଜଣାପଡିଛି। ଆସନ୍ତା ସପ୍ତାହରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଏହି ଫଣ୍ଡ ରେଜିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଡି ମ୍ୟାକଗୁଇର ଏହି କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହାବ୍ୟତୀତ ଚାପେଲ୍‌ଙ୍କ ଦୁଇ ଭାଇ ଇଆନ୍ ଚାପେଲ ଓ ଟ୍ରେଭର ଚାପେଲ୍ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ତେବେ ଏହି କାର୍ଯ୍ୟକ୍ରମ ପାଇଁ ଚାପେଲ ପ୍ରଥମେ ରାଜି ହୋଇ ନ ଥିଲେ। ଏଭଳି ଅବସ୍ଥା କେବଳ ମୋର ନୁହେଁ ବରଂ ମୋ ସମୟର ଅନେକ କ୍ରିକେଟର ଏଭଳି ସମସ୍ୟା ମଧ୍ୟରେ ଅଛନ୍ତି ବୋଲି କହିଛନ୍ତି ଚାପେଲ। ଚାପେଲ ଫାଉଣ୍ଡେଶନ ମାଧ୍ୟମରେ ସେ ନିଜେ ବାସହୀନମାନଙ୍କ ପାଇଁ ପାଣ୍ଠି ଯୋଗାଡ଼ କରନ୍ତି। ତେବେ ଏହାର ସମସ୍ତ ଅର୍ଥ ଦୁସ୍ଥ ଲୋକଙ୍କ ନିକଟରେ ପହଞ୍ଚିଥାଏ। ଅଷ୍ଟ୍ରେଲିଆ ପାଇଁ ୮୭ ଟେଷ୍ଟ ଖେଳିଥିବା ବେଳେ ଏଥିରୁ ୪୮ଟିରେ ନେତୃତ୍ୱ ନେଇଛନ୍ତି। ୨୪ ଶତକ ସହିତ ସେ ୭୧୧୦ ରନ୍ ସ୍କୋର କରି ଡନ୍ ବ୍ରାଡ୍‌ମ୍ୟାନଙ୍କୁ ଅତିକ୍ରମ କରିଥିଲେ।

**ପାଣ୍ଠି ଯୋଗାଡ଼ କରିବେ ବନ୍ଧୁ**



# ୧୦୦ ଖେଳାଳିଙ୍କ ସହ ଚେସ୍ ଖେଳିଲେ ରିଜନିସ୍

**ଭୁବନେଶ୍ୱର, ୨୬।୧୦**
(ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ଚେସ୍ ସଂଘ(ଫିଡେ) ପରିଚାଳନା ବୋର୍ଡର ଉପାଧ୍ୟକ୍ଷ ତଥା ଲଟଭିଆର ପୂର୍ବତନ ଅର୍ଥନୀତି ମନ୍ତ୍ରୀ ଡାନା ରିଜନିସ୍ ଓଜୋଲା ଗୁରୁବାର କିଟ୍-କିସ୍ ପରିଦର୍ଶନ କରିଛନ୍ତି। ବିଭିନ୍ନ କ୍ୟାମ୍ପସ ବୁଲିବା ଅବସରରେ କିଟ୍‌ରେ ୧୦୦ ମହିଳା ଚେସ୍ ଖେଳାଳିଙ୍କ ସହ ଚେସ୍ ଖେଳିଥିଲେ ଏହି ମହିଳା ଗ୍ରାଣ୍ଡମାଷ୍ଟର। ସେହିପରି ସେ କିସ୍ ପରିଦର୍ଶନ କରିବା ସହ ଏଠାରେ ୮ ହଜାରରୁ ଅଧିକ କ୍ରୀଡ଼ା ପ୍ରତିଭାଙ୍କୁ ଭେଟି ସେମାନଙ୍କୁ ସମ୍ବୋଧିତ କରିଥିଲେ। ମହିଳା ଚେସ୍‌ର ବିକାଶ ନିମନ୍ତେ ଭାରତ ପରିଦର୍ଶନରେ ଆସିଥିବା ଡାନା ଓଡ଼ିଶା ଏବଂ ଭାରତରେ ଚେସ୍‌ର ବିକାଶ ନିମନ୍ତେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଗତ ୧୪ ବର୍ଷ ଧରି ସର୍ବାଧିକ ପୁରସ୍କାର ରାଶି ସହ କିଟ୍ ଓ କିସ୍ ଅନ୍ତର୍ଜାତୀୟ ଜିଏମ୍ ଟୁର୍ନାମେଣ୍ଟ ଆୟୋଜନ କରିବା ଏବଂ ୪୦ରୁ ଊର୍ଦ୍ଧ୍ୱ ରେଟେଡ ଖେଳାଳି ସୃଷ୍ଟି କରି ପାରିଥିବାରୁ ସେ କିଟ୍ ଓ କିସ୍‌ର ପ୍ରଶଂସା ମଧ୍ୟ କରିଥିଲେ। ସୂଚନାଯୋଗ୍ୟ, ଭାରତୀୟ ଚେସ୍ ସଂଘ ଓ ଓଡ଼ିଶା ଚେସ୍ ସଂଘ ସମନ୍ୱୟରେ ସ୍କୁଲ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ କରାଇବା ଦିଗରେ ଅଚ୍ୟୁତ ବ୍ୟାପକ ଉଦ୍ୟମ କରି ଆସିଛନ୍ତି। ଏଥିରେ ପ୍ରଭାବିତ ହୋଇ ଡାନା କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଫିଡେ ପରାମର୍ଶଦାତା ବୋର୍ଡ ଚେୟାରମ୍ୟାନ୍ ଏବଂ ଏସୀୟ ଚେସ୍ ଫେଡେରେଶନର ଉପସଭାପତି ଭରତ ସିଂ ଚୌହାନ, ଭାରତୀୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ଚେସ୍‌ର ପ୍ରଚାର ପ୍ରସାରରେ କିଟ୍ ଓ କିସ୍‌ର ଉଦ୍ୟମକୁ ପ୍ରଶଂସା**



କିଟ୍-କିସ୍ ପରିଦର୍ଶନ ଅବସରରେ ଗୁରୁବାର ପିଲାମାନଙ୍କ ସହ ଚେସ ଖେଳୁଛନ୍ତି ଡାନା ରିଜନିସ୍ ଓଜୋଲା।

# ଜାପାନଠାରୁ ହାରିଲା ଭାରତ

**ତାଶକେଣ୍ଟ,୨୬।୧୦(ପି.ଟି.)**

ତାଶକେଣ୍ଟର ଲୋକୋମୋଟିଭ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ୍ ଟୁର୍ନାମେଣ୍ଟରେ ଜାପାନ ଠାରୁ ଶୋଚନୀୟ ଭାବରେ ପରାସ୍ତ ହୋଇଛି ଭାରତ। ପ୍ରଥମ ମ୍ୟାଚ୍‌ରେ ଜାପାନ ଭାରତକୁ ୭-୦ ଗୋଲରେ ପରାସ୍ତ କରିଛି। ଭାରତୀୟ ମହିଳା ଦଳର ମୁଖ୍ୟ କୋଚ୍ ୫-୩-୨ ଆଟାକ୍‌ରେ ଓହ୍ଲାଇଥିଲେ। ୫ ଡିଫେଣ୍ଡରଙ୍କ ଭାରତୀୟ ଦଳ ପ୍ରଥମାର୍ଦ୍ଧରେ ଜାପାନର ଆକ୍ରମଣକୁ ପ୍ରତିହତ କରି ମାତ୍ର ଗୋଟିଏ ଗୋଲ ବରଣ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଜାପାନ ଘନ ଘନ ଆକ୍ରମଣ କରିବା ସହ ୬ଟି ଗୋଲ ଦେଇଥିଲା। ୧୭ ତମ ମିନିଟରେ ଜାପାନର ୟୋଶିନୋ ନାକାଶିମା ପ୍ରଥମ ଗୋଲ ଦେଇଥିଲେ। ଏପରିକି ଗୋଲକିପର ଶ୍ରେୟା ହୁଡା ଏକାଧିକ ଶେଭ୍ ମଧ୍ୟ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଜାପାନ ଘନଘନ ଆକ୍ରମଣ କରିବା ସହିତ ଭାରତୀୟ ରକ୍ଷଣଭାଗକୁ ପରାସ୍ତ କରିଥିଲା। ଦ୍ୱିତୀୟାର୍ଦ୍ଧର ୧୧ ମିନିଟରେ ଜାପାନ ୪ ଗୋଲ ସ୍କୋର କରିଥିଲା। ମ୍ୟାଚ୍‌ର ଶେଷ ମିନିଟରେ ଭାରତ ନିକଟରେ ଗୋଟିଏ ଗୋଲ ପରିଶୋଧ କରିବାର ସୁଯୋଗ ଥିଲେ ମଧ୍ୟ ଅଞ୍ଜୁ ତମାଙ୍ଗ ସ୍କୋର କରିବାରେ ବିଫଳ ହୋଇଥିଲେ।

## ଭାରତ-ପାକିସ୍ତାନ ଉଦ୍‌ଘାଟନୀ ମୁକାବିଲା

**ଜୋହର, ୨୬।୧୦ (ପି.ଟି.)**

ଜୋହର କପ୍ ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଏଠାରେ ଶୁକ୍ରବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଚଳିତ ବର୍ଷ ପ୍ରାରମ୍ଭରେ ଜୁନିୟର ପୁରୁଷ ଏସିଆ କପ୍ ଜିତିଥିବା ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛି। ପ୍ରତିଯୋଗିତାରେ ମାଲେସିଆ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ସହ ପୁଲ୍ 'ବି'ରେ ସ୍ଥାନ ପାଇଛି ଭାରତ। ସେହିପରି ପୁଲ୍ 'ଏ'ରେ ଜର୍ମାନୀ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନ ଅଛନ୍ତି। ଗତଥରର ଜୋହର କପ୍ ଚାମ୍ପିୟନ ଭାରତ ଶେଷଥର ଜୁନ୍‌ରେ ଜୁନିୟର ଏସିଆ କପ୍ ଫାଇନାଲରେ ପାକିସ୍ତାନକୁ ଭେଟିଥିଲା। ଏଥିରେ ପଡୋଶୀ ଦେଶର ଦଳକୁ ୨-୧ ଗୋଲ୍‌ରେ ପରାସ୍ତ କରି ରେକର୍ଡ ୪ର୍ଥ ଥର ଟୁର୍ନାମେଣ୍ଟ ଜିତିଥିଲା।

# ପ୍ରାଞ୍ଜଲ ଭୂମିଜଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୨୬।୧୦**
(ତପନ ସ୍ୱାଇଁ)

ଆସାମର ପ୍ରାଞ୍ଜଲ ଭୂମିଜ ଓଡ଼ିଶା ଏଫ୍‌ସି ସହ ଚୁକ୍ତି କରିଛନ୍ତି। ସେ ଚଳିତ ବର୍ଷ ଶେଷ ପର୍ଯ୍ୟନ୍ତ ଓଏଫ୍‌ସି ପକ୍ଷରୁ ଖେଳିବେ ଏବଂ ଆବଶ୍ୟକସ୍ଥଳେ ତାଙ୍କ ଚୁକ୍ତିକୁ ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଡିଏସ୍‌କେ ଶିବାଜିଆନ୍ସର ସୃଷ୍ଟି ପ୍ରାଞ୍ଜଲ ଆଇ-ଲିଗ୍‌ରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷରେ ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ଶିଲଂ ଲାଜଂ ବିପକ୍ଷରେ ସେ ପ୍ରଥମ ଗୋଲ କରିଥିଲେ। ଏହି ମ୍ୟାଚରେ ଡିଏସ୍‌କେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଜଣେ ଭର୍ସାଟାଇଲ ଏବଂ ପ୍ରତିଭା ସମ୍ପନ୍ନ ୱିଙ୍ଗରଭାବେ ପରିଚିତ ପ୍ରାଞ୍ଜଲ ୨୦୧୭ରେ ଡେଭଲପମେଣ୍ଟାଲ ପ୍ଲେୟରଭାବେ ମୁମ୍ବାଇ ସିଟି ଏଫ୍‌ସି ସହ ଚୁକ୍ତି କରିଥିଲେ। ଏବେ ପର୍ଯ୍ୟନ୍ତ ସେ ସେହି ଦଳ ପକ୍ଷରୁ ଖେଳି ଆସୁଥିଲେ। ପ୍ରାଞ୍ଜଲଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି ସମ୍ପର୍କରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା କହିଛନ୍ତି ଯେ, "ମୁମ୍ବାଇ ସିଟି ଏଫ୍‌ସିର କୋଚ୍ ଥିବାବେଳେ ମୁଁ ତାଙ୍କୁ ଭଲଭାବେ ଜାଣିଛି। ଏଠାରେ ଆମ ଚିନ୍ତାଧାରା ସହ ସେ ଖୁବ୍ ଶିଘ୍ର ଖାପଖୁଆଇବା ନେଇ ଆଶା ରହିଛି। ଆମେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା କ୍ଷେତ୍ରରେ ସେ ସହାୟକ ହୋଇପାରିବେ''। ସହକାରୀ କୋଚ୍ ଫ୍ଲୟଡ ପିଣ୍ଟୋଙ୍କ ସହ ତାଙ୍କର ସ୍ୱତନ୍ତ୍ର ସମ୍ପର୍କକୁ ମନେ ପକାଇଛନ୍ତି ପ୍ରାଞ୍ଜଲ। ୨୦୧୭ରେ ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ପାଇଁ ପ୍ରାଞ୍ଜଲଙ୍କୁ ପିଣ୍ଟୋ ଜାତୀୟ ଦଳରେ ସାମିଲ କରିଥିଲେ। ଭୁଟାନରେ ନେପାଳ ବିପକ୍ଷରେ ଏହି ଆସାମୀଜ୍ ୱିଙ୍ଗ୍‌ର ଜାତୀୟ ଦଳ ପକ୍ଷରୁ ପଦାର୍ପଣ କରିଥିଲେ।




ପ୍ରାଞ୍ଜଲ ଭୂମିଜ



ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଉଇକେଟ ନେବାପରେ ଉଲ୍ଲସିତ ଶ୍ରୀଲଙ୍କାର ଲାହିରୁ କୁମାରା।

# ଇଂଲଣ୍ଡର ଲଜ୍ଜାଜନକ ପରାଜୟ

## ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କାର କ୍ରମାଗତ ୫ମ ବିଜୟ

**ବେଙ୍ଗାଲୁରୁ, ୨୬।୧୦**

ବ୍ୟାଟିଂ ଓ ବୋଲିଂ ସବୁଥିରେ ବିଫଳ ହୋଇ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଦିନିକିଆ କ୍ରିକେଟ ବିଶ୍ୱକପରେ ଲଜ୍ଜାଜନକ ପରାଜୟ ବରଣ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଶ୍ରୀଲଙ୍କା ନିକଟରୁ ୮ ଉଇକେଟରେ ପରାସ୍ତ ହୋଇଛି। ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମର ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ଜୋଶ୍ ବଟଲରଙ୍କ ଦଳ ୩୩.୨ ଓଭରରେ ମାତ୍ର ୧୫୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଶ୍ରୀଲଙ୍କା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ପଥୁମ ନିଶଙ୍କା ଓ ସଦିରା ସମରବିକ୍ରମାଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୨୫.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ନେଇଥିଲା। ଚମତ୍କାର ବୋଲିଂ କରି ନିଜ ୭ ଓଭର ସ୍ପେଲ୍‌ରେ ୩୫ ରନ ଦେଇ ୩ଟି ଉଇକେଟ ନେଇଥିବା ଶ୍ରୀଲଙ୍କାର ଲାହିରୁ କୁମାରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କାର ଏହାଥିଲା କ୍ରମାଗତ ୫ମ ବିଜୟ।

### ପ୍ରତ୍ୟାବର୍ତ୍ତନରେ ମାଥ୍ୟୁସ ପ୍ରଭାବୀ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ଜନି ବେୟାରଷ୍ଟୋ ଓ ଦାଭିଦ ମଲନ ଦଳକୁ ଭଲ ଆରମ୍ଭ ମଧ୍ୟ ଦେଇଥିଲେ। ୩୯ ବଲ୍‌ରୁ ୪୫ ରନ ସଂଗ୍ରହ ପରେ ଓପନିଂ ଯୋଡ଼ି ଭାଙ୍ଗିବା ସହ ଇଂଲଣ୍ଡ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଆରମ୍ଭରୁ ଶ୍ରୀଲଙ୍କା ବିଶ୍ୱକପ ଦଳରେ ସାମିଲ ନ ଥିବା ଆଞ୍ଜେଲୋ ମାଥ୍ୟୁସ ବଦଳ ଖେଳାଳିଭାବେ ଏଠାରେ ପ୍ରଥମ ମ୍ୟାଚ ଖେଳି ଖୁବ୍ ପ୍ରଭାବୀ ରହିଥିଲେ। ୭ମ ଓଭରର ତୃତୀୟ ବଲ୍‌ରେ ସେ ମଲନଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ଯେଉଁ ବ୍ରେକ୍ ଥ୍ରୁ ଦେଇଥିଲେ ତାହା ବୋନସଭଳି କାମ ଦେଇଥିଲା। ଅର୍ଥାତ୍ ଏହାପରେ ଶ୍ରୀଲଙ୍କା ମ୍ୟାଚକୁ ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ମଲନ ୨୫ ବଲ୍‌ରୁ ୨୮ (୬ ଚୌକା) ରନ କରିଥିଲେ। ନିର୍ଭରଯୋଗ୍ୟ ଜୋ ରୁଟ୍ ମାତ୍ର ୩ ରନକରି ରନ୍‌ଆଉଟ ହୋଇଥିବାବେଳେ ଆତ୍ମବିଶ୍ୱାସର ସହ ଖେଳୁଥିବା ବେୟାରଷ୍ଟୋ ୩୧ ବଲ୍‌ରୁ ୩୦ ରନ କରିଥିବାବେଳେ କସୁନ ରଜିଥାଙ୍କ ପ୍ରଥମ ଶିକାର ହୋଇଥିଲେ। ମିଡିଲ ଅର୍ଡରରେ କେବଳ ବେନ୍ ଷ୍ଟୋକ୍ସଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଶ୍ରୀଲଙ୍କା ବୋଲରଙ୍କୁ ଅଧିକ ସମୟ ସାମ୍ନା କରିପାରି ନ ଥିଲେ। ଅଧିନାୟକ ଜୋଶ୍ ବଟଲର ୮, ଲିଆମ ଲିଭିଂଷ୍ଟୋନ ୧ ଓ ମୋଇନ ଅଲୀ ୧୫ ରନକରି ପ୍ୟାଭିଲିୟନ ଫେରିଥିଲେ। ଡେଭିଡ ୱିଲି ୧୪ ରନକରି ଅପରାଜିତ ରହିଥିଲେ। ୭୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଷ୍ଟୋକ୍ସ ୬ ଚୌକା ସହାୟତାରେ ସର୍ବାଧିକ ୪୩ ରନ କରିଥିଲେ। ଶ୍ରୀଲଙ୍କା ମୁଖ୍ୟ ଦଳରେ ଖେଳାଳି ଆହତ ଜନିତ ସମସ୍ୟା ଯୋଗୁ ବିଳମ୍ବରେ ସାମିଲ ହୋଇଥିବା ମାଥ୍ୟୁସ ଚମତ୍କାର ବୋଲିଂ କରିଥିଲେ। ସେ ନିଜ ୫ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେଇ ମାତ୍ର ୧୪ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡର ମିଡିଲ ଅର୍ଡର ବିପର୍ଯ୍ୟୟ ଘଟାଇଥିବା ଲାହିରୁ କୁମାରା ସର୍ବାଧିକ ୩ଟି ଏବଂ କସୁନ ରଜିଥା ୨ଟି ଉଇକେଟ ନେଇଥିଲେ। ମହିଶ ଥିକସାନାଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

| ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କାର ୫ ବିଜୟ |
| --- |
| ୨୦୦୭: ଶ୍ରୀଲଙ୍କା ୨ ରନ୍‌ରେ ବିଜୟୀ |
| ୨୦୧୧: ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟୀ |
| ୨୦୧୫: ଶ୍ରୀଲଙ୍କା ୯ ଉଇକେଟରେ ବିଜୟୀ |
| ୨୦୧୯: ଶ୍ରୀଲଙ୍କା ୨୦ ରନ୍‌ରେ ବିଜୟୀ |
| ୨୦୨୩: ଶ୍ରୀଲଙ୍କା ୮ ଉଇକେଟରେ ବିଜୟୀ। |



ଆଉଟ ହେବାପରେ ଦୁଃଖାଭିଭୂତ ଇଂଲଣ୍ଡ ଅଧିନାୟକ ଜୋଶ୍ ବଟଲର।



ଅପରାଜିତ ଅର୍ଦ୍ଧଶତକ ଅବସରରେ ପଥୁମ ନିଶଙ୍କା।

### ଶତକୀୟ ଭାଗୀଦାରି

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ ଶ୍ରୀଲଙ୍କା ମାତ୍ର ୨୩ ରନ ମଧ୍ୟରେ କୁସାଲ ପେରେରା (୪) ଓ ଅଧିନାୟକ କୁସାଲ ମେଣ୍ଡିସ (୧୧)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ନସଙ୍କା ଓ ସମରବିକ୍ରମା ଚାପର ବଶବର୍ତ୍ତୀ ନ ହୋଇ ଶ୍ରୀଲଙ୍କାକୁ ସହଜ ବିଜୟ ପ୍ରଦାନ କରିଥିଲେ। ଦୁହେଁ ଅସମାପ୍ତ ତୃତୀୟ ଉଇକେଟ ଯୋଡ଼ିରେ ୧୨୨ ବଲ୍‌ରୁ ୧୩୭ ରନର ଭାଗୀଦାରି ଗଢ଼ିଥିଲେ। ଚିନ୍ନାସ୍ୱାମୀ ପିଚ୍‌ରେ କିପରି ବ୍ୟାଟିଂ କରିବାକୁ ହୁଏ ତାହାର ନମୁନା ଏହି ଦୁଇ ବ୍ୟାଟର ଦେଖାଇଥିଲେ। ନିସଙ୍କା ୮୩ ବଲ୍‌ରୁ ୭୭ (୭ ଚୌକା, ୨ ଛକା) ଓ ସମରବିକ୍ରମା ୫୪ ବଲ୍‌ରୁ ୬୫ (୭ ଚୌକା, ୧ ଛକା) ରନକରି ଅପରାଜିତ ରହିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଡେଭିଡ ୱିଲି ୨ଟି ଯାକ ଉଇକେଟ ନେଇଥିଲେ। ପାଖାପାଖି ୨୫ ଓଭର ବାକିଥାଇ ବିଜୟୀ ହୋଇଥିବାରୁ ଶ୍ରୀଲଙ୍କା ଏହାର ରନ୍‌ହାରରେ ମଧ୍ୟ ଉନ୍ନତି ଆଣିଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୩୩.୨ ଓଭରରେ ୧୫୬/ଅଲ୍‌ଆଉଟ (ବେନ୍ ଷ୍ଟୋକ୍ସ–୪୩, ଜନି ବେୟାରଷ୍ଟୋ–୩୦, ଦାଭିଦ ମଲନ–୨୮, ଲାହିରୁ କୁମାରା–୩/୩୫, ଆଞ୍ଜେଲୋ ମାଥ୍ୟୁସ–୨/୧୪, କସୁନ ରଜିଥା–୨/୩୬, ମହିଶ ଥିକସାନା–୧/୨୧)। ଶ୍ରୀଲଙ୍କା ୨୫.୪ ଓଭରରେ ୧୬୦/୨ (ପଥୁମ ନିଶଙ୍କା–୭୭*, ସଦିରା ସମରବିକ୍ରମା–୬୫*, ଡେଭିଡ ୱିଲି–୨/୩୦)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
| --- | --- | --- | --- | --- | --- |
| ଭାରତ | ୫ | ୫ | ୦ | ୧୦ | +୧.୩୫୩ |
| ଦକ୍ଷିଣ ଆଫ୍ରିକା | ୫ | ୪ | ୧ | ୮ | +୨.୩୭୦ |
| ନ୍ୟୁଜିଲାଣ୍ଡ | ୫ | ୪ | ୧ | ୮ | +୧.୪୮୧ |
| ଅଷ୍ଟ୍ରେଲିଆ | ୫ | ୩ | ୨ | ୬ | +୧.୧୪୨ |
| ଶ୍ରୀଲଙ୍କା | ୫ | ୨ | ୩ | ୪ | −୦.୨୦୫ |
| ପାକିସ୍ତାନ | ୫ | ୨ | ୩ | ୪ | −୦.୪୦୦ |
| ଆଫଗାନିସ୍ତାନ | ୫ | ୨ | ୩ | ୪ | −୦.୯୬୯ |
| ବାଂଲାଦେଶ | ୫ | ୧ | ୪ | ୨ | −୧.୨୫୩ |
| ଇଂଲଣ୍ଡ | ୫ | ୧ | ୪ | ୨ | −୧.୬୩୪ |
| ନେଦରଲାଣ୍ଡ୍ସ | ୫ | ୧ | ୪ | ୨ | −୧.୯୦୨ |

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# କର ବା ମର ସ୍ଥିତିରେ ପାକିସ୍ତାନ

**ଚେନ୍ନାଇ, ୨୬।୧୦ (ପି.ଟି.)**

ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ପାଇଁ କର ବା ମର ପରିସ୍ଥିତି। ଶୁକ୍ରବାର ଦଳ ଦକ୍ଷିଣ ଆଫ୍ରିକା ସହିତ ମ୍ୟାଚ ଖେଳିବାକୁ ଯାଉଥିବା ବେଳେ ପାକିସ୍ତାନ ଓ ବାବର ଆଜମଙ୍କ ପାଇଁ ସଙ୍କଟ ବଢ଼ିବାରେ ଲାଗିଛି। ଏହି ମ୍ୟାଚ୍‌ରେ ପରାଜିତ ହେଲେ ପାକିସ୍ତାନର ବିଶ୍ୱକପ୍‌ରୁ ବିଦାୟ ନେବାର ରାସ୍ତା ପ୍ରଶସ୍ତ ହୋଇଯିବ। ତେବେ ଏହା ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ବାବରଙ୍କ ଅଧିନାୟକତ୍ୱକୁ ନେଇ ଯେଉଁ ବୟାନ ଆସିଛି ତାହା ଖେଳାଳିଙ୍କ ମନୋବଳକୁ ଦୁର୍ବଳ କରିଦେବ। ଏହି ମ୍ୟାଚ୍‌ରେ ବିଜୟୀ ହେବା ନେଇ ଦଳ ଉପରେ ଚାପ ରହିଥିବା ବେଳେ ଏହାର ପ୍ରଦର୍ଶନ ଟୁର୍ନାମେଣ୍ଟରେ ଦଳର ଭବିଷ୍ୟତ ନିର୍ଦ୍ଧାରଣ କରିବ। ପାକିସ୍ତାନ ବର୍ତ୍ତମାନ ଏହାର ସମସ୍ତ ୪ ମ୍ୟାଚ୍ ଜିତିବା ସହିତ ଅଷ୍ଟ୍ରେଲିଆ ୨ ମ୍ୟାଚ୍ ହାରିଲେ ହିଁ ପାକିସ୍ତାନ ପାଖରେ ଆଗକୁ ଯିବାର ସୁଯୋଗ ରହିବ। କାଗଜ କଲମରେ ଏହି ସମୀକରଣ ସମ୍ଭବ ଲାଗୁଥିଲେ ହେଁ ବାସ୍ତବରେ ଏହାର ସମ୍ଭାବନା କଷ୍ଟସାଧ୍ୟ। ପାକିସ୍ତାନ ଦଳ ଚାପରେ ହିଁ ଭଲ ପ୍ରଦର୍ଶନ କରିଥାଏ। ୧୯୯୨ ବିଶ୍ୱକପ୍ ଏହାର ପ୍ରକୃଷ୍ଟ ଉଦାହରଣ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ଚମତ୍କାର ଫର୍ମରେ ନଜର ଆସିଛି। କ୍ୱିଣ୍ଟନ୍ ଡି'କକ୍ ଓ ହେନ୍‌ରିଚ୍ କ୍ଲାସେନ୍ ଏକାକୀ କୌଣସି ମ୍ୟାଚ୍‌ର ଫଳାଫଳ ପରିବର୍ତ୍ତନ କରିବାରେ ସମର୍ଥ। ଉଭୟ ଖେଳାଳି ଚଳିତ ଟୁର୍ନାମେଣ୍ଟରେ ଜବରଦସ୍ତ ଫର୍ମରେ ରହିଛନ୍ତି। ଅନ୍ୟପକ୍ଷରେ ଏଡେନ୍ ମାକ୍ରମ୍ ମଧ୍ୟ ନିୟମିତ ସ୍କୋର କରିବାରେ ସଫଳ ହୋଇଛନ୍ତି। କେବଳ ଧର୍ମଶାଳାରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚକୁ ବାଦ୍ ଦେଲେ ଅନ୍ୟ କୌଣସି ମ୍ୟାଚ୍‌ରେ ଦଳ ବିଫଳ ହୋଇ ନାହିଁ। ଅସୁସ୍ଥତା କାରଣରୁ ବାଦ୍ ପଡିଥିବା ଅଧିନାୟକ ଟେମ୍ବା ବଭୁମା ସୁସ୍ଥ ହୋଇଥିବା ବେଳେ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଏହା ସହିତ ଚେନ୍ନାଇରେ ବିଗତ କିଛିଦିନ ଧରି ଥିବାରୁ ଏହା ପାକିସ୍ତାନକୁ ମନସ୍ତାତ୍ତ୍ୱିକ ଫାଇଦା ପ୍ରଦାନ କରିବ। ଦକ୍ଷିଣ ଆଫ୍ରିକା ନିକଟରେ ଭଲ ସ୍ପିନର ରହିଥିବା ବେଳେ ଏହା ଚେନ୍ନାଇର ଧିମା ଟ୍ରାକର ଫାଇଦା ଉଠାଇ ପାରିବ। ତେବେ ପାକିସ୍ତାନର ଦୁର୍ବଳ ସ୍ପିନ୍ ଆକ୍ରମଣ ଏହାକୁ ସଙ୍କଟରେ ପକାଇବ। ଶଦାବ ଖାଁ ଅନ୍ତିମ ମ୍ୟାଚରେ ବିଫଳ ହୋଇଥିବାରୁ ତାଙ୍କ ସ୍ଥାନରେ ମହମ୍ମଦ ନୱାଜ ଖେଳିପାରନ୍ତି। ତେବେ ଉଭୟ ଦଳର ବ୍ୟାଟିଂ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ଦକ୍ଷିଣ ଆଫ୍ରିକାର ଖେଳାଳି ମାନେ ୧୫୫ ଚୌକା ଓ ୫୯ ଛକା ମାରିଥିବା ବେଳେ ପାକିସ୍ତାନ ବ୍ୟାଟରମାନେ ୧୩୬ ଚୌକା ଓ ୨୪ ଛକା ମାରିବାରେ ସମର୍ଥ ହୋଇଛନ୍ତି।



ଚେନ୍ନାଇରେ ଗୁରୁବାର ପାକିସ୍ତାନ କ୍ରିକେଟ ଦଳର ଅଭ୍ୟାସ।



**ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ**

# ଲକ୍ଷ୍ମଣଙ୍କୁ ମିଳିପାରେ ଦାୟିତ୍ୱ

**ନୂଆଦିଲ୍ଲୀ, ୨୬।୧୦ (ପି.ଟି.)**

ଦିନିକିଆ ବିଶ୍ୱକପ୍ ଶେଷ ହେବାର ସପ୍ତାହକ ମଧ୍ୟରେ ଖେଳାଯିବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳର ଦାୟିତ୍ୱରେ ରହିପାରନ୍ତି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ଚୁକ୍ତି ବିଶ୍ୱକପ୍ ପରେ ଶେଷ ହୋଇଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିୟମାନୁସାରେ ଏହି ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରିବ। ବିସିସିଆଇ ଚାହିଁଲେ ଦ୍ରାବିଡଙ୍କୁ ଏହି ପଦବୀ ଲାଗି ପୁନଃ ଆବେଦନ କରିବା ଲାଗି ଅନୁରୋଧ କରିପାରିବ। ୫୧ ବର୍ଷୀୟ ପୂର୍ବତନ ଭାରତ ଅଧିନାୟକ ଜାତୀୟ ଦଳର ମୁଖ୍ୟ କୋଚ୍ ପଦବୀରେ ପୁଣି ରହିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି କି ନା ତାହା କୌତୂହଳପୂର୍ଣ୍ଣ। କାରଣ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ବ୍ୟାପକ ଗସ୍ତକ୍ରମ ସହ ଚାପରେ ରହିବାକୁ ହୋଇଥାଏ। ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ଭଳି ଆଇପିଏଲ୍ ଦଳର କୋଚ୍ ରହିଥିବା ଦ୍ରାବିଡ ସମ୍ଭବତଃ ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେଉଥିବା ଟି୨୦ ଲିଗ୍‌କୁ ଫେରିପାରନ୍ତି। ବିଶ୍ୱକପ୍ ସମୟରେ ଭାରତୀୟ ଦଳକୁ ବହୁ ମ୍ୟାଚ ଖେଳିବା ସହ ୧୦,୦୦୦ କିଲୋମିଟରରୁ ଅଧିକ ବାଟ ଯାତ୍ରା କରିବ। ତେଣୁ ବିଶ୍ୱକପ୍ ପରେ ଦ୍ରାବିଡଙ୍କ ସମେତ ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କୁ ଯଥେଷ୍ଟ ବିଶ୍ରାମ ନେବା ଆବଶ୍ୟକ। ଦ୍ରାବିଡଙ୍କ ଅନୁପସ୍ଥିତିରେ ତାଙ୍କ ସ୍ଥାନରେ ଭିଭିଏସ୍ ଲକ୍ଷ୍ମଣ ସବୁବେଳେ ଦାୟିତ୍ୱ ତୁଲାଇ ଆସିଛନ୍ତି। ତେଣୁ ବିଶ୍ୱକପ୍ ପରେ ମଧ୍ୟ ତାହା ଘଟିପାରେ। ଯଦି ସାନି ଦରଖାସ୍ତ ଆହ୍ୱାନ କରିବାକୁ ପଡ଼େ ତେବେ ଏନ୍‌ସିଏର ମୁଖ୍ୟ ହିସାବରେ ଲକ୍ଷଣ ମୁଖ୍ୟ କୋଚ୍ ପଦବୀ ପାଇଁ ଦୃଢ ଦାବିଦାର ହେବେ। ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ ଏବଂ ଏସିଆନ ଗେମ୍ସରେ ଭାରତୀୟ ଦଳ ପକ୍ଷରୁ ଖେଳିଥିବା ଅଧିକାଂଶ ଖେଳାଳି ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ ପାଇଁ ଦଳରେ ସ୍ଥାନ ପାଇବେ। ଆଗକୁ ଦକ୍ଷିଣ ଆଫ୍ରିକା ଟୁର୍ ରହିଥିବା ଦୃଷ୍ଟିରୁ ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ. ରାହୁଲ ଏବଂ ଯଶପ୍ରୀତ ବୁମ୍‌ରାଙ୍କ ଭଳି ଖେଳାଳିଙ୍କୁ ନିହାତି ବିଶ୍ରାମ ଦରକାର। ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ନଭେମ୍ବର ୨୩ରୁ ବିଶାଖାପାଟଣାରେ ଆରମ୍ଭ ହେବ। ଲକ୍ଷ୍ମଣ ଯଦି ମୁଖ୍ୟ କୋଚ୍ ହୁଅନ୍ତି ତେବେ ସୀତାଂଶୁ କୋଟାକ ବ୍ୟାଟିଂ କୋଚ୍ ଦାୟିତ୍ୱରେ ରହିବେ ବୋଲି ଆଶା କରାଯାଏ। ସୀତାଂଶୁ ଭାରତ 'ଏ' ଦଳର କୋଚ୍ ହେବେ ବୋଲି ଆଶା କରାଯାଉଛି।

# ପଦକ ହାସଲରେ ଭାରତର ରେକର୍ଡ



କୋଚ୍ ଶିବପ୍ରସାଦ ଦାସ (ମଝି)ଙ୍କ ସହ ପ୍ରମୋଦ ଭଗତ ଓ ମନୀଷା ରାମଦାସ।

**ହାଙ୍ଗଝୋ, ୨୬।୧୦(ପି.ଟି.)**

ଏସିଆନ ପାରା ଗେମ୍ସ ଶେଷ ହେବାକୁ ଆଉ ୨ ଦିନ ବାକି ରହିଥିବାବେଳେ ଭାରତୀୟ ପାରା ଆଥ୍‌ଲେଟମାନେ ଅଧିକ ସଂଖ୍ୟାରେ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଇତିମଧ୍ୟରେ ସେମାନେ ୧୮ ସ୍ୱର୍ଣ୍ଣ ସମେତ ୮୨ ପଦକ ହାସଲ କରିସାରିଲେଣି। ଏହା ପୂର୍ବରୁ ଇଣ୍ଡୋନେସିଆରେ ଅନୁଷ୍ଠିତ ୨୦୧୮ ସଂସ୍କରଣରେ ଶ୍ରେଷ୍ଠ ପ୍ରଦର୍ଶନ ସହ ୭୨ ପଦକ ଲାଭ କରିଥିଲା। ଏଥର ପ୍ରତିଯୋଗିତାର ୪ର୍ଥ ଦିନ ସୁଦ୍ଧା ଭାରତ ୧୮ ସ୍ୱର୍ଣ୍ଣ ବ୍ୟତୀତ ୨୩ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ଲାଭ କରିପାରିଛି। ହାଙ୍ଗଝୋ ସଂସ୍କରଣରେ ଆଉ ଦୁଇ ଦିନ ମଧ୍ୟରେ ଭାରତର ପଦକ ସଂଖ୍ୟା ୧୦୦ରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଜାକର୍ତ୍ତାରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ୭୨ ପଦକ (୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୩ ବ୍ରୋଞ୍ଜ) ହାସଲ କରିଥିଲା। ଗୁରୁବାର ସଚିନ ସାରଜେରାଓ ଖିଲାରି ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପୁରୁଷ ଏଫ୍‌୪୬ ଶଟ୍‌ପୁଟ୍‌ରେ ଆଣିଦେଇଥିଲେ। ସେ ୧୬.୦୩ ମିଟର ଥ୍ରୋ କରି ଗେମ୍ସ ରେକର୍ଡ କରିଥିବା ବେଳେ ରୋହିତ କୁମାର ୧୪.୫୬ ମିଟର ସହ ବ୍ରୋଞ୍ଜ ପାଇଛନ୍ତି। ପରେ ପାରା ଶୁଟର ସିଦ୍ଧାର୍ଥ ବାବୁ ଆର୬ ମିକ୍ସଡ ୫୦ ମିଟର ରାଇଫଲ ପ୍ରୋନ୍ ଏସ୍‌ଏଚ୍-୧ ଇଭେଣ୍ଟରେ ୨୪୭.୭ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିଲେ। ଶିତଲ ଦେବୀ ଓ ରାକେଶ କୁମାରଙ୍କୁ ନେଇ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଚାଇନାର ଲିନ୍ ୟୁଶାନ ଓ ଅଲ ଜିନ୍‌ଲିଆଙ୍ଗଙ୍କୁ ୧୫୧-୧୪୯ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତର ଆଦିଲ ମହମଦ ନାଜିର ଆନସାରୀ ଓ ନବୀନ ଦଲାଲ ଆହୁରି ମଧ୍ୟ ପୁରୁଷ ତୀରନ୍ଦାଜୀ ଡବଲ୍ସ ଡବ୍ଲ୍ୟୁ-୧ ଇଭେଣ୍ଟରେ କାଜାଖ

**ଏସିଆନ ପାରା ଗେମ୍ସ**

ଯୋଡ଼ି ନୁର୍ଶାତ ତୋଲେଉକାସିମଙ୍କୁ ୧୨୫-୧୨୦ ବ୍ୟବଧାନରେ ପରାସ୍ତ କରି ଏକ ବ୍ରୋଞ୍ଜ ଜିତିଛନ୍ତି। ପାରା ବ୍ୟାଡ୍‌ମିଣ୍ଟନରେ ପ୍ରମୋଦ ଭଗତ/ସୁକାନ୍ତ ଇନ୍ଦୁକାନ୍ତ କଦମ (ପୁରୁଷ ଡବଲ୍ସ ଏସ୍‌ଏଲ୩-ଏସ୍‌ଏଲ୪), ସୁକାନ୍ତ ଇନ୍ଦୁକାନ୍ତ କଦମ (ପୁରୁଷ ସିଙ୍ଗଲ୍ସ ଏସଏଲ-୪), ସିଭାନ ନିଥ୍ୟା ସୁମାଥି (ମହିଳା ସିଙ୍ଗଲ୍ସ ଏସ୍‌ଏଚ୍-୬), ମନୀଷା ରାମଦାସ (ମହିଳା ସିଙ୍ଗଲ୍ସ ଏସୟୁ-୫), ମନଦୀପ କୌର/ମନୀଷା ରାମଦାସ (ମହିଳା ଡବଲ୍ସ ଏସ୍‌ଏଲ୍ ୩-ଏସୟୁ-୫), କ୍ରିଷ୍ଣା ନାଗର/ଶିବରଞ୍ଜନ ସୋଲାଇମାଲାଇ (ପୁରୁଷ ଡବଲ୍ସ ଏସ୍‌ଏଚ୍୬) ପ୍ରମୁଖ ସେମାନଙ୍କ ସେମିଫାଇନାଲ ହାରି ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ମହିଳା ଚେସ୍ ବ୍ୟକ୍ତିଗତ ଷ୍ଟାଣ୍ଡାର୍ଡ ୬-ବି୧ ଇଭେଣ୍ଟରେ ହିମାଂଶୀ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି।

## ପ୍ରମୋଦ-ସୁକାନ୍ତ ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୬।୧୦ (ତପନ ସ୍ୱାଇଁ):** ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ପାରା ଗେମ୍ସର ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ସାଥିକରି ଖେଳିଥିବା ଓଡ଼ିଶାର ପ୍ରମୋଦ ଭଗତଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ପ୍ରମୋଦ-ସୁକାନ୍ତ ଯୋଡି ଇଣ୍ଡୋନେସିଆର ଦ୍ୱିକୋ ଓ ଫେଦି ସେତିଆୱାନଙ୍କଠାରୁ ୨୨-୨୦, ୨୧-୨୩, ୧୨-୨୧ରେ ପରାସ୍ତ ହୋଇଛନ୍ତି। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରମୋଦ ଓ ସୁକାନ୍ତଙ୍କ ଯୋଡ଼ି ପ୍ରଥମ ସେଟ୍ ଜିତିଥିଲେ ମଧ୍ୟ ତାହା ବଜାୟ ରଖି ନ ପାରି ପରାଜିତ ହୋଇଥିଲେ। ପୂର୍ବରୁ ମିକ୍ସଡ ଡବଲ୍ସ ଇଭେଣ୍ଟରେ ମଧ୍ୟ ମନୀଷା ରାମଦାସଙ୍କୁ ସାଥିକରି ଖେଳିଥିବା ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ